ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୦/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, August 20/2023 Page 16 ₹ 7.00 | RAYAGADA

୪୯ଶ ଭାଗ ୨୬୫ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 49 ISSUE 265 ମୂଲ୍ୟ ₹୭/-





KP GROUP
Quality Since 1965
KAMLA PASAND
SILVER COATED ELAICHI
KAMLA PASAND
Anokha Swad
KP GROUP
Quality Since 1965
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME (INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at:
YouTube

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୦/୨୦୨୩ | Bhubaneswar, Sunday, August 20/2023 | ପୃଷ୍ଠା-୧




**କୋଚିଂ ଦେବେ ସର୍ଦ୍ଦାର ସିଂ**

ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ସବ୍ ଜୁନିୟର ପୁରୁଷ ହକି ଦଳର କ୍ୟାମ୍ପରେ କୋଚିଂ ଦେବେ ପୂର୍ବତନ ଖେଳାଳି ସର୍ଦ୍ଦାର ସିଂ।

୧୪

୧୦

**ଇମ୍ରାନ୍‌ଙ୍କୁ ଜେଲରେ ବିଷ ଦିଆଯାଇପାରେ: ବୁଶ୍ରା**

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ଜେଲରେ ବିଷ ଦିଆଯାଇପାରେ ବୋଲି ତାଙ୍କ ସ୍ତ୍ରୀ ବୁଶ୍ରା ବିବି ଆଶଙ୍କା କରିଛନ୍ତି।






ଭାରତରେ ହେବାକୁ ଥିବା ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ୨୦୨୩ ନିମନ୍ତେ ଶନିବାର ଗୁରୁଗ୍ରାମରେ ମାସ୍କଟ ଲଞ୍ଚ ଅବସରରେ କ୍ରିକେଟର ଶେଫାଳି ବର୍ମା(ବାମ) ଓ ଯଶ ଧୁଲ୍।

# ଉଡାନ୍ ଯୋଜନା ବିଫଳ

- **୯୩% ରୁଟ୍‌ରେ କାମ କରୁନାହିଁ: ସିଏଜି ରିପୋର୍ଟ**
- **ମୋଦି ସରକାରଙ୍କ ମିଛ ଧରାପଡ଼ିଲା: ଖାର୍ଗେ**

**ନୂଆଦିଲ୍ଲୀ, ୧୯।୮**

ଦେଶର ବିଭିନ୍ନ ଅଞ୍ଚଳକୁ ବିମାନ ସେବା ଯୋଗାଇଦେବା ଲାଗି ଉଡାନ୍ (ଉଡେ ଦେଶ କା ଆମ୍ ନାଗରିକ) ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। କେନ୍ଦ୍ରର ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ୯୩ ପ୍ରତିଶତ ରୁଟ୍‌ରେ କାମ କରୁ ନ ଥିବା ସିଏଜି ରିପୋର୍ଟରୁ ଜଣାପଡ଼ିଛି। ୨୦୧୬ ଅକ୍ଟୋବର ୨୧ରେ ଉଡାନ୍ ଯୋଜନା ଆରମ୍ଭ ହୋଇଥିଲା। ଟାୟାର-୨ ଏବଂ ଟାୟାର-୩ ମହାନଗର ଓ ସହରଗୁଡ଼ିକୁ ଆକାଶପଥରେ ସଂଯୋଗ କରିବା ସହ ସାଧାରଣ ନାଗରିକଙ୍କୁ ସ୍ୱଳ୍ପ ମୂଲ୍ୟରେ ଏହି ସେବା ଉପଲବ୍ଧ କରାଇବା ଉକ୍ତ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସ୍ଲିପର ପିନ୍ଧୁଥିବା ଲୋକେ ବିମାନରେ ଉଡ଼ିବେ ବୋଲି ମୋଦି ସରକାର ସେତେବେଳେ ପ୍ରତିଶ୍ରୁତି ଦେଇଥିଲେ, ଯାହା ଅନ୍ୟ ପ୍ରତିଶ୍ରୁତି ଭଳି ପୂରଣ ହୋଇପାରିନାହିଁ। ଏପରିକି ଏୟାରଲାଇନ୍ସଗୁଡ଼ିକର ନିରପେକ୍ଷ ଅଡିଟ୍ କରାଯାଇ ନାହିଁ। ବହୁ ପ୍ରଚାରିତ ହେଲିକପ୍ଟର ସେବା ବନ୍ଦ ରହିଛି।

ସିଏଜି (କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ)ଙ୍କ ରିପୋର୍ଟରୁ ଉଡାନ ଯୋଜନାର ବିଫଳତା ଜଣାପଡ଼ିବା ପରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସରକାରଙ୍କ ଆଉ ଏକ ମିଥ୍ୟା ପ୍ରତିଶ୍ରୁତି ଓ ଜୁମ୍‌ଲା ପଦାରେ ପଡ଼ିଥିବା ସେ କହିଛନ୍ତି। ଦେଶବାସୀ ଉଡାନ୍ ପରିବର୍ତ୍ତେ ମିଥ୍ୟା ଓ ଜୁମଲା ପାଇଛନ୍ତି। ପ୍ରତିଶ୍ରୁତି ପୂରଣ କରିପାରୁ ନ ଥିବା ବର୍ତ୍ତମାନର ଅକ୍ଷମ ସରକାରଙ୍କୁ ଦେଶବାସୀ କଦାପି କ୍ଷମା ଦେବେ ନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି।

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ସମୟରେ ସିଏଜି ରିପୋର୍ଟ ଗୃହରେ ଉପସ୍ଥାପନ କରାଯାଇଥିଲା। ଏଥିରୁ କେବଳ ଉଡାନ୍ ବିଫଳତା ସାମ୍‌ନାକୁ ଆସିନାହିଁ, ଭାଜପା ନେତୃତ୍ୱାଧୀନ ସରକାରରେ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକରେ ବ୍ୟାପକ ଦୁର୍ନୀତି ହୋଇଥିବା ରିପୋର୍ଟ ଦର୍ଶାଇଛି। ଭାରତମାଳା ପରିଯୋଜନା ଫେଜ୍-୧ ଅଧୀନରେ ଜାତୀୟ ରାଜପଥ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଛି। ଟେଣ୍ଡର ପ୍ରକ୍ରିୟାରେ ନିୟମର ଉଲ୍ଲଂଘନ କରାଯାଇ ଟେଣ୍ଡର କିମ୍ବା ବିଡ୍ ସର୍ତ୍ତାବଳୀ ପୂରଣ କରୁ ନ ଥିବା ବିଫଳ ବିଡରମାନଙ୍କୁ ଜାଲ୍ ଦସ୍ତାବିଜ୍ ଆଧାରରେ ପ୍ରୋଜେକ୍ଟ କାର୍ଯ୍ୟ ପାଇଁ ଚୟନ କରାଯାଇ କାମ ଦିଆଯାଇଥିଲା ବୋଲି ରିପୋର୍ଟରୁ ଜଣାପଡ଼ିଛି। ଦ୍ୱାରକା ଏକ୍ସପ୍ରେସ୍‌ୱେ ପ୍ରୋଜେକ୍ଟରେ ଅଟକଳଠାରୁ ବହୁ ଅଧିକ ଅର୍ଥ ବ୍ୟୟ ହୋଇଛି। ଏକ୍ସପ୍ରେସ୍ ୱେ ନିର୍ମାଣ ଲାଗି କିଲୋମିଟର ପିଛା ୧୮.୨୦ କୋଟି ଟଙ୍କା ବ୍ୟୟକୁ ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ଅନୁମୋଦନ କରିଥିବାବେଳେ ହରିୟାଣାରେ ଏକ କ୍ୟାରେଜୱେ ନିର୍ମାଣ ଲାଗି ଏନ୍‌ଏଚ୍‌ଏଆଇର ନିଷ୍ପତ୍ତି ଯୋଗୁ କିଲୋମିଟର ପିଛା ଖର୍ଚ୍ଚ ୧୫୦.୭୭ କୋଟି ଟଙ୍କାକୁ ବଢ଼ିଯାଇଥିଲା। ସେହିପରି ଦିଲ୍ଲୀ ବଡୋଦରା ଏକ୍ସପ୍ରେସ୍‌ୱେ ପାଇଁ ଏନ୍‌ଏଚ୍‌ଏଆଇ ବୋର୍ଡ ୩୨,୮୩୯ କୋଟି ଟଙ୍କା ମଞ୍ଜୁର କରିଥିଲା ଯାହା ଭାରତମାଳା-୧ ପରିଯୋଜନା ପାଇଁ କ୍ୟାବିନେଟ କମିଟିର ଅନୁମୋଦନ ପାଇ ନ ଥିଲା ବୋଲି ସିଏଜି ରିପୋର୍ଟରୁ ଜଣାପଡ଼ିଛି।

ସେହିପରି ବିନା ମଞ୍ଜୁରୀରେ ରେଳ ମନ୍ତ୍ରଣାଳୟ ସରକାରୀ ପାଣ୍ଠି ବିନିଯୋଗ କରିଥିବା ଅଡିଟ୍‌ରୁ ଜଣାପଡ଼ିଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ ମନ୍ତ୍ରଣାଳୟ ୧,୯୩୭ଟି ଘଟଣାରେ ମୋଟ ୨୩,୮୮୫.୪୭ କୋଟି ଟଙ୍କା ବିନା ମଞ୍ଜୁରୀରେ ବ୍ୟୟ କରିଛି। ସେହିପରି ୨୦୨୦-୨୧ ଆର୍ଥିକ ବର୍ଷରେ ☞ପୃଷ୍ଠା-୨

# କଳାପତାକା ପରେ କାଳିମାଡ଼

## ୫-ଟି ସଚିବଙ୍କୁ ବିରୋଧ ବଢୁଛି

**ସାକ୍ଷୀଗୋପାଳ, ୧୯।୮**
**(କିଶୋର ମହାପାତ୍ର/ ପ୍ରଶାନ୍ତ ବେହେରା)**

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ତାଙ୍କ ବ୍ୟକ୍ତିଗତ (୫-ଟି) ସଚିବ ଭି.କେ. ପାଣ୍ଡିଆନ୍ ରାଜ୍ୟର ବିଭିନ୍ନ ଜିଲା ଗସ୍ତକରି ଲୋକଙ୍କଠାରୁ ଅଭିଯୋଗ ଗ୍ରହଣ କରୁଛନ୍ତି। ହେଲେ ପାଣ୍ଡିଆନ୍‌ଙ୍କ ଏଭଳି ଗସ୍ତକୁ ବିଭିନ୍ନ ମହଲରୁ ବିରୋଧ ହେଉଛି। ପୂର୍ବରୁ ୫-ଟି ସଚିବଙ୍କ ଗସ୍ତ ସମୟରେ ତାଙ୍କ କାର୍‌କେଡ୍‌କୁ ଅଣ୍ଡାମାଡ଼, କଳାପତାକା ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ହେଲେ ଶନିବାର ପୁରୀ ଜିଲା ସତ୍ୟବାଦୀ ନିର୍ବାଚନମଣ୍ଡଳୀ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ(ୟୁଜିଏସ୍‌ଏମ୍) ଖେଳ ପଡ଼ିଆରେ ଏକ ସମାବେଶରେ ଯୋଗ ଦେବାକୁ ଯାଉଥିବା ସମୟରେ ଜଣେ ବ୍ୟକ୍ତି ପାଣ୍ଡିଆନ୍‌ଙ୍କ ଉପରକୁ କାଳିମାଡ଼ କରିଛନ୍ତି। ଏପରି କି ତାଙ୍କ ସହ ଥିବା ପୁରୀ ଜିଲାପାଳ ସମର୍ଥ ବର୍ମାଙ୍କୁ ମଧ କାଳିମାଡ଼ କରାଯାଇଛି। କାଳିମାଡ଼ କରିଥିବା ଭାସ୍କର ସାହୁଙ୍କୁ ପୋଲିସ ତୁରନ୍ତ ନିଜ ହେପାଜତକୁ ନେଇଛି। ଏହି ଘଟଣାକୁ ନେଇ ଏବେ ରାଜନୈତିକ ଆରୋପ ପ୍ରତ୍ୟାରୋପ ବଢ଼ିବାରେ ଲାଗିଛି।



ଶନିବାର ସତ୍ୟବାଦୀର ୟୁଜିଏସ୍‌ଏମ୍ ଖେଳ ପଡ଼ିଆରେ ଏକ ବିଶାଳ ଜନ ସମାବେଶକୁ ସମ୍ବୋଧିତ କରିବା ପାଇଁ ୫-ଟି ସଚିବ ପଣ୍ଡିଆନଙ୍କ କାର୍ଯ୍ୟକ୍ରମ ରହିଥିଲା। ଏଥିପାଇଁ ଜିଲା ପ୍ରଶାସନ ଓ ଅନ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଦିନରାତି ଏକକରି କାର୍ଯ୍ୟକ୍ରମକୁ ସଫଳ କରିବାକୁ ଚେଷ୍ଟା କରିଥିଲେ। ପୁରୀ କାର୍ଯ୍ୟକ୍ରମ ସାରି ଅପରାହ୍ନ ୧ଘଟିକା ୫୫ମିନିଟ୍‌ରେ ୫-ଟି ସଚିବ ପାଣ୍ଡିଆନ କଲେଜକୁ ପ୍ରବେଶ କରିଥିଲେ। ସଚିବଙ୍କ କାର ସଭା ମଞ୍ଚଠାରୁ ୨୦୦ ଫୁଟ ଦୂରରେ ଅଟକିଥିଲା। କାର୍‌ରୁ ପାଣ୍ଡିଆନ୍ ବାହାରି ଚାଲିଚାଲି ବାରିକେଡ୍‌ର ଡାହାଣ ପାର୍ଶ୍ୱରେ ଠିଆ ହୋଇଥିବା ମହିଳାଙ୍କ ଠାରୁ ସ୍ୱାଗତ ସହ ବିଭିନ୍ନ ଦାବିପତ୍ର ଗ୍ରହଣ କରିଥିଲେ। ସେହିପରି ଅପରପାର୍ଶ୍ୱରେ ଉପସ୍ଥିତ ଲୋକଙ୍କ ସହ କରମର୍ଦ୍ଦନ କରି ସଭାମଞ୍ଚକୁ ଆସୁଥିବା ସମୟରେ କଣାସ ଅଡାଲ ପଞ୍ଚାୟତ ହରିପୁର ଗ୍ରାମର ଭାସ୍କର ସାହୁ ୪ଇଞ୍ଚର ଏକ ପ୍ଲାଷ୍ଟିକ କାଳି ବୋତଲ ଧରି ପ୍ରଥମେ ସଚିବଙ୍କ ☞ପୃଷ୍ଠା-୨

# ଝାରସୁଗୁଡ଼ା ଡିଏଚ୍‌ଏଚ୍‌ରେ ଶିଶୁ ବଦଳ ଅଭିଯୋଗ

**ସମ୍ବଲପୁର, ୧୯।୮ (ଶୁଭାଶିଷ ପାଢ଼ୀ)**

ଝାରସୁଗୁଡ଼ା ଜିଲା ମୁଖ୍ୟ ଡାକ୍ତରଖାନା (ଡିଏଚ୍‌ଏଚ୍)ରେ ଶନିବାର ଏକ ନବଜାତ ଶିଶୁ ବଦଳ ନେଇ ଅଭିଯୋଗ ହୋଇଛି। ବ୍ରଜରାଜନଗର ରାମପୁରର ଦମ୍ପତି ରାଜକୁମାର ଗିରି ଓ ସ୍ତ୍ରୀ ଦୀପାଞ୍ଜଳିଙ୍କ ଅଭିଯୋଗକ୍ରମେ ପିଲା ଜନ୍ମହେବା ସମୟରେ ପୁଅ ହୋଇଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଥିଲା। ହେଲେ ଘଣ୍ଟାକ ପରେ ମେଡିକାଲ ଷ୍ଟାଫ୍ ଗ୍ରହଣ ଖଣ୍ଡିଆ ଏକ ଶିଶୁ କନ୍ୟାକୁ ଆଣି ଦେଇଥିଲେ। ଆମ ପୁଅକୁ ନ ଦେବା ପର୍ଯ୍ୟନ୍ତ ମେଡିକାଲ ଛାଡ଼ିବାର ପ୍ରଶ୍ନ ଉଠୁନାହିଁ। ଡିଏନ୍‌ଏ ପରୀକ୍ଷା କରାଯାଇ ସତ୍ୟାସତ୍ୟ ସାମ୍‌ନାକୁ ଅଣାଯାଉ ବୋଲି ସେମାନେ ଦାବି କରିଥିଲେ। ଅନ୍ୟପକ୍ଷେ ସିଡିଏମ୍‌ଓ ଡୋଲାମଣି ପଟେଲ କହିଛନ୍ତି, ଏହି ଘଟଣାର ତଦନ୍ତ କରାଯାଉଛି। ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ।

ସୂଚନା ଅନୁସାରେ, ରାଜକୁମାର ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ତାଙ୍କ ସ୍ତ୍ରୀ ଦୀପାଞ୍ଜଳିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିଛି ସମୟ ପରେ ପ୍ରସବ ପାଇଁ ଦୀପାଞ୍ଜଳିଙ୍କ ଚିକିତ୍ସା ଆରମ୍ଭ ହୋଇଥିଲା। ଅପରାହ୍ନ ପ୍ରାୟ ୪ଟା ସମୟରେ ସେ ଶୌଚଯିବା ପାଇଁ ସ୍ତ୍ରୀ ଓ ପ୍ରସୂତି ବିଭାଗର ପାଇଖାନାକୁ ଯାଇଥିଲେ। ଶୌଚଯାଇ ଫେରିବା ସମୟରେ ପାଇଖାନା ସମ୍ମୁଖରେ ପିଲା ଜନ୍ମ ଦେଇଥିଲେ। ରାଜକୁମାରଙ୍କଠାରୁ ☞ପୃଷ୍ଠା-୨

# ଲେହରେ ଗଡ଼ିବ ହାଇଡ୍ରୋଜେନ୍ ବସ୍

## ଦେଶରେ ପ୍ରଥମ

**ନୂଆଦିଲ୍ଲୀ, ୧୯।୮**

ଭାରତର ପ୍ରଥମ ହାଇଡ୍ରୋଜେନ୍ ଚାଳିତ ବସ୍ ସେବା ଲେହରୁ ଆରମ୍ଭ ହେବ। ଏହାର ପ୍ରଥମ ବ୍ୟବସାୟିକ ପରୀକ୍ଷଣ ଇତିମଧ୍ୟରେ ଆରମ୍ଭ ହୋଇଛି। ଦେଶର ସର୍ବବୃହତ ଶକ୍ତି ଉତ୍ପାଦନକାରୀ ସଂସ୍ଥା ଜାତୀୟ ତାପଜ ବିଦ୍ୟୁତ୍ ନିଗମ(ଏନ୍‌ଟିପିସି) ଏହି ଯୋଜନାରେ ସହରାଞ୍ଚଳ ପରିବହନ ସେବା ପାଇଁ ଲେହ ପ୍ରଶାସନକୁ ୫ଟି ହାଇଡ୍ରୋଜେନ ଚାଳିତ ବସ୍ ପ୍ରଦାନ କରିଛି। ୧.୭ ମେଗାୱାଟ ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ କଲାଭଳି ଏକ ସୋଲାର ପ୍ଲାଣ୍ଟ ମଧ ଏହି ସଂସ୍ଥା ନିର୍ମାଣ କରିଛି।




ଏଠାରୁ ହାଇଡ୍ରୋଜନ୍ ଚାଳିତ ବସ୍‌ଗୁଡ଼ିକ ଲାଗି ଇନ୍ଧନ ଯୋଗାଯିବ। ଏହାର ଭିତ୍ତିଭୂମି ନିର୍ମାଣ ଲାଗି ଲେହ ପ୍ରଶାସନ ୭.୫ ଏକର ଜମି ଲିଜ୍ ସୂତ୍ରରେ ନେଇଛନ୍ତି। ଅଶୋକ ଲେଲାଣ୍ଡ କମ୍ପାନୀ ଏହି ବସ୍‌ଗୁଡ଼ିକୁ ଯୋଗାଇଛି। ପ୍ରତ୍ୟେକ ବସ୍ ମୂଲ୍ୟ ୨.୫ କୋଟି ଟଙ୍କା ରହିଛି। ଏହି ବସ୍‌ଗୁଡ଼ିକର ଯାତ୍ରୀ ଭଡ଼ା ଡିଜେଲ୍ ଚାଳିତ ବସ୍ ସହ ସମାନ ରହିଛି। ଏହି ବସ୍ ସେବା ପରିଚାଳନାରେ ଯଦି କିଛି କ୍ଷତି ଘଟେ ତେବେ ସେହି କ୍ଷତିକୁ ଏନ୍‌ଟିପିସି ଭରଣା କରିବ ବୋଲି କମ୍ପାନୀର ଜଣେ ଅଧିକାରୀ କହିଛନ୍ତି। ସ୍ୱାଧୀନତା ଦିବସ ଅବସରରେ ଏହି ସେବା ଆରମ୍ଭ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
ଭାରତରେ ଦଙ୍ଗା





Sonet
Undeniably Wild

The SUV that's wild by design, now comes with peace of mind. So why wait, when you can take home the Sonet of your dreams completely worry free.




Call 1800 108 5000 | 093195 91407 | www.kia.com/in | Book Kia Sonet | Look for "Kia India" @

**T&C Apply. *Service inclusion as per periodic maintenance schedule defined in the owner's manual under normal driving conditions and applicable up to 3 years/30 000 kms whichever is earlier. #Limited Period Offer. 3-year standard warranty & 2-year extended warranty. ^Offerings are applicable as per T&C applicable of select partners and conditions may vary for retail individual and non-individual customers. Final loan disbursement is at sole discretion of the financer without any recourse to Kia India Pvt. Ltd. (formerly known as Kia Motors India Pvt. Ltd.). ~Front and Side Airbags. ^^The tests of protection from Virus & Bacteria are conducted with a defined process under particular circumstances in a controlled environment and the results may vary. The product shown is for representation purposes only. Actual features, colors and specifications may not be part of standard fitment and may vary. Kia India Pvt. Ltd. reserves the right to make any changes with respect to the trims, colors, specifications, and other details of any model as mentioned or to modify/discontinue any offer/scheme/service without prior notice. For more details, visit your nearest Kia dealership. Kia urges you to follow traffic rules. These are meant to keep you safe on roads.

FOR INFORMATION CONTACT: BHUBANESHWAR: CENTRAL KIA, PH: 7440004288, ROURKELA: KRISHNA KIA, PH: 7852941115, BALASORE: BASANTI KIA, PH: 7077732182, SAMBALPUR: CENTRAL KIA, PH: 7440004263, ANGUL: CENTRAL KIA, PH: 740002918

INNOCEAN-060/23

**ଆଜିର ମନ୍ତବ୍ୟ**

ଦେଶର ସାମ୍ବିଧାନିକ ସଂସ୍ଥାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଭାଜପା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ନିଜ ଲୋକଙ୍କୁ ଥଇଥାନ କରୁଛନ୍ତି।
-ରାହୁଲ ଗାନ୍ଧୀ, କଂଗ୍ରେସ ନେତା



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛାଇତଳିଆ ବେଉଷା,**
**ଛୋକାରୁଣୀ ମାଇପିଙ୍କ ଓଷା,**
**ପାଣିବୁହାନ୍ତିଙ୍କ ମୁଣ୍ଡରେ ଖୋଷା,**
**ମନ୍ଦ ଏ।**

ଅନ୍ଧାରୁଆ ଜାଗାରେ ବେପାର ବଣିଜ କରିବା ସେତେଟା ଲାଭଜନକ ହୋଇ ନ ଥାଏ। ଆଚରଣରେ ତଥା ଉଚ୍ଚାରଣରେ ଅଶ୍ଳୀଳତା ପ୍ରଦର୍ଶନ କରୁଥିବା ମହିଳା ଓଷାବ୍ରତ କରିବାରେ ଲାଭ କିଛି ମିଳିନଥାଏ। ସେହିପରି ମୁଣ୍ଡରେ ପାଣି ବୋହୁଥିବା ମହିଳାଙ୍କ ପକ୍ଷେ ମୁଣ୍ଡରେ ଖୋଷା ପାରିବାରେ କୌଣସି ଯଥାର୍ଥତା ରହି ନ ଥାଏ। ବାସ୍ତବ କ୍ଷେତ୍ରରେ ଏସବୁ ମନ୍ଦ ସାବ୍ୟସ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛୋଟ ଲୋକ ବଡ଼ ପଦ ପାଏ,**
**ହଗି ଗଲେ ଗୀତ ଗାଏ।**

ସାଧାରଣତଃ ନୀଚ ସ୍ତରର ଲୋକ ଉଚ୍ଚ ପଦବୀରେ ଅଧିଷ୍ଠିତ ହେଲେ ଗର୍ବରେ ଫାଟି ପଡ଼ନ୍ତି। ସ୍ଥାନ, କାଳ ଓ ପାତ୍ରକୁ ସେମାନେ ଆଦୌ ଖାତିର କରନ୍ତି ନାହିଁ ବୋଲି ଏଠାରେ ଦର୍ଶାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ରାସ୍ତା ଖରାପ: ଷ୍ଟ୍ରେଚରରେ ହସ୍ପିଟାଲ ଯାଇ ମୃତ



ରୋଗୀଙ୍କୁ ଷ୍ଟ୍ରେଚରରେ ବୋହି ନିଆଯାଉଛି।

**କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ)/ ଢେଙ୍କିକୋଟ (ନୀଳମଣି ମଣ୍ଡଳ)୧୯।୮**

### ଗୃହରକ୍ଷୀଙ୍କୁ ସାପ କାମୁଡ଼ିଥିଲା

ସରକାର ବିକାଶକୁ ନେଇ ଡିଣ୍ଡିମ ପିଟୁଛନ୍ତି। ଗ୍ରାମଠୁ ସହର ପକ୍କା ରାସ୍ତା ପାଇଁ ଅନେକ କୋଟି ଖର୍ଚ୍ଚ ହେଉଛି। ମାତ୍ର ଏବେବି ଅନେକ ଗ୍ରାମାଞ୍ଚଳକୁ ଭଲ ରାସ୍ତା ନାହିଁ। ଫଳରେ ଲୋକେ ଜରୁରୀକାଳୀନ ସେବା ପାଇ ନ ପାରି ଅକାଳରେ ଜୀବନ ହରାଉଛନ୍ତି। ଏଭଳି ଅଭିଯୋଗ ଆସିଛି କେନ୍ଦୁଝର ଜିଲା ଘଟଗାଁ ବ୍ଲକ ସନ୍ତରାପୁର ଅଞ୍ଚଳରେ। ଗ୍ରାମକୁ ଆମ୍ବୁଲାନ୍ସ ନ ପହଞ୍ଚି ପାରିବାରୁ ସାପକାମୁଡ଼ାରେ ଗୁରୁତର ହୋଇଥିବା ଜଣେ ଗୃହରକ୍ଷୀଙ୍କୁ ୧ କି.ମି. ପର୍ଯ୍ୟନ୍ତ ଷ୍ଟ୍ରେଚ୍‌ରରେ ବୁହାଯାଇଥିଲା। ଚିକିତ୍ସାଳୟରେ ପହଞ୍ଚିବା ପରେ ତାଙ୍କର ମୃତ୍ୟୁ ହୋଇଯାଇଛି। ସନ୍ତରାପୁର ପଞ୍ଚାୟତ ପରାଭା ସାହିର ପରମାନନ୍ଦ ମହାନ୍ତ (୩୨) ପୋଲିସ ବିଭାଗରେ ଗୃହରକ୍ଷୀ ଭାବେ କାର୍ଯ୍ୟ କରନ୍ତି। ଶୁକ୍ରବାର ରାତିରେ ସେ ଖାଇସାରି ଘରେ ଶୋଇଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ତାଙ୍କୁ ତୁରନ୍ତ ଚିକିତ୍ସା ଆବଶ୍ୟକତା ଥିବାରୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଗାଁ ରାସ୍ତା ଖରାପ ଥିବାରୁ ଗାଁଠାରୁ ୧ କିଲୋମିଟର ଦୂରରେ ଆମ୍ବୁଲାନ୍ସ ଅଟକିଥିଲା। ରୋଗୀଙ୍କୁ ବାଧ୍ୟ ହୋଇ ଷ୍ଟ୍ରେଚର୍‌ରେ ବୋହି ଆମ୍ବୁଲାନ୍ସ ପାଖକୁ ନିଆଯାଇଥିଲା। ତେବେ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚିବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଭାଇ ଭୀମସେନ ମହାନ୍ତ କହିଛନ୍ତି। ଖବର ପାଇ ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧିକାରୀ ତରଣୀସେନ ବାଗ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା( ନଂ. ୫୨/୨୩) ରୁଜୁ ହୋଇଛି।

# ମହାନଦୀରେ ହେବ ୨ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକ୍ଚର

**ସୋନପୁର,୧୯।୮(ମୃତ୍ୟୁଞ୍ଜୟ ଶତପଥୀ)**

ମହାନଦୀର ଖଇରମାଳ ଓ ଗୋଧନେଶ୍ୱର ନିକଟରେ ବହୁ ପ୍ରତୀକ୍ଷିତ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକ୍ଚର ନିର୍ମାଣ ହେବ। ଏହି ୨ ପ୍ରକଳ୍ପ ପାଇଁ ପ୍ରାୟ ୧୯୫୦ କୋଟି ଟଙ୍କା ବ୍ୟୟ କରାଯିବ। ଜଳ ସମ୍ପଦ ବିଭାଗର ଏ ସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ ସରକାର ଶୁକ୍ରବାର ଅନୁମୋଦନ କରିଛନ୍ତି। ଖୁବ୍‌ଶୀଘ୍ର ଏହି ୨ ପ୍ରକଳ୍ପ ପାଇଁ ରାଜ୍ୟ ଜଳ ସମ୍ପଦ ବିଭାଗ ଟେଣ୍ଡର ଆହ୍ୱାନ କରିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ମହାନଦୀ ଗର୍ଭରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାବାସୀଙ୍କ ପାଇଁ ଅପାର ସମ୍ଭାବନା ସୃଷ୍ଟି କରିବ। ଉପରମୁଣ୍ଡରେ ଛତିଶଗଡ଼ ସରକାର ଏକାଧିକ ବ୍ୟାରେଜ ନିର୍ମାଣ କରିବା ପରେ ଓଡ଼ିଶାର ଜୀବନରେଖା ମହାନଦୀରେ ଅଣମୌସୁମୀ ସମୟରେ ଜଳପ୍ରବାହ ଯଥେଷ୍ଟ ହ୍ରାସ ପାଇଥିଲା। ତେଣୁ ମହାନଦୀ ଓ ଶାଖା ନଦୀଗୁଡ଼ିକରେ ଜଳ ଉପଯୋଗ ଯୋଜନାକୁ ନେଇ ପୂର୍ବରୁ ଓଡ଼ିଶା ସରକାର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଥିଲେ। ଓଡ଼ିଶା ସରକାରଙ୍କ ପକ୍ଷରୁ ମହାନଦୀରେ ଏକାଧିକ ବ୍ୟାରେଜ ନିର୍ମାଣ ପାଇଁ ୨୦୧୭ରେ ବିଧିବଦ୍ଧ ଭାବେ ନିଷ୍ପତ୍ତି ନିଆଯାଇଥିଲା। ପ୍ରାଥମିକ ସ୍ତରରେ ସର୍ଭେ ପରେ ଟେକ୍ନିକାଲ ଆଡଭାଇଜର କମିଟି(ଟିଏସି)ରେ ଅନୁମୋଦନ ମଧ୍ୟ ମିଳିଥିଲା। ତେବେ କୌଣସି କାରଣରୁ ଏହା ବିଳମ୍ବ ହୋଇଥିଲା। ସୋନପୁର ବିଧାୟକ ତଥା ତତ୍କାଳୀନ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଉପସ୍ଥାପନ କରିଥିବା ବଜେଟରେ ସୁବର୍ଣ୍ଣପୁର ଜିଲାର ଗୋଧନେଶ୍ୱର ଓ ବୌଦ୍ଧ ଜିଲାର ଖଇରମାଳ ବ୍ୟାରେଜ ନିର୍ମାଣ ସମ୍ପର୍କରେ ଘୋଷଣା କରିଥିଲେ। ମହାନଦୀ ଓ ତେଲନଦୀର ସଙ୍ଗମସ୍ଥଳ ସୋନପୁର ସହର ରାମେଶ୍ୱରଠାରୁ ସାଢେ ୩ କି.ମି. ଦୂର ବୌଦ୍ଧ ଜିଲାର ଖଇରମାଳରେ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକ୍ଚର ନିର୍ମାଣ ପାଇଁ ବୌଦ୍ଧ ଜଳ ସମ୍ପଦ ବିଭାଗ ପକ୍ଷରୁ ୯୨୫କୋଟି ୫୯ଲକ୍ଷ ଟଙ୍କାର ଡିପିଆର୍ ପ୍ରସ୍ତୁତ ହୋଇଥିଲା। ସେହିପରି ସୁବର୍ଣ୍ଣପୁର ଜିଲା ସଦର ମହକୁମାଠାରୁ ୨୦ କି.ମି. ଦୂର ବୀରମହାରାଜପୁର ବ୍ଲକର ଗୋଧନେଶ୍ୱରରେ ପ୍ରକଳ୍ପ ନିର୍ମାଣ ପାଇଁ ୧୦୨୪କୋଟି ୮୧ଲକ୍ଷ ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଛି। ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଏ ସମ୍ପର୍କିତ ପ୍ରସ୍ତାବ ପ୍ରଶାସନିକ ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କୁ ଗତ ମେ ୨୨ ତାରିଖରେ ପଠାଇଥିଲେ। ତେବେ ପ୍ରକଳ୍ପ ପାଇଁ ପ୍ରଶାସନିକ ଅନୁମୋଦନ ମିଳିବାରେ ବିଳମ୍ବ ହୋଇଥିଲା। ଗତ ଜୁଲାଇ ୪ରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଦିନିକିଆ ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସିଥିଲେ। ପାଣ୍ଡିଆନ୍ ମହାନଦୀ ଓ ତେଲନଦୀର ସଙ୍ଗମସ୍ଥଳ ରାମେଶ୍ୱରକୁ ଯାଇ ପ୍ରସ୍ତାବିତ ଖଇରମାଳ ପ୍ରକଳ୍ପ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ପ୍ରକଳ୍ପ ପାଇଁ ଶୀଘ୍ର ପ୍ରଶାସନିକ ଅନୁମୋଦନ ମିଳିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଗତ ୧୮ ତାରିଖରେ ସରକାରଙ୍କ ଅନୁମୋଦନ ପରେ ଇପିସି(ଇଞ୍ଜିନିୟରିଂ ପ୍ରୋକ୍ୟୁରମେଣ୍ଟ ଆଣ୍ଡ କନ୍‌ଷ୍ଟ୍ରକ୍ସନ) କଣ୍ଟ୍ରାକ୍ଟ ବେସିସ୍‌ରେ ଟେଣ୍ଡର ଆହ୍ୱାନ କରାଯିବ ବୋଲି ଜଣାପଡ଼ିଛି।



ମହାନଦୀର ଖଇରମାଳରେ ପ୍ରସ୍ତାବିତ ପ୍ରକଳ୍ପ ନିର୍ମାଣ ସ୍ଥାନ।

- **ପ୍ରଶାସନିକ ଅନୁମୋଦନ ମିଳିଲା**
- **ଖର୍ଚ୍ଚ ହେବ ୧୯୫୦କୋଟି**
- **ଖୁବ୍‌ଶୀଘ୍ର ଟେଣ୍ଡର ଆହ୍ୱାନ କରିବ ଜଳ ସମ୍ପଦ ବିଭାଗ**
- **ଗୋଧନେଶ୍ୱର, ଖଇରମାଳ ପ୍ରକଳ୍ପରୁ ଉପକୃତ ହେବେ ସୁବର୍ଣ୍ଣପୁର, ବୌଦ୍ଧ ଜିଲାବାସୀ**

ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକ୍ଚରରେ ବିନା ବିସ୍ଥାପନରେ ମହାନଦୀ ଗର୍ଭରେ ବୃହତ୍ ଜଳାଶୟ ସୃଷ୍ଟି କରାଯିବା ଯୋଜନା ରହିଛି। ଗୋଧନେଶ୍ୱର ପ୍ରକଳ୍ପ ଖଇରମାଳଠାରୁ ବଡ଼ ହେବ। ମହାନଦୀ ଓ ତେଲନଦୀର ପାଣି ବର୍ଷାଦିନେ ସମୁଦ୍ରକୁ ବହିଯାଉଥିଲା। ଜଳର ଠିକ୍ ଉପଯୋଗ ହୋଇପାରୁ ନ ଥିଲା। ଖରାଦିନେ ନଦୀ ଶୁଖିଲା ପଡୁଥିଲା। ତେଣୁ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ସ୍ଥାନୀୟ ଅଞ୍ଚଳରେ ଭୂତଳ ଜଳସ୍ତର ବୃଦ୍ଧି ପାଇବା ସହ ଜଳ ସଂରକ୍ଷଣ, ପାନୀୟ ଜଳ, ମତ୍ସ୍ୟଚାଷ ସହ ଜଳ ପର୍ଯ୍ୟଟନ, ଶିଳ୍ପାନୁଷ୍ଠାନକୁ ଜଳ ଯୋଗାଣ ଓ ହୋଟେଲ ଶିଳ୍ପର ସମ୍ଭାବନା ସୃଷ୍ଟି ହେବ। ସୁବର୍ଣ୍ଣପୁର ସହର ସମେତ ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକ ଏବଂ ବୌଦ୍ଧ ଜିଲାର ବୌଦ୍ଧ ସହର, ବୌଦ୍ଧ ଓ କଣ୍ଟାମାଳ ବ୍ଲକର ଲକ୍ଷାଧିକ ଅଧିବାସୀ ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହେବେ। ପାନୀୟ ଜଳ ଚାହିଦା ପୂରଣ ସହ ମହାନଦୀ ଓ ତେଲନଦୀ ବେସିନ୍‌ରେ ନିର୍ମାଣ ହୋଇଥିବା ମେଗା ଉଠାଜଳସେଚନ ପ୍ରକଳ୍ପଗୁଡିକ ରବିଋତୁରେ ଜମିକୁ ଜଳସେଚିତ କରିପାରିବ। ଜଳ ଚାହିଦା ପୂରଣ, କୃଷିରେ ଉପଯୋଗ ଓ ସମୁଦ୍ରକୁ ବହିଯାଉଥିବା ଜଳର ସଂରକ୍ଷଣ ପାଇଁ ଏହି ପ୍ରକଳ୍ପଦ୍ୱୟ ବିଶେଷ ସହାୟକ ହେବେ ବୋଲି ଆଶା କରାଯାଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରରେ ସମସ୍ୟାର ସମାଧାନ କରି ଲକ୍ଷ୍ୟ ହାସଲରେ ସମର୍ଥ ହେବେ। ଆପଣଙ୍କୁ ଆନୁଷ୍ଠାନିକ, ସାମାଜିକ କ୍ଷେତ୍ରରେ ସାମିଲ ରହିଥିଲେ ସମ୍ମାନ ଲାଭ କରିପାରନ୍ତି। ପାଖ ପଡ଼ୋଶୀମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ସମସ୍ୟା ହିଁ ଚିନ୍ତାର ମୁଖ୍ୟ କାରଣ ହେବ। ନିଜ ଲୋକମାନଙ୍କ କାର୍ଯ୍ୟକଳାପ ଅସୁବିଧାରେ ପକାଇପାରେ।

**ବୃଷ** ସ୍ୱାର୍ଥ ହାସଲ ସକାଶେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। କନ୍ୟା ସନ୍ତାନଙ୍କ କର୍ମନିଯୁକ୍ତି କିମ୍ବା ବୈବାହିକ ସମ୍ବନ୍ଧ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଚେଷ୍ଟା କରୁଥିବା କାର୍ଯ୍ୟରେ ସଫଳତା ହାସଲ କରିବେ।

**ମିଥୁନ** କର୍ମକ୍ଷେତ୍ର ପ୍ରତି ଉଦାସୀନ ହେତୁ ସମସ୍ୟା ବଢ଼ିପାରେ। ଏକ ଭିନ୍ନ ପରିବେଶରେ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା ଚିନ୍ତିତ ରହିବାକୁ ପଡ଼ିପାରେ। ସାମାଜିକ କ୍ଷେତ୍ରରେ ଅପ୍ରିୟ ସତ୍ୟ ପ୍ରକାଶ କରି ସମସ୍ୟାଗ୍ରସ୍ତ ହୋଇ ପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ ବାରମ୍ବାର ଧୋକା ଖାଇବା ଜନିତ ଟେନ୍‌ସନ୍ ବୃଦ୍ଧି ପାଇପାରେ। ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ, ତଥାପି ସହଜରେ ଅନ୍ୟମାନଙ୍କୁ ବିଶ୍ୱାସ କରିପାରିବେ ନାହିଁ। ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ଅଭାବ ନ ଥିଲେ ମଧ୍ୟ କେତେକ ସମସ୍ୟା ମଧ୍ୟରେ ଗତି କରୁଥିବା କାରଣରୁ ମନ ଅସ୍ଥିର ରହିବ।

**ସିଂହ** ଖଳ ଲୋକଙ୍କ କଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ, କିନ୍ତୁ କ୍ଷତି ମଧ୍ୟ ହେବନି। ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ ଓ ନିଜର ଅଭିସନ୍ଧିକୁ ପୂରା କରିବେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ କରିବାରେ ଅସଫଳ ହେବେ।

**କନ୍ୟା** ନିଜ କାମ ପଛରେ ପକାଇ ପର ପାଇଁ ହଇରାଣରେ ପଡ଼ିପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଆକସ୍ମିକ ଭାବେ ବହୁ ଟଙ୍କା ଖର୍ଚ୍ଚ କରି ଦୁଃଖିତ ହେବେ। ପ୍ରତିବାଦ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ପୁରାତନ ବନ୍ଧୁଙ୍କ ସହ ଦର୍ଶନ ଯୋଗ।

**ତୁଳା** ଆଜି କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିକୁ ସଜାଡ଼ି ନେବାରେ ସମର୍ଥ ହେବେ। ଅନୁକୂଳ ଗ୍ରହସ୍ଥିତି କାରଣରୁ ଯାହା ଓ ଯେପରି ଚିନ୍ତା କରୁଛନ୍ତି ଠିକ୍ ସେପରି ହେବ। ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ଓ ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ନିଶ୍ଚିତ ମିଳିବ।

**ବିଛା** ନିର୍ଦ୍ଦିଷ୍ଟ ସମୟରେ ଯାହା ପାଇବା ପାଇଁ ଆଶା କରୁଥିବେ ତାହା ପାଇବା ମୁସ୍କିଲ ହୋଇପଡ଼ିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଯୋଗୁ ମନ ମଧ୍ୟ ଅଶାନ୍ତ ରହିପାରେ। ସାୟାହ୍ନେ ଦୀର୍ଘ ଦିନରୁ ଆଶା କରୁଥିବା ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ଆଜି ବନ୍ଧୁମାନଙ୍କ ଜରିଆରେ କୌଶଳରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ଧନୁ** ନିଜର ମାନସିକ ଅସୁସ୍ଥତା ହିଁ ସମସ୍ତ ଅସୁବିଧାର ମୂଳ କାରଣ ପାଲଟିଯିବ। ଅତି ନିକଟତମ ବ୍ୟକ୍ତିଟି ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବା ସକାଶେ ଚେଷ୍ଟା କରିପାରନ୍ତି। କାମର ଚାପ ବୃଦ୍ଧି ପାଇବା କାରଣରୁ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

**ମକର** ବନ୍ଧୁଙ୍କ ସହ ମନ କଥାକୁ ଲୁଚାଇ ସାକ୍ଷାତ୍ ଆଲୋଚନା କରିପାରନ୍ତି। ଘରୋଇ କ୍ଷେତ୍ରରେ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀଙ୍କ କ୍ରୋଧ ପରିସ୍ଥିତିକୁ ବଦଳାଇ ଦେଇପାରେ। ଦୀର୍ଘ ମିଆଦୀ ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଆଗରୁ ଦେଖାଶୁଣା ନଥିବା ଜଣେ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**କୁମ୍ଭ** ହାତକୁ ନେଇଥିବା କାମଟି ବହୁତ ବାଧାବିଘ୍ନ ମଧ୍ୟରେ ସମ୍ପନ୍ନ ହେବ। ପାରିବାରିକ କ୍ଷେତ୍ରରେ ସାଧାରଣ କଥାରେ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ବହୁତ ଦିନର କ୍ରନିକ୍ ରୋଗ ପୀଡ଼ା ଯୋଗୁ ମନ ବିଚଳିତ ହୋଇପାରେ। ଦୈହିକ ଦୁର୍ବଳତା ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ଅସହାୟ ମନେକରିପାରନ୍ତି।

**ମୀନ** ସମସ୍ୟାର ସରଳ ସମାଧାନ କାରଣରୁ ଏକ ପ୍ରକାର ଆଶ୍ୱସ୍ତି ଅନୁଭବ କରିବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ଅନୁକୂଳ ପରିବେଶରେ ସମ୍ପନ୍ନ ହୋଇଯିବ। କର୍ମକ୍ଷେତ୍ରରେ ଉଦାରତା ଗୁଣରୁ ପ୍ରଶଂସା ପାଇବେ। କଳା, ସାହିତ୍ୟ, ସଙ୍ଗୀତ, ଆଲୋଚନା, ସାମ୍ବାଦିକତା, ଚଳଚ୍ଚିତ୍ର ପ୍ରଭୃତିରୁ ପ୍ରଶଂସିତ ହେବାର ବହୁତ ସମ୍ଭାବନା ଅଛି।

ଆଜି ଶ୍ରାବଣ ଶୁଦ୍ଧଶୁକ୍ଳପକ୍ଷ ଚତୁର୍ଥୀ ରବିବାର, ଅଗଷ୍ଟ ୨୦ ତାରିଖ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ, ସଦ୍ଭାବନା ଦିବସ, ବିଶ୍ୱ ମଶକ ଦିବସ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୧ ଗତେ ଘ.୦୯।୪୩ ମଧ୍ୟେ, ଘ.୦୧।୨୪ ଗତେ ଘ.୦୧।୫୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୩୩ ଗତେ ଘ.୦୬।୦୮ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଉଡାନ୍ ଯୋଜନା ...

ରେଲୱେ ୨,୭୭୫ଟି ମାମଲାରେ ୮,୧୨୭.୯୭ କୋଟି ଟଙ୍କା ବିନା ମଞ୍ଜୁରୀରେ ବ୍ୟୟ କରିଥିବା ସିଏଜି ରିପୋର୍ଟରୁ ଜଣାପଡ଼ିଛି। ୨୦୧୮-୧୯ରୁ ୨୦୨୦-୨୧ ପର୍ଯ୍ୟନ୍ତ ସିଏଜି ରିପୋର୍ଟରେ ଅନୁରୂପ ତ୍ରୁଟି ଦର୍ଶାଯାଇଥିଲେ ମଧ୍ୟ ଏହାକୁ ରୋକିବା ଦିଗରେ ମନ୍ତ୍ରଣାଳୟ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହାକୁ ନେଇ ବିରୋଧୀ କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଭାଜପା ନେତୃତ୍ୱାଧୀନ ସରକାରଙ୍କୁ ସମାଲୋଚନା କରିବା ସହ ଦୁର୍ନୀତି ପାଇଁ ପ୍ରଧାନମନ୍ତ୍ରୀ ଉତ୍ତରଦାୟୀ ହେବାକୁ ଦାବି କରିଛନ୍ତି।

### କଳାପତାକା ପରେ ...

ମୁହଁକୁ ଫୋପାଡ଼ିଥିଲେ। ପରେ ଉକ୍ତ ବୋତଲରେ ଥିବା ଅବଶିଷ୍ଟ କାଳିକୁ ସଚିବଙ୍କ ନିକଟରେ ଥିବା ପୁରୀ ଜିଲାପାଳଙ୍କ ମୁହଁକୁ ମାଡ଼ କରି ପାଣ୍ଡିଆନ ଗୋ ବ୍ୟାକ୍, ଗୋ ବ୍ୟାକ୍ ବୋଲି ଜୋରରେ ଚିତ୍କାର କରିଥିଲେ। ଏହି ସମୟରେ ନିକଟରେ ଥିବା ୫ରୁ ୭ଜଣ ସୁରକ୍ଷା କର୍ମୀ କାଳିମାଡ଼ କରିଥିବା ଭାସ୍କରଙ୍କୁ କାବୁକରି ନେଇଥିଲେ। କାଳିମାଡ଼ରେ ସଚିବ ଓ ଜିଲାପାଳଙ୍କ ଆଖି, ପାଟି, ଦାନ୍ତ, ନାକ, କାନ ସମେତ ମୁହଁ ପୂରା କାଳି ହୋଇଯାଇଥିଲା। ଏପରି କି ଉଭୟେ ପିନ୍ଧିଥିବା ଶାର୍ଟ ମଧ୍ୟ ରଙ୍ଗ ହୋଇଯାଇଥିଲା। ଏହା ସତ୍ତ୍ୱେ ସଚିବ ସେଠାରେ ଉପସ୍ଥିତ ଲୋକଙ୍କ ସହ ମିଶି ସ୍ୱାଗତ ଗ୍ରହଣ କରିଥିଲେ। ପରେ ମଞ୍ଚ ନିକଟରେ ଥିବା ଏକ ଅସ୍ଥାୟୀ ପ୍ରକୋଷ୍ଠରେ ଉଭୟେ ପରିଷ୍କାର ହୋଇଥିଲେ। ଅପରାହ୍ନ ୨ଟା ୨୦ମିନିଟ୍‌ରେ ସଚିବ ମଞ୍ଚାସୀନ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କଥା କହିଥିଲେ। ସତ୍ୟବାଦୀରୁ ମିଳିଥିବା ସମସ୍ତ ଦାବି ଓ ଅଭିଯୋଗ ପତ୍ରକୁ ସେ ଖୁବ୍ କମ୍ ସମୟ ମଧ୍ୟରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସାକ୍ଷୀଗୋପାଳ ମନ୍ଦିର, ସ୍କୁଲ ଓ ମସ୍‌ଜିଦ୍‌କୁ ତୁରନ୍ତ ବିକାଶ ପ୍ରକ୍ରିୟାରେ ସାମିଲ କରାଯିବ ବୋଲି କହିଥିଲେ। କିଛି ଅସମ୍ପୂର୍ଣ୍ଣ ନଦୀ ବ୍ରିଜ୍ ଓ କମ୍ୟୁନିଟି ହଲ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ମହିଳା ସଙ୍ଗଠନ ନିମନ୍ତେ ସେମାନେ ଚିହ୍ନଟ କରିଥିବା ପୁରାତନ ଘରକୁ କାମ କରାଯାଇ ବ୍ଲକ ପ୍ରଶାସନ ଦ୍ୱାରା ପ୍ରଦାନ କରାଯିବ ଯେଉଁଥିରେ ସେମାନେ ବିଭିନ୍ନ ସଭା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିପାରିବେ ବୋଲି ସଚିବ ପାଣ୍ଡିଆନ୍ କହିଥିଲେ।

୫-ଟି ସଚିବଙ୍କ ଉପରକୁ କାଳିମାଡ଼ ଘଟଣା ପରେ ବିଭିନ୍ନ ରାଜନୈତିକ ଆରୋପ ଏବଂ ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ କହିଛନ୍ତି, କାଳିମାଡ଼ କରିଥିବା ଅଭିଯୁକ୍ତ ଭାସ୍କର ହେଉଛନ୍ତି ଭାଜପାର ଜଣେ ସକ୍ରିୟ କର୍ମକର୍ତ୍ତା। ସେ ସ୍ଥାନୀୟ ଭାଜପା ନେତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ସଭା ତଥା ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟକୁ ଭଣ୍ଡୁର କରିବା ପାଇଁ ଏଭଳି କାଣ୍ଡ ଘିଆଇଛନ୍ତି। ତଦନ୍ତ କରାଗଲେ ସବୁ ଜଣାପଡ଼ିଯିବ। ଏହାର ଜବାବ ରଖି ସତ୍ୟବାଦୀର ଭାଜପା ନେତା ଓମ୍ ପ୍ରକାଶ ମିଶ୍ର କହିଛନ୍ତି, ଭାସ୍କର ହେଉଛନ୍ତି କଣାସ ଅଞ୍ଚଳର ବିଜେଡିର ଜଣେ ଆଗ ଧାଡ଼ିର ସକ୍ରିୟ ନେତା। ଗତ ନିର୍ବାଚନରେ ସେ ସମିତି ସଭ୍ୟ ଟିକେଟ ନେବା ପାଇଁ ବିଧାୟକଙ୍କୁ ଅନୁରୋଧ କରିଥିଲେ। ମାତ୍ର ବିଧାୟକ ଏଥିରେ ରାଜି ନ ହେବାରୁ ସେ ସ୍ୱାଧୀନ ଭାବେ ଛିଡ଼ା ହୋଇଥିଲେ। ତେଣୁ ବିଧାୟକ ସାମନ୍ତରାୟଙ୍କ ଉପରେ ଆକ୍ରୋଶ ରଖି ଭାସ୍କର ଏଭଳି କାଣ୍ଡ କରିଥାଇପାରନ୍ତି। ଏହା ଉପରେ ତର୍ଜମା ନ କରି ନିଜ ଭୁଲକୁ ଲୁଚାଇବାକୁ ଯାଇ ବିଧାୟକ ଭାଜପା ଉପରେ ଅଯଥା ଦୋଷ ଲଦୁଛନ୍ତି। ପ୍ରକାଶ ଯେ, ପୂର୍ବରୁ ୫-ଟି ସଚିବ ପାଣ୍ଡିଆନ୍ ବୌଦ୍ଧ, ବଲାଙ୍ଗୀର, କଟକ ଜିଲା ଗସ୍ତ ସମୟରେ ବିରୋଧର ଶିକାର ହୋଇଥିଲେ। ତାଙ୍କ କାର୍‌କେଡକୁ ଅଣ୍ଡାମାଡ଼ କରାଯାଇଥିଲା। ଏପରି କି ବିରୋଧୀ ଦଳଗୁଡ଼ିକ ପକ୍ଷରୁ ବିଭିନ୍ନ ସ୍ଥାନରେ କଳାପତାକା ପ୍ରଦର୍ଶନ କରାଯାଇଥିଲା।

### କାର୍ଯ୍ୟାନୁଷ୍ଠାନ ଦାବି କଲା ଓଏଏସ୍ ଅଫିସର, କର୍ମଚାରୀ ସଂଘ

**ଭୁବନେଶ୍ୱର,୧୯।୮(ଅନିଲ ଦାସ)**

୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ କାଳିମାଡ଼ ଘଟଣାକୁ ଓଏଏସ୍ ଅଫିସର ସଂଘ ସମେତ ବିଭିନ୍ନ କର୍ମଚାରୀ ସଂଘ ପକ୍ଷରୁ ନିନ୍ଦା କରାଯିବା ସହ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ଏକ ଖବରଦତା ସମ୍ମିଳନୀରେ ରାଜ୍ୟ ଓଏଏସ୍ ସଂଘ ସଭାପତି ଜ୍ୟୋତିରଞ୍ଜନ ମିଶ୍ର ଏଭଳି ଅଶୋଭନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ଦାବି କରିଛନ୍ତି । କାଳିମାଡ଼ ଘଟଣା ଦୁର୍ଭାଗ୍ୟଜନକ । ଓଡ଼ିଶା ପ୍ରଶାସନିକ ସେବା ସଂଘ ଏହାର ଦୃଢ ନିନ୍ଦା କରୁଛି । ଏଭଳି ଆଚରଣ ଏକ ଅସୁସ୍ଥ ବାତାବରଣ ସୃଷ୍ଟି ସହ ସରକାରୀ କର୍ମଚାରୀଙ୍କୁ ଜନସେବାରେ ନିରୁତ୍ସାହିତ କରି ସେମାନଙ୍କ ମନୋବଳ କମାଇବ ବୋଲି ସେ କହିଛନ୍ତି । ସେହିପରି ଓଡ଼ିଶା ସୂଚନା ସେବା ସଂଘ ଉପସଭାପତି ସୁଚେତା ପ୍ରିୟଦର୍ଶିନୀ କହିଛନ୍ତି, କାଳିମାଡ଼ ଘଟଣାକୁ ସଂଘ ନନ୍ଦା କରୁଛି। ଏହା ଓଡ଼ିଶା ବାସୀଙ୍କୁ ଗଭୀର ଭାବେ ମର୍ମାହତ କରିଛି । ଏଭଳି ଅଶୋଭନୀୟ ଆଚରଣ ଲୋକଙ୍କ ବିକାଶ ପାଇଁ କର୍ତ୍ତବ୍ୟରତ ସରକାରୀ ଅଧିକାରୀମାନଙ୍କ ଦାୟିତ୍ୱ, କର୍ତ୍ତବ୍ୟନିଷ୍ଠା ଓ ପ୍ରତିଶ୍ରୁତିବଦ୍ଧତା ପ୍ରତି କୁଠାରଘାତ ସଦୃଶ ବୋଲି କହିଛନ୍ତି ।

### ଲେହରେ ଗଡ଼ିବ ...

ହେବାର ଥିଲା କିନ୍ତୁ ବନ୍ୟା ଏବଂ ଭୂସ୍ଖଳନ ଯୋଗୁ ଏହା ହୋଇପାରିନାହିଁ। ଗତ ଗୁରୁବାର ହାଇଡ୍ରୋଜେନ ଚାଳିତ ଏକ ବସ୍ ଲେହରେ ପହଞ୍ଚିଛି। ତେଣୁ ଏହି ସେବା ଖୁବଶୀଘ୍ର ଆରମ୍ଭ ହେବ ବୋଲି ଏନ୍‌ଟିପିସିର ଜଣେ ଅଧିକାରୀ କହିଛନ୍ତି। ୨୦୨୦ ସ୍ୱାଧୀନତା ଦିବସ ଅଭିଭାଷଣବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲଦାଖକୁ କାର୍ବନମୁକ୍ତ କରିବା ପାଇଁ କହିଥିଲେ। ଯାହା ଦୁଇବର୍ଷ ପରେ ବାସ୍ତବ ରୂପ ନେବାକୁ ଯାଉଛି। ଲଦାଖ ହିମାଳୟ ପର୍ବତମାଳା ଭଳି ଉଚ୍ଚରେ ରହିଥିଲେ ମଧ୍ୟ ସେଠାରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି। ଉତ୍ତରପୂର୍ବରେ ସିକିମ 'ଜୈବିକ ରାଜ୍ୟ' ଭାବେ ନିଜର ପରିଚୟ ସୃଷ୍ଟି କରିଥିବାବେଳେ ଲଦାଖ, ଲେହ ଏବଂ କାର୍‌ଗିଲ୍ ମଧ୍ୟ କାର୍ବନମୁକ୍ତ ଅଞ୍ଚଳ ଭାବେ ପରିଚୟ ସୃଷ୍ଟି କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଯଦିଓ ହାଇଡ୍ରୋଜେନ ଇନ୍ଧନର ସେଲ୍‌ଗୁଡ଼ିକ ଶକ୍ତି ପୁନଃ ପ୍ରକ୍ରିୟାକରଣରେ ସହାୟତା କରୁଛି ବୋଲି କୁହାଯାଉଥିଲେ ହେଁ ଏହା ଅଦ୍ୟାବଧି ବିକଶିତ ହୋଇପାରିନାହିଁ। ସେହିପରି ରିଲାଏନ୍ସ କମ୍ପାନୀ ମଧ୍ୟ ହାଇଡ୍ରୋଜେନ୍ ବସ୍ ନିର୍ମାଣ ଲାଗି ପ୍ରସ୍ତୁତ ହେଉଛି କିନ୍ତୁ ଏନ୍‌ଟିପିସି ଏହି ଯୋଜାନାରେ ଆଗୁଆ ଅଛି। ସମୁଦ୍ର ପତ୍ତନ ଠାରୁ ୧୧,୫୦୦ ଫୁଟ ଉପରେ ଏହି ଟେକ୍‌ନୋଲୋଜି ପ୍ରଥମ ଥର ଲାଗି ପରୀକ୍ଷଣ ହେବାକୁ ଯାଉଛି, ଯେଉଁଠି ବାୟୁମଣ୍ଡଳରେ ଅମ୍ଳଜାନର ମାତ୍ରା କମ୍ ରହୁଛି। ତେବେ ଏହି ସେବାର ଅସଲ ପରୀକ୍ଷା ଶୀତଋତୁରେ ହେବ ବୋଲି କୁହାଯାଉଛି। କାରଣ ସେତେବେଳେ ଏଠାରେ ତାପମାତ୍ରା ୨୦ ଡିଗ୍ରୀରୁ କମ୍ ରହିଥାଏ। କମ୍ ତାପମାତ୍ରାରେ ଏହି ବସ୍‌ଗୁଡିକର ଯନ୍ତ୍ରାଂଶ କିପରି କାମ କରିବ ତାହା ଆଗାମୀ ଦିନରେ ଜଣାପଡ଼ିବ।

### ଝାରସୁଗୁଡ଼ା ଡିଏଚ୍‌ଏଚ୍‌ରେ ...



ଝାରସୁଗୁଡ଼ା ଜିଲା ଡାକ୍ତରଖାନାରେ ରାଜକୁମାର ଗିରି ଓ ଦୀପାଞ୍ଜଳି।

ଖବର ପାଇ ନର୍ସ ଓ ଅନ୍ୟମାନେ ପହଞ୍ଚିଥିଲେ। ସେମାନେ ନବଜାତକଙ୍କୁ ଉଠାଇନେବା ସହ ଦୀପାଞ୍ଜଳିଙ୍କୁ ସଫାସୁତୁରା କରି ବେଡ୍‌କୁ ନେଇଥିଲେ। ହେଲେ ପ୍ରାୟ ଘଣ୍ଟାକ ପରେ ନର୍ସମାନେ ଏକ ନବଜାତ ଶିଶୁକନ୍ୟାକୁ ଧରି ୱାର୍ଡକୁ ଆସିଥିଲେ। ଏହାକୁ ନେଇ ରାଜକୁମାର ସନ୍ଦେହ କରିଥିଲେ। ସେ ସିଡିଏମ୍‌ଓଙ୍କ ପାଖରେ ଲିଖିତ ଅଭିଯୋଗ କରିଥିଲେ, ଜନ୍ମହେବା ସମୟରେ ନର୍ସମାନେ ପୁଅ ହୋଇଥିବା ସୂଚନା ଦେଇଥିଲେ। ହେଲେ ପରେ ଗ୍ରହଣ ଖଣ୍ଡିଆ ଏକ ଶିଶୁକନ୍ୟାକୁ ଆଣି ଏହା ତୁମର ବୋଲି କହୁଛନ୍ତି। ଆମର ପୁଅ ହୋଇଥିଲା। ସେମାନେ ପୁଅକୁ ବଦଳକରି ଶିଶୁକନ୍ୟାକୁ ଆଣିଦେଇଛନ୍ତି। ଏହାର ତଦନ୍ତ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କହିଥିଲେ। ଅନ୍ୟପଟେ ମେଡିକାଲରେ ଲାଗିଥିବା ସିସିଟିଭି ଯାଞ୍ଚ ସହ ଶୁକ୍ରବାରଠାରୁ ଯେଉଁ ପିଲା ଜନ୍ମ ହୋଇଛନ୍ତି ସେମାନଙ୍କର ଡିଏନ୍‌ଏ ପରୀକ୍ଷା କରାଗଲେ ସତ୍ୟାସତ୍ୟ ସାମ୍ନାକୁ ଆସିବ ଓ ଅଭିଯୋଗକାରୀ ଦମ୍ପତିଙ୍କୁ ନ୍ୟାୟ ମିଳିବ ବୋଲି ଆଲୋଚନା ହେଉଛି। ସୂଚନାଯୋଗ୍ୟ ଏହି ଦମ୍ପତିଙ୍କ ପୂର୍ବରୁ ଦୁଇଟି ଝିଅ ଅଛନ୍ତି। ପୁଅ ପାଇବା ଆଶାରେ ସେମାନେ ଆଉ ଏକ ସୁଯୋଗ ନେଇଥିଲେ ।

# ୮୦ ଲକ୍ଷର ହିସାବ ମିଳୁନାହିଁ

■ ଢେଙ୍କାନାଳ ପୌରସଂସ୍ଥାରେ ବଡ଼ଧରଣର କେଳେଙ୍କାରି
■ ସ୍ୱତନ୍ତ୍ର ଅଡିଟ୍ରୁ ଧରାପଡ଼ିଲା, ପଦସ୍ଥ କର୍ମଚାରୀଙ୍କ ସମ୍ପୃକ୍ତି
■ ଅଧସ୍ତନ କର୍ମଚାରୀ ଫେରାଇଲେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା

ଢେଙ୍କାନାଳ,୧୯।୮ (ରତନ ନାୟାର)

ଚଳୁ କରିଦେଲେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ଆସିଥିବା ଅର୍ଥ। ଏର୍ନେଷ୍ଟ ମନି ଡିପୋଜିଟ୍ (ଇଏମ୍ଡି) ବାବଦ ଠିକାଦାରଙ୍କ ଟଙ୍କା ବି ଖାଇଗଲେ। ଏଭଳି ବିଭିନ୍ନ ପର୍ଯ୍ୟାୟରେ ୮୦ ଲକ୍ଷ ଟଙ୍କା କେଉଁବାଟରେ ଖର୍ଚ୍ଚ ହେଲା, ତାହାର ହିସାବ ମିଳୁନାହିଁ। ଢେଙ୍କାନାଳ ସହର ଉପକଣ୍ଠରେ ଜମି ଦୁର୍ନୀତି ଘଟଣାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ଏବେ ପୌରସଂସ୍ଥାରେ ପୁଣି ଏଭଳି ଏକ କେଳେଙ୍କାରି ଆଲୋଡ଼ନ ସୃଷ୍ଟି କରିଛି। ପୌରସଂସ୍ଥାରେ ସ୍ୱତନ୍ତ୍ର ଅଡିଟ୍ରୁ ଏଭଳି ଏକ ବଡ଼ ଧରଣର ଆର୍ଥିକ ଅନିୟମିତତା ପଦାକୁ ଆସିଛି। ଏଥିରେ ଅଧସ୍ତନ କର୍ମଚାରୀଙ୍କଠାରୁ ଆରମ୍ଭ କରି ପଦସ୍ଥ ଅଧିକାରୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ ଦୃଢ଼ୀଭୂତ ହେବାରେ ଲାଗିଛି।

ପୌର ପରିଷଦ ଗଠନ ପୂର୍ବରୁ ୨୦୨୦-୨୧ ଏବଂ ୨୦୨୧-୨୨ରେ ଢେଙ୍କାନାଳ ପୌରସଂସ୍ଥାର ପ୍ରମୁଖ ରାସ୍ତା, ବିଭିନ୍ନ ୱାର୍ଡରେ ଷ୍ଟ୍ରିଟ୍ଲାଇଟ୍ ଲଗାଯାଇଥିଲା। ସେତେବେଳେ ଏକ ସଂସ୍ଥାକୁ ଏହି କାର୍ଯ୍ୟ ଲାଗି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଇଥିବା ଚର୍ଚ୍ଚା ହୋଇଥିଲା। ହେଲେ ବିଭାଗୀୟ ଅଧିକାରୀ ତଦନ୍ତ କରିବା ତ ଦୂରର କଥା ଏ ସମ୍ପର୍କରେ ମୁହଁ ମଧ୍ୟ ଖୋଲି ନ ଥିଲେ। ତେବେ ୨୦୨୨ରେ ନୂତନ ପୌର ପରିଷଦ ଗଠନ ହେବା ପରେ ଏହି କାର୍ଯ୍ୟର ସ୍ୱତନ୍ତ୍ର ଅଡିଟ୍ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ହୋଇଥିବା ତଦନ୍ତରୁ ୯ ଲକ୍ଷ ଟଙ୍କାର ଦୁର୍ନୀତି ପଦାକୁ ଆସିଥିଲା। ଏଥିରେ ଜଣେ ଅଧସ୍ତନ କର୍ମଚାରୀଙ୍କ ସମ୍ପୃକ୍ତି ରହିଥିବା ସ୍ପଷ୍ଟ ହୋଇଥିଲା। ତାଙ୍କୁ ପଚରାଉଚରା କରାଯିବା ପରେ ସେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଫେରାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।



ଢେଙ୍କାନାଳ ପୌର କାର୍ଯ୍ୟାଳୟ

## ସବୁ ଜାଣି ଅଜଣା

ଢେଙ୍କାନାଳ ପୌରସଂସ୍ଥାରେ ଷ୍ଟ୍ରିଟ୍ଲାଇଟ୍ କିଣାରେ ଦୁର୍ନୀତି ସମ୍ପର୍କରେ ବିଭାଗୀୟ ଅଧିକାରୀ ସବୁକଥା ଜାଣିଛନ୍ତି। ଏପରି କି ଏଥିରେ ସମ୍ପୃକ୍ତ ଜଣେ ତଳିଆ କର୍ମଚାରୀ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଫେରାଇଥିବା ପୌରସଂସ୍ଥାର କର୍ମଚାରୀଙ୍କ ମହଲରେ ଆଲୋଚନା ମଧ୍ୟ ହେଉଛି। ତଥାପି ପୌର କର୍ତ୍ତୃପକ୍ଷ କାହିଁକି ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପଛଘୁଞ୍ଚା ଦେଉଛନ୍ତି, ତାହା ଚର୍ଚ୍ଚାର ବିଷୟ ପାଲଟିଛି। କେଉଁ ପରିସ୍ଥିତିରେ ଏଭଳି ଏକ ବଡ଼ଧରଣର କେଳେଙ୍କାରିକୁ ଚପାଇଦେବାକୁ ଉଦ୍ୟମ ହେଉଛି ? ଏଥିରେ କୌଣସି ବାହ୍ୟ ଚାପ ଅଛି କି ? ଯଦି ପୂର୍ବ ନିର୍ବାହୀ ଅଧିକାରୀଙ୍କ ସମୟରେ ଦୁର୍ନୀତି ହୋଇଥିଲା, ଏବେ ଏହାକୁ ସାର୍ବଜନୀନ କରିବାରେ କ'ଣ ସମସ୍ୟା ରହିଛି? ଏଭଳି ଅନେକ ପ୍ରଶ୍ନ ଏବେ ଜନମାନସକୁ ଆନ୍ଦୋଳିତ କରୁଛି। ଜିଲାପାଳ ଏଥିରେ ହସ୍ତକ୍ଷେପ କରି ନିରପେକ୍ଷ ତଦନ୍ତ କଲେ ବହୁ ରହସ୍ୟ ଉନ୍ମୋଚିତ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଏହାପରେ ସହରାଞ୍ଚଳରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇଥିବା ଠିକାଦାରମାନେ ଇଏମ୍ଡି ବାବଦକୁ ଜମା କରିଥିବା ୫୧ ଲକ୍ଷ ଟଙ୍କା ପୌରସଂସ୍ଥା ଆକାଉଣ୍ଟରେ ପୈଠ ହୋଇ ନ ଥିବା ଜଣାପଡ଼ିଥିଲା। ଏହାକୁ ମଧ୍ୟ କୌଶଳକ୍ରମେ ହଡ଼ପ କରାଯାଇଛି। ଏଥିରେ ମଧ୍ୟ ସମ୍ପୃକ୍ତ କର୍ମଚାରୀଙ୍କ ହାତ ଥିବା ଜଣାପଡ଼ିଛି। ଶନିବାର ଏଥିରେ ଯୋଡ଼ିହୋଇଛି ଆଉ ଏକ ଫର୍ଦ୍ଦ। ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଲାଇଟ୍ କିଣା ବାବଦରେ ଯୋଗାଣକାରୀ ସଂସ୍ଥା ଦାଖଲ କରିଥିବା ୧୭ ଲକ୍ଷ ୫୦ ହଜାର ଟଙ୍କା ଫାଇଲ୍ରେ ଚଢ଼ି ନ ଥିବା ଜଣାପଡ଼ିଛି। ପୌର କାର୍ଯ୍ୟାଳୟର ଜଣେ କିରାଣି ଏ ସଂକ୍ରାନ୍ତରେ ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ, ଯାହାକୁ ନେଇ ନିର୍ବାହୀ ଅଧିକାରୀ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତେବେ ବିଭାଗୀୟ ପଦସ୍ଥ ଅଧିକାରୀଙ୍କ ଅଜାଣତରେ ଏତେବଡ଼ ଆର୍ଥିକ ଅନିୟମିତତା ହେବା ସମ୍ଭବ ନୁହେଁ। ବିଶେଷ କରି ପୌର ପରିଷଦ ଗଠନ ହୋଇ ନ ଥିବା ବେଳେ ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀ ଏହା ଜାଣି ନ ପାରିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଙ୍ଖାନୁପୁଙ୍ଖ ତଦନ୍ତ କରାଗଲେ ଅନେକ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀ ଧରାପଡ଼ିବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ପ୍ରତିକ୍ରିୟା ଲୋଡ଼ିବାରେ ସେ କୌଣସି ସୂଚନା ଦେବାକୁ ମନା କରିଦେଇଥିଲେ। ଏପରି କି ଏ ସମ୍ପର୍କରେ ଜାଣି ନ ଥିବା କହି ପ୍ରସଙ୍ଗ ଏଡ଼ାଇ ଯାଇଥିଲେ। ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର କୁହନ୍ତି, ଢେଙ୍କାନାଳ ପୌରସଂସ୍ଥାରେ ଏଭଳି ଅନେକ ଦୁର୍ନୀତି ହୋଇଛି। ବିଧିବଦ୍ଧ ତଦନ୍ତ କରାଗଲେ ଏହାର ରହସ୍ୟ ଉନ୍ମୋଚନ ହେବ। ଏ ନେଇ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇଛି। ଦୁର୍ନୀତିର ତଦନ୍ତ କରାଯିବ। ଯେଉଁମାନେ ଏଥିରେ ସମ୍ପୃକ୍ତ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଲାଗି ପୌରାଧ୍ୟକ୍ଷ ଦାବି କରିଛନ୍ତି।

# ବିକାଶକୁ ପ୍ରାଥମିକତା

ଅଶ୍ୱିନୀ ବୈଷ୍ଣବ



ଦେଶ ତଥା ରାଜ୍ୟରେ ରେଳ ଭିତ୍ତିଭୂମି ଏବଂ ଟେଲିକମ୍ ସଂଯୋଗ ବୃଦ୍ଧି କ୍ଷେତ୍ରରେ ବହୁ କାର୍ଯ୍ୟ ଜାରି ରହିଛି। କେନ୍ଦ୍ର ସରକାର ସବୁବେଳେ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ରାଜ୍ୟର ସର୍ବୋତ୍ତମ ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି। ରାଜ୍ୟର ବିକାଶ ଆମର ସବୁବେଳେ ପ୍ରାଥମିକତା ରହି ଆସିଛି। ଚଳିତ ବର୍ଷର ବଜେଟରେ ସବୁ ବର୍ଗର ଲୋକଙ୍କୁ ଗୁରୁତ୍ୱ ଦିଆଯାଇଛି। ଗରିବଙ୍କ କଲ୍ୟାଣ ନିମନ୍ତେ ଅନ୍ତ୍ୟୋଦୟ ଯୋଜନାର ଲକ୍ଷ୍ୟ ପୂରଣ ପ୍ରଧାନମନ୍ତ୍ରୀଙ୍କ ପ୍ରାଥମିକତା ରହିଛି। ଓଡ଼ିଶାରେ ରେଳ ଭିତ୍ତିଭୂମି ବିକାଶ ଏବଂ ରେଳ ଲାଇନ୍ ସମ୍ପ୍ରସାରଣ ପାଇଁ ୧୦,୦୧୨ କୋଟି ଟଙ୍କାର ବଜେଟ ଘୋଷଣା କରାଯାଇଛି। ଓଡ଼ିଶାରେ ରେଳ ଭିତ୍ତିଭୂମି ବିକାଶ ପାଇଁ ୨୦୦୯ରୁ ୨୦୧୪ ମଧ୍ୟରେ ବାର୍ଷିକ ହାରାହାରି ୮୩୮କୋଟି ଟଙ୍କା ମଞ୍ଜୁର ହେଉଥିଲା। ୨୦୧୪ ପରଠାରୁ ଏହା ପ୍ରାୟ ୧୨ଗୁଣା ବୃଦ୍ଧି ପାଇ ୧୦,୦୧୨କୋଟିରେ ପହଞ୍ଚିଛି। ପୂର୍ବୋଦୟ ମିଶନକୁ ଆମ ସରକାର ପ୍ରାଥମିକତା ଦେଉଛି। ମୁଁ ବ୍ୟକ୍ତିଗତ ଭାବେ ରେଳ ପ୍ରକଳ୍ପର ବିକାଶକୁ ଅନୁଧ୍ୟାନ କରୁଛି। ଏଥିସହ ଅଧିକାରୀମାନଙ୍କ ସମ୍ପୂର୍ଣ୍ଣ ସହଯୋଗ ଲୋଡ଼ି ପ୍ରକଳ୍ପଗୁଡ଼ିକୁ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଉଛି। ଲୋକମାନଙ୍କୁ ବିଶ୍ୱସ୍ତରୀୟ ରେଳ ସେବାର ସୁବିଧା ଯୋଗାଇଦେବାକୁ ସରକାର କାର୍ଯ୍ୟ କରୁଛନ୍ତି। ପୂର୍ବରୁ ଅର୍ଥାତ୍ ୨୦୦୯ରୁ ୨୦୧୪ ମଧ୍ୟରେ ବର୍ଷକୁ ହାରାହାରି ମାତ୍ର ୫୩.୪ କିଲୋମିଟର ରେଳ ଲାଇନ୍ ନିର୍ମାଣ କରାଯାଉଥିଲା। ହେଲେ ୨୦୨୨-୨୩ରେ ଏହି ସଂଖ୍ୟା ୪୫୯ କିଲୋମିଟରରେ ପହଞ୍ଚିଛି। ଏହା ପୂର୍ବାପେକ୍ଷା ୮ଗୁଣା ଅଧିକ ଏବଂ ଏହା ଓଡ଼ିଶାର ରେଳ ବିକାଶରେ ପ୍ରମୁଖ ପରିବର୍ତ୍ତନ ଆଣିପାରିଛି। ସାରା ଦେଶରେ ରେଳ ଷ୍ଟେଶନଗୁଡ଼ିକର ଆଧୁନିକୀକରଣ କରିବା ଉଦ୍ଦେଶ୍ୟରେ ୨୦୨୩ ଅଗଷ୍ଟ ୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିତ୍ତିପ୍ରସ୍ତର ସ୍ଥାପନ କରି ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି। ଅମୃତ ଭାରତ ଷ୍ଟେଶନ ଯୋଜନାରେ ପ୍ରାୟ ୨୫ହଜାର କୋଟି ଟଙ୍କା ବିନିମୟରେ ୧,୩୦୯ ରେଳ ଷ୍ଟେଶନର ଆଧୁନିକୀକରଣ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ୫୦୮ ଷ୍ଟେଶନର କାର୍ଯ୍ୟ ଆରମ୍ଭ ହେବ। ଷ୍ଟେଶନ ବିଲ୍ଡିଂର ନବୀକରଣ, ସହରର ଉଭୟ ପାର୍ଶ୍ୱରେ ରେଳ ଷ୍ଟେଶନକୁ ଏକୀଭୂତ କରିବା, ମଲ୍ଟିମୋଡାଲ୍ ଇଣ୍ଟିଗ୍ରେଶନ, ଦିବ୍ୟାଙ୍ଗମାନଙ୍କ ପାଇଁ ସୁବିଧା, ସ୍ଥାୟୀ ତଥା ପରିବେଶ ଅନୁକୂଳ ସମାଧାନ, ଆବଶ୍ୟକ ଏବଂ ସୁବିଧା ଅନୁସାରେ ରୁଫ୍ ପ୍ଲାଜା ନିର୍ମାଣ ଏବଂ ଦୀର୍ଘସ୍ଥାୟୀ ଯୋଜନା ପାଇଁ ଷ୍ଟେଶନଗୁଡ଼ିକରେ ସିଟି ସେଣ୍ଟର ପ୍ରତିଷ୍ଠା କରିବା ଅମୃତ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ ରହିଛି। ଏହି ଯୋଜନା ଅଧୀନରେ ଓଡ଼ିଶାର କେବିକେ ଏବଂ ମହତ୍ତ୍ୱାକାଂକ୍ଷୀ ଜିଲା ସମେତ ୫୭ଟି ଷ୍ଟେଶନର ପୁନର୍ବିକାଶ ପାଇଁ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ପଶ୍ଚିମ ଓଡ଼ିଶାର ୨୦ଟି ଷ୍ଟେଶନ ରହିଛି। ସେଗୁଡ଼ିକ ହେଲା, ରାଉରକେଲା, ବିମଳାଗଡ଼, ରାଜଗାଙ୍ଗପୁର, ପାନପୋସ, ଝାରସୁଗୁଡ଼ା, ଝାରସୁଗୁଡ଼ା ରୋଡ, ବ୍ରଜରାଜନଗର, ବେଲପାହାଡ଼, ସମ୍ବଲପୁର, ସମ୍ବଲପୁର ସହର, ଖରିଆର ରୋଡ, ହୀରାକୁଦ, କେସିଙ୍ଗା, ବରଗଡ଼ ରୋଡ, ବରପାଲି, ବଲାଙ୍ଗିର, ଟିଟିଲାଗଡ଼ ଜଙ୍କସନ୍, କଣ୍ଟାବାଞ୍ଜି, ହରିଶଙ୍କର ରୋଡ୍ ଏବଂ ଭବାନୀପାଟଣା। ସେହିପରି ଉପକୂଳ ଓଡ଼ିଶାର ୧୫ ଷ୍ଟେଶନ ଯଥା, ବାଲେଶ୍ୱର, ଜଳେଶ୍ୱର, ଭଦ୍ରକ, ଯାଜପୁର-କେନ୍ଦୁଝର ରୋଡ୍, ପାରାଦୀପ, ରଘୁନାଥପୁର, କଟକ, ଭୁବନେଶ୍ୱର, ଲିଙ୍ଗରାଜ ଟେମ୍ପଲ ରୋଡ୍, ନୂଆ ଭୁବନେଶ୍ୱର, ଖୋର୍ଦ୍ଧାରୋଡ୍, ମଞ୍ଚେଶ୍ୱର, ପୁରୀ, ସାକ୍ଷୀଗୋପାଳ ଏବଂ ବାଲୁଗାଁ। କେନ୍ଦ୍ର ଓଡ଼ିଶାର ୬ ଷ୍ଟେଶନ ଅନୁଗୋଳ, ତାଳଚେର, ତାଳଚେର ରୋଡ୍, ଢେଙ୍କାନାଳ, ମେରାମୁଣ୍ଡଳୀ ଏବଂ ରେଢ଼ାଖୋଲ ରହିଛି। ଉତ୍ତର ଓଡ଼ିଶାର ୭ ଷ୍ଟେଶନ ଯଥା କେନ୍ଦୁଝରଗଡ଼, ବଡବିଲ୍, ଯାରୋଲି, ବାରିପଦା, ରାଇରଙ୍ଗପୁର, ବେତନଟି ଓ ବାଦାମପାହାଡ଼। ସେହିପରି ଦକ୍ଷିଣ ଓଡ଼ିଶାର ୯ ଷ୍ଟେଶନ ଯଥା ବ୍ରହ୍ମପୁର, ଛତ୍ରପୁର, ପାରଳାଖେମୁଣ୍ଡି, ରାୟଗଡ଼ା, ମୁନିଗୁଡ଼ା, ଗୁଣୁପୁର, କୋରାପୁଟ, ଜୟପୁର ଏବଂ ଦାମନଯୋଡ଼ି ରହିଛି। ବର୍ତ୍ତମାନ ଓଡ଼ିଶାରେ ୫୨ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ପ୍ରଥମ ପର୍ଯ୍ୟାୟରେ ୭୭୩ କୋଟି ଟଙ୍କା ବ୍ୟୟରେ ଭୁବନେଶ୍ୱର, କଟକ ଏବଂ ପୁରୀ ଷ୍ଟେଶନର ନିର୍ମାଣ କାର୍ଯ୍ୟ ଚାଲିଛି। ଏହିସବୁ କାର୍ଯ୍ୟର ମୁଁ ବ୍ୟକ୍ତିଗତଭାବେ ଅନୁଧ୍ୟାନ କରୁଛି। ଏଥିସହିତ ଏହି କାର୍ଯ୍ୟଗୁଡ଼ିକର ତୁରନ୍ତ ଶେଷ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛି।

ଗତ ୯ବର୍ଷ ମଧ୍ୟରେ ଓଡ଼ିଶାରେ ଟେଲିକମ୍ ଟାୱାର ସଂଖ୍ୟା ବୃଦ୍ଧି ପାଇଛି। ଯଦି ଆମେ ପୂର୍ବ ରେକର୍ଡ ଦେଖିବା ତେବେ ୨୦୧୪ ବେଳକୁ ଓଡ଼ିଶାରେ ମାତ୍ର ୭,୫୬୨ ଟାୱାର ଥିଲା। ୨୦୨୩ରେ ଏହା ବୃଦ୍ଧି ପାଇ ୨୬,୫୧୨ରେ ପହଞ୍ଚିଲାଣି। ଅଧିକରୁ ଅଧିକ ଟେଲିକମ୍ ଟାୱାରଗୁଡ଼ିକର ପ୍ରତିଷ୍ଠା ଫଳରେ ନେଟୱର୍କ ସମସ୍ୟା ଦୂର ହୋଇଛି। ବିଶେଷକରି ଗ୍ରାମାଞ୍ଚଳରେ ନେଟୱର୍କ କନେକ୍ଟିଭିଟି ସୁଦୃଢ଼ ହୋଇପାରିଛି। ୨୦୧୪ରେ ଓଡ଼ିଶାରେ ମାତ୍ର ୫.୯ ଲକ୍ଷ ବ୍ରଡ୍ ବ୍ୟାଣ୍ଡ ସବ୍ସ୍କ୍ରାଇବର ରହିଥିବାବେଳେ ଏବେ ୨.୨ କୋଟିରେ ପହଞ୍ଚିଛି। ଲୋକମାନଙ୍କୁ ଉନ୍ନତମାନର ଟେଲିକମ୍ ସେବା ଯୋଗାଇବା ଉଦ୍ଦେଶ୍ୟରେ ଆମେ ଟାୱାର ସଂଖ୍ୟାକୁ ୨୦୧୪ ତୁଳନାରେ ୩ଗୁଣ ବୃଦ୍ଧି କରିଛୁ। ୨୦୧୪ରେ ୨୨,୯୪୨ ବେସ୍ ଟ୍ରାନ୍ସିଭର ଷ୍ଟେଶନ(ବିଟିଏସ୍) ଥିବାବେଳେ ୨୦୨୩ରେ ଏହା ୮୫,୫୫୬କୁ ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ଆମେ ଅପ୍ଟିକାଲ ଫାଇବର କେବଲ୍କୁ ମଧ୍ୟ ବୃଦ୍ଧି କରିଛୁ। ୨୦୧୪ରେ ୪୦, ୭୫୬ କି.ମି ଅପ୍ଟିକାଲ୍ ଫାଇବର ବିଛାଯାଇଥିବାବେଳେ ୨୦୨୩ରେ ଏହା ୧,୩୭,୬୫୩ କି.ମି.ରେ ପହଞ୍ଚିଛି। ପ୍ରଧାନମନ୍ତ୍ରୀଙ୍କ ସବ୍କା ସାଥ୍ ସବ୍କା ବିକାଶ, ସବ୍କା ବିଶ୍ୱାସ, ସବ୍କା ପ୍ରୟାସ ନୀତି ଦେଶ ତଥା ରାଜ୍ୟର ଭିତ୍ତିଭୂମି ବିକାଶ ଏବଂ ତୃଣମୂଳସ୍ତରରେ ନୀତି(ପଲିସି)ଗୁଡ଼ିକର ଠିକ୍ କାର୍ଯ୍ୟାନ୍ୱୟନ ଉପରେ ଆଧାରିତ। ଗତ ପ୍ରାୟ ଏକ ଦଶନ୍ଧି ହେବ ଓଡ଼ିଶାରେ ଟେଲିକମ୍ ଭିତ୍ତିଭୂମି ବିକାଶ ୩ଗୁଣା ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାର ୭.୪୮୫ ଗ୍ରାମକୁ ଟେଲିକମ୍ ସଂଯୋଗ କରିବା ପାଇଁ ୫,୬୦୦ କୋଟି ଟଙ୍କା ବ୍ୟୟରେ ୫,୩୩୩ ଟାୱାର ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିଛନ୍ତି।

— ଲେଖକ: ରେଳ ଏବଂ ଟେଲିକମ୍ ମନ୍ତ୍ରୀ

# 'ମାନବ କଲ୍ୟାଣରେ ଜ୍ଞାନର ଉପଯୋଗ କର'





ପରମାଣୁ ଶକ୍ତି ଆୟୋଗ ଅଧ୍ୟକ୍ଷ ଡ. ଅଜିତ କୁମାର ମହାନ୍ତିଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରୁଛନ୍ତି। ଉତ୍ସବରେ ଅତିଥିଙ୍କ ସହ ଡିଗ୍ରୀ ଓ ପଦକ ପାଇଥିବା ଛାତ୍ରୀଛାତ୍ର। (ଫଟୋ: ବିକାଶ ନାୟକ)

## କିଟ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

■ ୩ଜଣଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ
■ ୬,୬୩୮ ଛାତ୍ରୀଛାତ୍ରଙ୍କୁ ସ୍ନାତକ, ସ୍ନାତକୋତ୍ତର ଓ ପିଏଚ୍ଡି ଡିଗ୍ରୀ
■ ଶ୍ରେଷ୍ଠ ଛାତ୍ରୀ ଭାବେ ବିଦିତା ସାମନ୍ତଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର,୧୯।୮ (ଅସମାପିକା ସାହୁ)

କିଟ୍ ବିଶ୍ୱବିଦ୍ୟାଳୟର ୧୯ତମ ସମାବର୍ତ୍ତନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ଦେଇଥିଲେ। ଛାତ୍ରୀଛାତ୍ରମାନେ ନିଜ ଜ୍ଞାନକୁ ନିଷ୍ଠାର ସହ ମାନବ କଲ୍ୟାଣରେ ଉପଯୋଗ କରିବା ଉଚିତ। ଈଶ୍ୱର ଆମକୁ ଅନେକ ଭଲ ଗୁଣ ଦେଇ ଧରାପୃଷ୍ଠକୁ ପଠାଇଛନ୍ତି। ଆମେମାନେ ମାନବ କଲ୍ୟାଣରେ ଏହି ସବୁ ଉତ୍ତମ ଗୁଣର ସୁବିନିଯୋଗ କରିବା ଆବଶ୍ୟକ ବୋଲି ରାଜ୍ୟପାଳ କହିଛନ୍ତି।

କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା କହିଲେ, ସ୍ନାତକ ଅର୍ଥ କେବଳ ଡିଗ୍ରୀ ହାସଲ କରିବା ନୁହେଁ, ଏହା ହେଉଛି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଖା ଦେଇଥିବା ଗୁଣାତ୍ମକ ପରିବର୍ତ୍ତନ। ଉପକୁଳାଧିପତି ପ୍ରଫେସର ସୁବ୍ରତ ଆଚାର୍ଯ୍ୟ କହିଲେ, ଏହି ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଥିବା ସ୍ନାତକମାନଙ୍କର ଏକ ଅନନ୍ୟ ସାମାଜିକ ଦାୟିତ୍ୱ ରହିଛି। ସେମାନେ ନିଜ ନିଜ କ୍ଷେତ୍ରରେ ଏକ ଉଦାହରଣ ସୃଷ୍ଟି କରିପାରିବେ ବୋଲି ସେ କହିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ ବିଶ୍ୱବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରି କିଟ୍ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ହାସଲ କରିଥିବା ବିଭିନ୍ନ ଉଲ୍ଲେଖନୀୟ ସଫଳତା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଭାରତ ସରକାରଙ୍କ ପରମାଣୁ ଶକ୍ତି ଆୟୋଗ ଅଧ୍ୟକ୍ଷ ତଥା ପରମାଣୁ ଶକ୍ତି ବିଭାଗ ସଚିବ ଡ. ଅଜିତ କୁମାର ମହାନ୍ତି, ସ୍ୱସ୍ତି ଗ୍ରୁପ୍ ହୋଟେଲ୍ସ ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ମହାନ୍ତି ଓ ଟେକ୍ ମହିନ୍ଦ୍ରା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପରିଚାଳନା ନିର୍ଦ୍ଦେଶକ ଚନ୍ଦର ପ୍ରକାଶ ଗୁର୍ନାନିଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏଥିସହ ୬,୬୩୮ ଛାତ୍ରୀଛାତ୍ରଙ୍କୁ ସ୍ନାତକ, ସ୍ନାତକୋତ୍ତର ଓ ପିଏଚ୍ଡି ଡିଗ୍ରୀ ପ୍ରଦାନ କରାଯାଇଥିଲା। ସାମଗ୍ରିକ ପ୍ରଦର୍ଶନ ପାଇଁ ଶ୍ରେଷ୍ଠ ଛାତ୍ରୀ ଭାବେ ବିଦିତା ସାମନ୍ତଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିବାବେଳେ ଅନନ୍ୟା ତ୍ରିପାଠୀଙ୍କୁ ଶ୍ରେଷ୍ଠ ପିଏଚ୍ଡି ଛାତ୍ରୀ, ଶ୍ରେଷ୍ଠ ସ୍ନାତକୋତ୍ତର ଛାତ୍ରୀ ସ୍ୱାତୀ ସୁଦେଷ୍ଣା ପଣ୍ଡା ଓ ଶ୍ରେଷ୍ଠ ସ୍ନାତକ ଭାବେ ନିର୍ମଳ କୁମାର ପଣ୍ଡିତଙ୍କୁ ମଧ୍ୟ ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ ପାଠ୍ୟକ୍ରମରେ ଶ୍ରେଷ୍ଠ ବିବେଚିତ ଛାତ୍ରୀଛାତ୍ରଙ୍କୁ କୁଳାଧିପତି ସ୍ୱର୍ଣ୍ଣ ପଦକ, ନନିବାଳା ସ୍ମୃତି ସ୍ୱର୍ଣ୍ଣ ପଦକ, ଶ୍ରୀକୃଷ୍ଣଚନ୍ଦ୍ର ପଣ୍ଡା ସ୍ମୃତି ସ୍ୱର୍ଣ୍ଣ ପଦକ, ଡ. ୱାଟିପରମଗୁରୁ ସ୍ମୃତି ସ୍ୱର୍ଣ୍ଣପଦକ, ପି କେ ବଳ ସ୍ମୃତି ସ୍ୱର୍ଣ୍ଣପଦକ, ପିପିଏଲ୍ ସ୍ୱର୍ଣ୍ଣ ପଦକ ଏବଂ କୁଳପତି ରୌପ୍ୟ ପଦକ ଦିଆଯାଇଥିଲା। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଉପସଭାପତି ଉମାପଦ ବୋଷ, ସମ୍ପାଦକ ଆର୍. ଏନ୍. ଦାଶ, କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର ଶରଣଜିତ ସିଂହ, କିମ୍ସ ଉପକୁଳପତି ପ୍ରଫେସର ସି.ବି.କେ. ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଓପିଟିସିଏଲ୍ରେ ୪୧୨ ଜଣଙ୍କୁ ନିଯୁକ୍ତି

■ ଉତ୍ତମ ବିଦ୍ୟୁତ୍ ସେବା ପାଇବା ପ୍ରତ୍ୟେକ ନାଗରିକଙ୍କ ଅଧିକାର
■ ଏହାକୁ ସୁନିଶ୍ଚିତ କରିବାକୁ ନବନିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୧୯।୮ (ଅନିଲ ଦାସ)

ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ (ଓପିଟିସିଏଲ୍)ରେ ୪୧୨ ଜଣଙ୍କୁ ନିଯୁକ୍ତି ମିଳିଛି। ସେମାନଙ୍କ ମଧ୍ୟରେ ୧୬୧ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଥିବାବେଳେ ୫୪ ଅଫିସ ଆସିଷ୍ଟାଣ୍ଟ ଏବଂ ୧୯୭ ଇଲେକ୍ଟ୍ରିକାଲ ଟେକ୍ନିସିଆନ ଅଛନ୍ତି। ଶନିବାର ଲୋକସେବା ଭବନ କନ୍ଭେନଶନ ହଲ୍ଠାରେ ଆୟୋଜିତ ଓରିଏଣ୍ଟେଶନ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ଉତ୍ତମ ବିଦ୍ୟୁତ୍ ସେବା ପାଇବା ପ୍ରତ୍ୟେକ ଜନସାଧାରଣଙ୍କ ଅଧିକାର। ପ୍ରତ୍ୟେକ ଗ୍ରାହକଙ୍କୁ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇଦେବାକୁ ଆମେ ନିଶ୍ଚିତ କରିବା ଦରକାର। ରାଜ୍ୟ ସରକାର ପ୍ରଶାସନିକ କ୍ଷେତ୍ରରେ ୫-ଟି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଛନ୍ତି। ଏହାକୁ ଅନୁକରଣ କରି ନିଜର କର୍ତ୍ତବ୍ୟ ସୁଚାରୁରୂପେ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ବୃତ୍ତିଧାରୀଙ୍କୁ ପରାମର୍ଶ ଦେଇଛନ୍ତି। ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ସହ ପରିବହନ ଓ ଯୋଗାଣ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ବହୁ ପୁଞ୍ଜି ବିନିଯୋଗ କରୁଛନ୍ତି। ୨୦୦୦ରେ ମାତ୍ର ୧୬ ଲକ୍ଷ ବିଦ୍ୟୁତ୍ ଗ୍ରାହକ ଥିବାବେଳେ ଏବେ ତାହା ୯୭ ଲକ୍ଷରେ ପହଞ୍ଚିଛି। ପିକ୍ ଆୱାରରେ ବର୍ଷସାରା ୫୩୦୦ ମେଗାୱାଟ୍ ବିଦ୍ୟୁତ୍ ଯୋଗାଇ ଦିଆଯାଉଛି। ଏ କ୍ଷେତ୍ରରେ ଓପିଟିସିଏଲ୍ର ଅବଦାନ ଉଲ୍ଲେଖନୀୟ। ୨୦୧୦ରେ ଓପିଟିସିଏଲ୍ ୨୩୦୦ ଜଣଙ୍କୁ ନିଯୁକ୍ତି ଦେଇଥିବା ବେଳେ ଚଳିତ ବର୍ଷ ୩୦୦ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେଇଛି। ରାଜ୍ୟ ସରକାର ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ବଦ୍ଧପରିକର। ଏହି ନିଯୁକ୍ତି ପ୍ରକ୍ରିୟାକୁ ମୁଖ୍ୟମନ୍ତ୍ରୀ ନିଜେ ଦେଖୁଛନ୍ତି ବୋଲି କହିଛନ୍ତି। ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି, ରାଜ୍ୟର ଲଗାତର ଆର୍ଥିକ ଅଭିବୃଦ୍ଧି ଶକ୍ତି ଆବଶ୍ୟକତାକୁ ବହୁ ମାତ୍ରାରେ ବୃଦ୍ଧି କରିଛି। ୨୪ ଘଣ୍ଟା ଉତ୍ତମ ମାନର ବିଦ୍ୟୁତ୍ ଯୋଗାଇ ଦେବା କ୍ଷେତ୍ରରେ ନବନିଯୁକ୍ତଙ୍କ ପାଇଁ ଏକ ବଡ଼ ଦାୟିତ୍ୱ ରହିବ। ନବନିଯୁକ୍ତ କର୍ମଚାରୀମାନେ ୫-ଟି ମନ୍ତ୍ରକୁ ନେଇ ସଫଳତାରେ ପହଞ୍ଚିବେ। ଉନ୍ନୟନ କମିଶନର ଅନୁ ଗର୍ଗ କହିଛନ୍ତି, ଲୋକଙ୍କୁ ଉତ୍ତମ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ନବନିଯୁକ୍ତ କର୍ମଚାରୀମାନେ କଠିନ ପରିଶ୍ରମ ପୂର୍ବକ ଜ୍ଞାନ ବୃଦ୍ଧି କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି. କେ. ପାଣ୍ଡିଆନ ଏବଂ ଅନ୍ୟାନ୍ୟ ଅଧିକାରୀ ଯୋଗ ଦେଇଥିଲେ। ଶକ୍ତି ସଚିବ ନିକୁଞ୍ଜ ବିହାରୀ ଧଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓପିଟିସିଏଲ୍ ସିଏମ୍ଡି ଧନ୍ୟବାଦ ଦେଇଥିଲେ।

# ନିଅଣ୍ଟିଆ ବର୍ଷା ବଢ଼ାଇଲା ଚାଷୀଙ୍କ ଚିନ୍ତା

## ୯ ଜିଲାରେ ସ୍ଥିତି ସାଂଘାତିକ

ଭୁବନେଶ୍ୱର,୧୯।୮ (ଅନିଲ ଦାସ)

ବର୍ଷାକୁ ଚାହିଁ ଚାହିଁ ଅଣଜଳସେଚନ ଅଞ୍ଚଳରେ ଚାଷୀ ଧୈର୍ଯ୍ୟହରା ହେଲେଣି। ଶ୍ରାବଣ ମାସ ଶେଷ ହେବାକୁ ବସିଲାଣି। ବିଲ ଫାଟି ଆଁ କରିଛି। ଧାନତଳି ପାଚିବାକୁ ବସିଲାଣି। ବିଲରେ ଧାନତଳି ରୁଆ ହୋଇପାରିଲା ନାହିଁ। ଧାନଚାଷ ହେବ କି ନାହିଁ ସେହି ଆଶଙ୍କା ଏବେ ଚାଷୀ ମନକୁ ଆନ୍ଦୋଳିତ କରୁଛି। ବିଶେଷକରି ନବରଙ୍ଗପୁର, କେନ୍ଦ୍ରାପଡ଼ା, କଳାହାଣ୍ଡି ଓ ଗଞ୍ଜାମ ଜିଲାରେ ସ୍ଥିତି ସଙ୍ଗିନ ହୋଇଛି। ଏହି ସବୁ ଜିଲାର ଅଧିକାଂଶ ବ୍ଲକରେ ଏଯାଏ ଚାଷ ଆରମ୍ଭ ହୋଇନାହିଁ।

ଜୁଲାଇ ୩୦ ତାରିଖ ଏବଂ ଅଗଷ୍ଟ ୧୬ ଲଘୁଚାପ ଯୋଗୁ କିଛି ଅଞ୍ଚଳରେ ବର୍ଷା ହୋଇଥିଲେ ମଧ୍ୟ ଅନେକ ଜିଲାର ଚାଷୀ ଏବେ ବର୍ଷାକୁ ଚାହିଁ ରହିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ୩୦ ଯାଏ ରାଜ୍ୟକୁ କୌଣସି ବଡ଼ ବର୍ଷାର ସୂଚନା ନ ଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ହିସାବ କହୁଛି, ଜୁନ୍ ପହିଲାରୁ ଅଗଷ୍ଟ ୧୯ ଯାଏ ରାଜ୍ୟରେ ସ୍ୱାଭାବିକ ଭାବେ ୭୮୬.୫ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୭୩୩.୨ ମିଲିମିଟର। ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ୯ ଜିଲାରେ ଏବେ ବି ନିଅଣ୍ଟିଆ ବର୍ଷା ହୋଇଛି। ନବରଙ୍ଗପୁର ଜିଲାରେ ଜୁନ୍ ପହିଲାରୁ ଅଗଷ୍ଟ ୧୯ ମଧ୍ୟରେ ୩୭% କମ୍ ବର୍ଷା ହୋଇଥିବାବେଳେ କେନ୍ଦ୍ରାପଡ଼ା ୩୩, ଗଞ୍ଜାମ ୩୦, କଳାହାଣ୍ଡି ୩୧, ପୁରୀ ୨୨, ଯାଜପୁର ୨୨, ଜଗତ୍ସିଂହପୁର ୨୫, ରାୟଗଡ଼ା ୨୩ ଏବଂ ଖୋର୍ଦ୍ଧାରେ ସ୍ୱାଭାବିକଠାରୁ ୨୩% କମ୍ ବର୍ଷା ହୋଇଛି। ନବରଙ୍ଗପୁର ଜିଲାର ୯ ବ୍ଲକ, ଗଞ୍ଜାମର ୨୨ ବ୍ଲକ ଏବଂ କେନ୍ଦ୍ରାପଡ଼ାର ୮ ବ୍ଲକ ଗଭୀର ଭାବେ ପ୍ରଭାବିତ ହୋଇଛି। କେନାଲ ପାଣିରେ କେତେକ ବ୍ଲକର ଅଳ୍ପ କିଛି ଜମିରେ ଚାଷକାର୍ଯ୍ୟ ହେଉଥିବାବେଳେ ଅଧିକାଂଶ ବ୍ଲକରେ ମରୁଡ଼ି ସ୍ଥିତି ସୃଷ୍ଟି ହୋଇଛି। ଆସନ୍ତା ୨୩ ଯାଏ ରାଜ୍ୟରେ ଟୋପାଏ ବର୍ଷାର ସୂଚନା ନାହିଁ।

# ତ୍ରୁଟିପୂର୍ଣ୍ଣ ଚିକିତ୍ସାରୁ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ

ଯୋଡ଼ା,୧୯।୮ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ଟାଟା ଷ୍ଟିଲ ଡାକ୍ତରଖାନାରେ ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ଜଣେ ପ୍ରସୂତିଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ଯୋଡ଼ା ପୌରାଞ୍ଚଳର ସ୍ୱପ୍ନା ମୁଣ୍ଡା(୩୧)। ଏହାର ପ୍ରତିବାଦରେ ଡାକ୍ତରଖାନାରେ ଚାପା ଉତ୍ତେଜନା ଦେଖାଦେଇଛି। ମୃତକଙ୍କ ଆତ୍ମୀୟ ଘଟଣାର ଉପଯୁକ୍ତ ତଦନ୍ତ ସହ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ବଦଳି ଦାବି କରିଛନ୍ତି। ଟାଟା ଷ୍ଟିଲ୍ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ।

ଯୋଡ଼ା ପୌରପାଳିକାର ୧୦ ନଂ. ୱାର୍ଡ କାଉନ୍ସିଲର ପୂଜା ସିଂ ଆଲଦା ଅଭିଯୋଗ କରିଛନ୍ତି, ଗତ ଶନିବାର ତଥା ୧୨ ତାରିଖରେ ଗର୍ଭବତୀ ଥିବା ସ୍ୱପ୍ନା ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଟାଟା ଷ୍ଟିଲ ଡାକ୍ତରଖାନାକୁ ଯାଇଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଅବସ୍ଥା ସ୍ୱାଭାବିକ ଥିଲା। କିନ୍ତୁ ରକ୍ତଚାପ ଅଧିକ ଥିବା ଡାକ୍ତର କହିଥିଲେ। ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଗତ ମଙ୍ଗଳବାର ଡାକ୍ତର ତାଙ୍କର ଅସ୍ତ୍ରୋପଚାର କରାଇଥିଲେ। ତାଙ୍କର ୨ ଯମଜ ସନ୍ତାନ ଜନ୍ମଲାଭ କରିଥିଲେ। ଦୁଇ ସନ୍ତାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ବେଳେ ସ୍ୱପ୍ନାଙ୍କ ଅବସ୍ଥା ବିଗିଡିବାରୁ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ପରେ ତାଙ୍କୁ ଟାଟାସ୍ଥିତ ଟିଏମ୍ଏଚ୍ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ପ୍ରସୂତିଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି। ଚିକିତ୍ସାରେ ଅବହେଳା, ସଙ୍କଟାପନ୍ନ ଅବସ୍ଥା ସମ୍ପର୍କରେ ପରିବାର ଲୋକଙ୍କୁ ନ ଜଣାଇବା, ରକ୍ତଚାପ ଅଧିକ ଥିବା ସତ୍ତ୍ୱେ କାହିଁକି ଅସ୍ତ୍ରୋପଚାର କରାଗଲା ତଥା ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ମୃତ୍ୟୁ ଘଟିଥିବା ଅଭିଯୋଗ କରି ସ୍ଥାନୀୟ ଶତାଧିକ ମହିଳା, ପୁରୁଷଙ୍କ ସମେତ ପରିବାର ଲୋକେ ଶନିବାର ମେଡିକାଲରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଯୋଡ଼ା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ଅପରାହ୍ଣରେ କମ୍ପାନୀର ଏନ୍ଆର୍ଡି ଟାଟା ଷ୍ଟିଲ୍ ମୁଖ୍ୟ ସଞ୍ଜୀୟ ଭୂୟାଁ, କାଉନ୍ସିଲର ପୂଜା ସିଂ ଆଲଦା, ପୂର୍ବତନ କାଉନ୍ସିଲର ସୁରେଶ ବାରିକ, ସନ୍ତୋଷ ବଳ, ଯୋଡ଼ା ଆଇଆଇସି ଜୟନାରାୟଣ ଖଣ୍ଡେଇ, ସ୍ଥାନୀୟ ଓ ପରିବାର ଲୋକଙ୍କୁ ନେଇ ଏକ ଆଲୋଚନା ହୋଇଥିଲା। ଦାବି ପୂରଣ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାର କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।



ହସ୍ପିଟାଲ ସମ୍ମୁଖରେ ଉତ୍ତ୍ୟକ୍ତ ଲୋକଙ୍କ ଭିଡ଼।

## ଡାକ୍ତରଖାନାରେ ଚାପା ଉତ୍ତେଜନା

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୦ ଅଗଷ୍ଟ, ୨୦୨୩

ଆମେ ନିଜକୁ ଭାଗ୍ୟବାନ ମନେକରିବା ଉଚିତ। କାରଣ, ଭଗବାନ ଆମକୁ ସବଳ ବାହୁ ଯୁଗଳ ଦେଇଛନ୍ତି। ଏବଂ ତାହାରି ବଳରେ ଆମେ ଯାହା କିଛି ସୁନ୍ଦର, ମଙ୍ଗଳମୟ ଓ ସତ୍ୟ– ସେସବୁକୁ ଧ୍ୱଂସ ବା ବିପଦ ମୁଖରୁ ରକ୍ଷା କରିବାକୁ ସମର୍ଥ ହେବା। –ଶ୍ରୀମା



# ଭାରତରେ ଦଙ୍ଗା



ଆକାର ପଟେଲ

ଦଙ୍ଗା ଶବ୍ଦର ଅର୍ଥ କହିଲେ ଲୋକଙ୍କ ଦ୍ୱାରା ଶାନ୍ତିର ହିଂସାତ୍ମକ ବିଶୃଙ୍ଖଳାକୁ ବୁଝାଏ। ସାଧାରଣତଃ ସାରା ବିଶ୍ୱରେ ଯେକୌଣସି ସ୍ଥାନରେ ଦଙ୍ଗାକୁ ଦେଶ ବିରୋଧରେ ସମାଜର କ୍ରୋଧ ଭାବେ ବୁଝାଯାଏ। ଉଦାହରଣ ସ୍ୱରୂପ ପ୍ୟାରିସ୍‌ରେ ୧୯୬୮ରେ ସାମ୍ରାଜ୍ୟବାଦ ଓ ପୁଞ୍ଜିବାଦ ବିରୋଧରେ ଛାତ୍ରଙ୍କ ପ୍ରତିବାଦରୁ ଦଙ୍ଗା ହୋଇଥିଲା କିମ୍ବା ରୋଡ୍‌ନୀ କିଙ୍ଗ୍‌ଙ୍କୁ ଆକ୍ରମଣ କରିଥିବା ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦୋଷ ଘୋଷଣା ପରେ ୧୯୯୨ରେ ଲସ୍ ଏଞ୍ଜେଲସ ଦଙ୍ଗା ଦେଖାଦେଇଥିଲା। ୨୦୧୧ରେ ମାର୍କ ଡୁଗାନ ନାମକ ଜଣେ ବ୍ୟକ୍ତିଙ୍କୁ ପୋଲିସ ଗୁଳିକରିବା ପରେ ଇଂଲଣ୍ଡର ବିଭିନ୍ନ ସହରରେ ଦଙ୍ଗା ଘଟି ୫ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ୩୦୦୦ ଗିରଫ ହୋଇଥିଲେ। ଚଳିତ ବର୍ଷ ଫ୍ରାନ୍ସରେ ଜଣେ ୧୭ ବର୍ଷୀୟ କିଶୋରଙ୍କୁ ପୋଲିସ ଗୁଳିକରି ହତ୍ୟା କରିବା ପରେ ସେଠାରେ ସୃଷ୍ଟି ହୋଇଥିବା ଦଙ୍ଗାରେ ୩ ଜଣଙ୍କର ମୃତ୍ୟୁ ଘଟିଥିଲା। ତେବେ ଭାରତରେ ଦଙ୍ଗାକୁ ଅନ୍ୟ ନାଗରିକଙ୍କ ଦ୍ୱାରା ନାଗରିକଙ୍କ ବିରୋଧରେ ସଂଗଠିତ ହିଂସା ଭାବେ ଗ୍ରହଣ କରାଯାଉଥିବାରୁ ଏଠାରେ ଦଙ୍ଗା ଶବ୍ଦର ବାସ୍ତବ ସଂଜ୍ଞା ଭିନ୍ନ। ଏଭଳି ହିଂସା ସମୟରେ ଏଠି ଦେଶ ଦୂରେଇଯାଏ ଓ ତାହାକୁ ସ୍ୱୀକୃତି ଦିଏ। ବହୁସଂଖ୍ୟକ ମନରେ ନିଆଁ ଲଗାଇବା, ବଳାତ୍କାର, ଲୁଟ୍ ଏବଂ ହତ୍ୟା କରିବାର ଭାବନା ପ୍ରକାଶ ପାଏ। ଏହାବ୍ୟତୀତ ବହୁ ସମୟରେ ଦେଶର କିଛି ତତ୍ତ୍ୱ ହିଂସାରେ ସକ୍ରିୟ ଭାବେ ଅଂଶଗ୍ରହଣ କରନ୍ତି, ଯାହାର ଉଦାହରଣ ଆମେ ଏବେ ଦେଖିପାରୁଛୁ। ସର୍ବଶ୍ରେଷ୍ଠ ଶାସିତ ରାଜ୍ୟଗୁଡ଼ିକର କ୍ଷୟକ୍ଷତି ନିୟନ୍ତ୍ରଣ କରିବା କ୍ଷମତା ଥିବା ଦେଖାଯାଉ ନାହିଁ। ଏପରିକି ଯେଉଁମାନେ ଆମର ଦକ୍ଷ ମୁଖ୍ୟମନ୍ତ୍ରୀ ଭାବେ ପରିଗଣିତ, ସେମାନେ ଏହି କ୍ଷେତ୍ରରେ ବିଫଳ ହୋଇଛନ୍ତି। ଏହା ମଧ୍ୟ ସତ୍ୟ ଯେ, ରାଜ୍ୟର ନେତୃତ୍ୱ ନେଉଥିବା ବ୍ୟକ୍ତିଙ୍କ ସମେତ ଅନେକେ ହିଂସାକୁ ଯଥାର୍ଥ ମନେକରନ୍ତି। କିଛି ବର୍ଷ ପୂର୍ବେ ଇଣ୍ଡିଆନ ଏକ୍ସପ୍ରେସ୍‌ରେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କ ଏକ ସାକ୍ଷାତ୍‌କାର ପ୍ରକାଶ ପାଇଥିଲା। ସେଥିରେ ତାଙ୍କୁ ପଚରାଯାଇଥିଲା: ମୁଜାଫରନଗର ଦଙ୍ଗା ଗତ ସରକାରଙ୍କ ଅଧୀନରେ ଘଟିଥିଲା, କିନ୍ତୁ ୪୪ ମାମଲା ମଧ୍ୟରୁ ୪୩ଟିରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଆପଣଙ୍କ ସରକାର କାହିଁକି କୋର୍ଟରେ ଆବେଦନ କରୁନାହାନ୍ତି? ମୁଖ୍ୟମନ୍ତ୍ରୀ ଉତ୍ତର ଦେଇଥିଲେ, "ମୁଜାଫରନଗର ମାମଲାରେ ଚାର୍ଜଶିଟ ପୂର୍ବ ସରକାର ଦାଖଲ କରିଥିଲେ। ସେହି ସରକାରଙ୍କ ପକ୍ଷପାତ ନୀତି ଏବଂ ବିଫଳତାର ପରିଣାମ ଥିଲା ଦଙ୍ଗା, ଯେଉଁଥିରେ ଜାତି, ବିଶ୍ୱାସ ଓ ଧର୍ମ ଆଧାରରେ ସମଗ୍ର ସମାଜ ବିଭାଜିତ ହୋଇଥିଲା। ଆମ ସରକାରରେ ସେପରି କିଛି ନାହିଁ। ତେବେ ଆବେଦନ ଉପରେ ଯେଉଁ ପ୍ରଶ୍ନ କରୁଛନ୍ତି ତା'ଉପରେ ଆବଶ୍ୟକ ହେଲେ ଆମେ ତାହା କରିବୁ। ଯଦି କୌଣସି ଆବଶ୍ୟକତା ନାହିଁ, ତେବେ କାହିଁକି ଅଦାଲତ ମାମଲାରେ ଆମେ ହସ୍ତକ୍ଷେପ କରିବୁ?" ଏପରି ହିଂସାର ମୂଳ ହେଉଛି ଆମ ସମାଜର ଏକ ବୃହତ୍ ଅଂଶରେ ଥିବା ଏକ ସ୍ଥାୟୀ ଅନ୍ତର୍ନିହିତ ଭାବନା ଏବଂ ରାଜନୀତି ମାଧ୍ୟମରେ ଏହାକୁ ଉତ୍ସାହିତ କରାଯାଉଛି। ବାହ୍ୟଶକ୍ତି ବି ଏହାକୁ ତେଜିଥା'ନ୍ତି, ଯାହାର ଦୃଷ୍ଟାନ୍ତ ହେଉଛି ୧୯୮୪ରେ ଏକ ହତ୍ୟା, ୧୯୯୨ରେ ଭଙ୍ଗାରୁଜା କିମ୍ବା ୨୦୦୨ରେ ଟ୍ରେନ୍‌ରେ ଘଟିଥିବା ଘଟଣା।

ବିଦେଶରେ ଘଟୁଥିବା ଦଙ୍ଗା ଏବଂ ଏଠାକାର ଦଙ୍ଗା ମଧ୍ୟରେ ଆଉ ଏକ ପ୍ରଭେଦ ହେଉଛି ସ୍ୱତପ୍ରବୃତ୍ତତା। ଉପରେ ଦୃଷ୍ଟାନ୍ତ ଭାବେ ଦର୍ଶାଯାଇଥିବା ଦଙ୍ଗାଗୁଡ଼ିକ ଘଟିବାର କେବେ ଆଶା କରାଯାଇ ନ ଥିଲା। କିନ୍ତୁ ଭାରତରେ, ଆମେ ଜାଣିଛୁ ଯେ, ସୁଚିନ୍ତିତ ଭାବେ ଉତ୍ତେଜନା ବଢ଼ିବାର ଏକ ପରିଣାମ ଆସିବ ଓ ଦଙ୍ଗା ଘଟିବ। ଗୋ ପରିବହନ, ଗୋମାଂସ ଅଧିକାର, ବିଭିନ୍ନ ଧର୍ମୀୟ ବିବାହ, ଆସାମରେ ଏନ୍‌ଆର୍‌ସିର ଅବାଧ ଏବଂ ଦ୍ୱନ୍ଦ୍ୱାତ୍ମକ ତଥା ଭୟ ସୃଷ୍ଟିକାରୀ ଘଟଣା, ଛାଡ଼ପତ୍ରର ଅପରାଧୀକରଣ, ଶ୍ରୀନଗରରେ ଆମେ କରୁଥିବା କାମ ଏବଂ ଏପରି ଅନେକ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଭାଜପାର ଆଇନକୁ ଏହି ଦୃଷ୍ଟିରେ ଦେଖାଯାଇପାରେ। ଏପରି କାର୍ଯ୍ୟ ଉତ୍ତେଜନାକୁ ଉସୁକାଇଥାଏ। ନିକଟ ଅତୀତରେ ପ୍ରାଧ୍ୟାପକ ତଥା ଭାଷାବିତ୍ ଭିକ୍ଟର କ୍ଲେମ୍ପେରରଙ୍କ ଡାଏରିରୁ ସଂଗୃହୀତ ସ୍ତମ୍ଭ ଭାରତୀୟ ଖବରକାଗଜରେ ପ୍ରକାଶ ପାଇଥିଲା। କ୍ଲେମ୍ପେରର ୧୯୩୦ ଦଶକରେ ଜର୍ମାନୀରେ ତାଙ୍କ ସହ ଅନ୍ୟମାନଙ୍କ ପ୍ରତି ଯାହା ଘଟିଥିଲା ତାହାର ଏକ ରେକର୍ଡ ରଖିଥିଲେ। ସେହିଭଳି ଏବେ ଅର୍ଥନୀତିରେ, ମଣିପୁରରେ କିମ୍ବା ଲଦାଖ ସୀମାରେ ଯାହା ହେଉନା କାହିଁକି ପ୍ରତିଦିନ କିଛି ନା କିଛି ଘଟୁଛି ଓ ତାହା ଲିପିବଦ୍ଧ ହେଉଛି। ପୂର୍ବରୁ ଅଯୋଧ୍ୟା ଘଟଣାରେ ଯେଉଁ ଭାବନା ପ୍ରକାଶ ପାଇଥିଲା ଚଳିତ ମାସରେ କାଶୀ ବିଶ୍ୱନାଥ ମନ୍ଦିରର ପଦକ୍ଷେପ ତାହା ସୃଷ୍ଟି କରିବ। ଅଯୋଧ୍ୟା ମାମଲାକୁ ସମ୍ପତ୍ତି ବିବାଦ ଦୃଷ୍ଟିରୁ ବିଚାରକରି ସୁପ୍ରିମକୋର୍ଟ ଦେଇଥିବା ନିଷ୍ପତ୍ତିକୁ ସେଭଳି ଦୃଷ୍ଟିରେ ରାଜନୀତି ସ୍ତରରେ ଆଲୋଚନା କରାଯାଇ ନାହିଁ। ଏହା ବଦଳରେ ୫ ଶତାବ୍ଦୀ ପୂର୍ବରୁ ନିର୍ମିତ ଏକ ଢାଞ୍ଚା ପ୍ରତି ପ୍ରତିଶୋଧ ଭାବନାକୁ ଦର୍ଶାଯାଇଛି। ବାବର ୧୫୨୬ ମସିହାରେ ଇବ୍ରାହିମ ଲୋଦିଙ୍କୁ ପରାସ୍ତ କରିଥିଲେ ଏବଂ ୫ ବର୍ଷ ପରେ ଆଗ୍ରାରେ ୪୭ ବର୍ଷ ବୟସରେ ଏହା ପୂର୍ବରୁ ନିର୍ମିତ ଅନ୍ୟ ଏକ କୋଠାରେ ମୃତ୍ୟୁବରଣ କରିଥିଲେ। ତେବେ କେତେ ବର୍ଷ ପୂର୍ବରୁ ଢାଞ୍ଚା ନିର୍ମାଣ ହୋଇଥିଲା?

ବର୍ତ୍ତମାନ କାଶୀ ପ୍ରସଙ୍ଗ ଉପରେ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। ତେବେ ଏହାକୁ ନ୍ୟାୟିକ ସ୍ତରରେ ସମାଧାନ କରିବାକୁ ଯାଉଥିବା ସମୟରେ ଏବଂ ସର୍ଭେ ଶେଷ ହେବା ପରେ ଆମେ କିପରି ପ୍ରସ୍ତୁତ ରହିବୁ ଓ ନିୟନ୍ତ୍ରଣ କରିବୁ ଏବଂ ତାହାକୁ ବିଶ୍ୱ କିଭଳି ଦେଖିବ ତାହା ଧ୍ୟାନ ଆକର୍ଷକ ହେବ। ଆଶା କରାଯାଏ ଯେ, ଦେଶ ସମ୍ଭାବ୍ୟ ପରିଣାମ ପ୍ରତି ସଚେତନ ଅଛି ଏବଂ ଅନ୍ୟ ଏକ ସଙ୍କଟ ପାଖେଇ ଆସୁଥିବାରୁ ଏହାକୁ ହ୍ରାସ କରିବା ପାଇଁ ଯାହା କରିପାରିବ ତାହା କରୁଛି। ଶେଷରେ, ଆମେ ଯେଉଁଠାରୁ ଆରମ୍ଭ କରିଥିଲୁ ଅର୍ଥାତ୍ ଦଙ୍ଗା ଶବ୍ଦର ଅର୍ଥକୁ ଫେରିବା। ଭାରତରେ ଯେତେବେଳେ ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ସଂଗଠିତ ହିଂସାରେ ଯାହା ଘଟେ ତାହାକୁ ଆମେ ଦଙ୍ଗା କହିଥାଉ। ଯେତେବେଳେ ଭାରତରେ ସଂଖ୍ୟାଲଘୁ ପ୍ରତିକ୍ରିୟା ପ୍ରକାଶ କରନ୍ତି, ଯାହା ଆମେ ପୁଣି ମଣିପୁରରେ ଦେଖୁଛୁ, ସେହି କ୍ଷେତ୍ରରେ ଏହି ହିଂସାକୁ ଏଠାରେ ଭିନ୍ନ ଶ୍ରେଣୀଭୁକ୍ତ କରାଯାଇ ଅନ୍ୟ ନାମ ଦିଆଯାଇଛି।

Email:aakar.patel@gmail.com

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 5 | | | | | | | |
| | | 1 | | | | | | |
| 4 | | 2 | 1 | | | 7 | 3 | |
| | 1 | 6 | | | | 5 | | |
| | | | | 3 | | | | 4 |
| 2 | 8 | | 6 | | | | | |
| | | | | 5 | 9 | 8 | | |
| | | | | 6 | | | | 9 |
| 8 | 7 | | 3 | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 1 | 5 | 4 | 8 | 6 | 7 | 3 |
| 5 | 4 | 7 | 3 | 6 | 2 | 1 | 9 | 8 |
| 3 | 8 | 6 | 1 | 7 | 9 | 5 | 2 | 4 |
| 6 | 3 | 8 | 2 | 1 | 7 | 9 | 4 | 5 |
| 1 | 5 | 2 | 9 | 8 | 4 | 3 | 6 | 7 |
| 9 | 7 | 4 | 6 | 3 | 5 | 2 | 8 | 1 |
| 7 | 2 | 3 | 8 | 9 | 1 | 4 | 5 | 6 |
| 8 | 6 | 9 | 4 | 5 | 3 | 7 | 1 | 2 |
| 4 | 1 | 5 | 7 | 2 | 6 | 8 | 3 | 9 |

ଗତ କାଲିର ଉତ୍ତର

# ଉଚ୍ଚଶିକ୍ଷାରେ ପ୍ରହେଳିକା



ଡ. ସୁବାସ ଚନ୍ଦ୍ର ପାତ୍ର

ଏବେ ଓଡ଼ିଶାର ଉଚ୍ଚଶିକ୍ଷା ଏକ ପ୍ରହେଳିକା ମଧ୍ୟ ଦେଇ ଗତି କରୁଛି। ଅପ୍ରସଙ୍ଗକୁ ପ୍ରସଙ୍ଗ କରିବା ପୂର୍ବକ ଏକ ଧୂମକୁଣ୍ଡଳୀ ସୃଷ୍ଟି କରି ଶିକ୍ଷାର ସ୍ଖଳନର ପ୍ରକୃତ କାରଣ ଖୋଜିବା ପରିବର୍ତ୍ତେ ଶିକ୍ଷାନୁଷ୍ଠାନ, ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିବା ପାଇଁ ବିଭାଗ କେତେ ଦାୟୀ ତା'ର ଆତ୍ମ-ସମୀକ୍ଷା କରିବା ପରିବର୍ତ୍ତେ ଛାତ୍ରୀଛାତ୍ରମାନଙ୍କଠୁ ଶିକ୍ଷକମାନଙ୍କ ସମ୍ବନ୍ଧରେ ଯାହା ତାହା ତଥ୍ୟ ମାଗି, ବିନା ଅନୁସନ୍ଧାନରେ ତାହାକୁ ସର୍ବସାଧାରଣରେ ପ୍ରସାରଣ କରି ଶିକ୍ଷାସମାଜକୁ ନିନ୍ଦିତ କରିବାରେ ବିଭାଗ ବ୍ୟସ୍ତ।

ଇଂରାଜୀ ମାଧ୍ୟମ ସ୍କୁଲରେ ପଢୁଥିବା ପିଲାମାନଙ୍କୁ ସ୍କୁଲ ତରଫରୁ ଦିଆଯାଉଥିବା ଡାଇରିରେ ଲେଖାଥାଏ 'ଡୋ ନଟ୍ ସ୍ପିକ୍ ଇଲ୍ ଅଫ୍ ଦି ଟିଚର୍ସ ବିଫୋର ୟୋର ଚିଲ୍ଡ୍ରେନ।' (ଆପଣଙ୍କ ପିଲାମାନଙ୍କ ଆଗରେ ସ୍କୁଲର ଶିକ୍ଷକମାନଙ୍କ ସମ୍ବନ୍ଧରେ ଅପଶବ୍ଦ ବ୍ୟବହାର କରନ୍ତୁ ନାହିଁ।) ଅଥଚ ଉଚ୍ଚଶିକ୍ଷା ବିଭାଗ ନିଜ ବିଭାଗର ଶିକ୍ଷକମାନଙ୍କୁ ନିଜେ ନିନ୍ଦିତ କରିବା ପାଇଁ ଶେଷରେ ଛାତ୍ରୀଛାତ୍ରଙ୍କୁ ବ୍ୟବହାର କରିବାକୁ ପଶ୍ଚାତ୍‌ପଦ ହେଲେ ନାହିଁ। ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ ଯେ, ଉଚ୍ଚଶିକ୍ଷା ବିଭାଗର କ୍ଲାଉଡ୍-ବେସ୍‌ଡ ଷ୍ଟୁଡେଣ୍ଟ ଫିଡ୍‌ବ୍ୟାକ୍ ମାଧ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ, ବିଜେବି କଲେଜ, ମହର୍ଷି କଲେଜ, ପୁରୀ ଏସ୍.ସି.ଏସ୍ କଲେଜ, ଭଦ୍ରଖ କଲେଜ ଭଳି କେତେକ ସ୍ୱନାମଧନ୍ୟ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଏହି ଫର୍ମାଟରେ ଶିକ୍ଷକଙ୍କ ଗୁଣ, ଚରିତ୍ର ଉପରେ ମନ୍ତବ୍ୟ ରଖିବା ସହ କଲେଜ ଭିତ୍ତିଭୂମିର ଅଭାବ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି। ଅନ୍‌ଲାଇନ ମାଧ୍ୟମରେ ଉଚ୍ଚଶିକ୍ଷା ବିଭାଗ ଛାତ୍ରୀଛାତ୍ରମାନଙ୍କଠୁ ଯେଉଁ ଫିଡ୍‌ବ୍ୟାକ୍ ମାଗିଛନ୍ତି, ତନ୍ମଧ୍ୟରେ ରହିଛି ଶିକ୍ଷକମାନେ ମଦ୍ୟପାନ କରି କଲେଜକୁ ଆସନ୍ତି କି? ଏ ବାବଦରେ କିଛି ଛାତ୍ରୀଛାତ୍ର ଓଡ଼ିଶାର କିଛି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଶିକ୍ଷକମାନଙ୍କ ନାମ ମଧ୍ୟ ଉଲ୍ଲେଖ କରିଛନ୍ତି। ଯଦି ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଶିକ୍ଷକଙ୍କ ଗୁଣ, ଚରିତ୍ର ତଥା ଅନ୍ୟାନ୍ୟ ସମ୍ବେଦନଶୀଳ ବିଷୟରେ ସରକାରଙ୍କ ପାଖରେ କିଛି ଖବର ଥିଲା, ସରକାରଙ୍କ ପ୍ରତି ଜିଲାରେ ଅବସ୍ଥିତ ଗୁଇନ୍ଦା ସଂସ୍ଥା ଦ୍ୱାରା ଗୋପନରେ ତାହା ଅନୁଧ୍ୟାନ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ କାହାର କିଛି କହିବାର ନଥିଲା। ମାତ୍ର ଗଣମାଧ୍ୟମରେ ସନ୍ଦିଗ୍ଧ ଶିକ୍ଷକମାନଙ୍କ ନାମ ପ୍ରକାଶ କରି ଅଧ୍ୟକ୍ଷ ବା ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ଏ ବିଷୟରେ ଅନୁସନ୍ଧାନ କରିବାକୁ କହିବାର ଅର୍ଥ କ'ଣ? ଯେଉଁମାନେ ଏ ବାବଦରେ ନିର୍ଦ୍ଦୋଷ, ସରକାର ସେମାନଙ୍କ ଅପହୃତ ସୁନାମ, ପାରିବାରିକ ଅଶାନ୍ତି, ଦୁଃଖ ବିଷୟରେ କ'ଣ ପଦକ୍ଷେପ ନେଇ ସେମାନଙ୍କୁ ପୂର୍ବାବସ୍ଥା ଫେରେଇ ଦେଇପାରିବେ?



ଦୁଃଖର କଥା, ସରକାରଙ୍କ ସମୟ ନିର୍ଦ୍ଧାରଣ। ଆଗକୁ ସେପ୍ଟେମ୍ବର ୫। ଗୁରୁଦିବସ। ଯେଉଁ ସମୟରେ ସାରା ଭାରତବର୍ଷ ଶିକ୍ଷକ ସମାଜକୁ ସମ୍ମାନିତ କରିବାକୁ ଆଗ୍ରହୀ ହେବେ, ଠିକ୍ ସେହି ସମୟରେ ଓଡ଼ିଶାରେ ଆରମ୍ଭ ହୋଇଛି ଶିକ୍ଷକ-ଅପବାଦ ପର୍ବ। କାମ ନ ଥିବା ମଣିଷମାନେ ଯାହା କରନ୍ତି। ଏହିବର୍ଷ ପ୍ରଥମ କରି କେନ୍ଦ୍ର ଶିକ୍ଷା ବିଭାଗ, ସାରା ଭାରତବର୍ଷର ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟସ୍ତରୀୟ ଶିକ୍ଷକମାନଙ୍କୁ ସମ୍ମାନିତ କରିବାର ବ୍ୟବସ୍ଥା କରିଛି, ଯାହା ସାଧାରଣତଃ ବିଦ୍ୟାଳୟସ୍ତରୀୟ ଶିକ୍ଷକମାନଙ୍କ ମଧ୍ୟରେ ସୀମିତ ଥିଲା। ଏ ପ୍ରସଙ୍ଗରେ କେନ୍ଦ୍ର ଶିକ୍ଷା ବିଭାଗ ତରଫରୁ ଏକ ନିର୍ଦ୍ଧାରିତ ଫର୍ମାଟ୍‌ରେ ଆବେଦନ କରିବାକୁ ନିବେଦନ କରାଯାଇଥିଲା, ଯାହାର ଶେଷ ତାରିଖ ଥିଲା ଜୁଲାଇ ୩୦। ଓଡ଼ିଶାର ଉଚ୍ଚଶିକ୍ଷା ବିଭାଗର କୌଣସି ମହାବିଦ୍ୟାଳୟ ଅବା ବିଶ୍ୱବିଦ୍ୟାଳୟରୁ ଆବେଦନ କରିଥିବା ଶିକ୍ଷକ ତଥା ଶିକ୍ଷକସମାଜ ଏ ବାବଦରେ ଉତ୍ସୁକ ଥିବାବେଳେ ଉଚ୍ଚଶିକ୍ଷା ବିଭାଗ ନିଜର କୌଣସି ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟର ଶିକ୍ଷକଙ୍କୁ ରାଜ୍ୟସ୍ତରୀୟ ପୁରସ୍କାରରେ ସମ୍ମାନିତ କରିବା ପରିବର୍ତ୍ତେ ଦୁଇ ପାଞ୍ଚଜଣ ଶିକ୍ଷକଙ୍କ ନାମରେ ସମଗ୍ର ଶିକ୍ଷକସମାଜକୁ ଅପବାଦ ମଧ୍ୟକୁ ଠେଲି ଦେଇଛନ୍ତି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାହେଲା, ଶିକ୍ଷକମାନଙ୍କ ପାଠପଢ଼ା ସମ୍ବନ୍ଧୀୟ ଦକ୍ଷତା ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆକଳନ ନିମନ୍ତେ ୟୁଜିସି ତରଫରୁ ଏକ ଫର୍ମାଟ୍ ପ୍ରଚଳିତ ରହିଛି, ଯାହା ଶେଷବର୍ଷର ଛାତ୍ରୀଛାତ୍ର ପୂରଣ କରି ଗୋପନରେ ବିଭାଗ ମୁଖ୍ୟ ଅବା ଅଧ୍ୟକ୍ଷଙ୍କୁ ଦେଇପାରିବେ। ଆଜିର ପ୍ରଗତିଶୀଳ ବାତାବରଣରେ ଏମିତି ବି କୌଣସି ଛାତ୍ରୀ/ଛାତ୍ର ଶିକ୍ଷକମାନଙ୍କ ସମ୍ବନ୍ଧରେ ନିଜର ଦୃଢ଼ମତ ଅଧ୍ୟକ୍ଷ ବା ଗଣମାଧ୍ୟମକୁ ଖୋଲାଖୋଲି ଦେଇପାରୁଛନ୍ତି। ଅଥଚ ଉଚ୍ଚଶିକ୍ଷା ବିଭାଗ ଏ ଫର୍ମାଟ୍ ପାଇଲେ କେଉଁଠୁ? ଏହି ପ୍ରକାର ବ୍ୟବସ୍ଥା ସାରା ଭାରତବର୍ଷର କେଉଁ ପ୍ରଦେଶରେ ପ୍ରଚଳିତ ଅଛି କି? କଥା ହେଉଛି ଧ୍ୟାନ ବିକର୍ଷଣ କରିବାର ପ୍ରୟାସ। ଫର୍ମାଟ୍‌ରେ ଓଡ଼ିଶାର ବିପର୍ଯ୍ୟସ୍ତ ଉଚ୍ଚଶିକ୍ଷାର ମୁଖ୍ୟ କାରଣ ବିଷୟରେ ପିଲାମାନଙ୍କୁ ପଚରା ଯାଇନାହିଁ – ଯେପରି କେଉଁ ବିଭାଗରେ କେତେ ଶିକ୍ଷକ ଅଛନ୍ତି? କଲେଜରେ ନିୟମିତ ଅଧ୍ୟକ୍ଷ ଅଛନ୍ତି କି? ଅତିଥି ଶିକ୍ଷକମାନଙ୍କ ଦ୍ୱାରା ଶିକ୍ଷାଦାନରେ ଅସୁବିଧା ହେଉଛି କି? ପାଠାଗାର, ପରୀକ୍ଷାଗାରମାନଙ୍କରେ ସହାୟକ କର୍ମଚାରୀ ଅଛନ୍ତି କି? ଲାଇବ୍ରେରି ବା ପଠନାଗାରରେ ସବୁ ବହି ଉପଲବ୍ଧ କି? ସରକାରୀ କାର୍ଯ୍ୟନିର୍ଘଣ୍ଟ ବାହାରେ ପଠନାଗାର ଖୋଲିବା ଆବଶ୍ୟକ କି? ଅଗଷ୍ଟରୁ ପାଠପଢ଼ା ଆରମ୍ଭ ହେଉଥିଲା ବେଳେ ନଭେମ୍ବର ପର୍ଯ୍ୟନ୍ତ ଆଡ୍‌ମିଶନ ଚାଲିବା ଉଚିତ କି? ଇତ୍ୟାଦି। ଯେହେତୁ ଏସବୁ ବିଭାଗର ଦୁର୍ବଳତା ତଥା ଅପାରଗତାକୈନ୍ଦ୍ରିକ, ଏ ସବୁକୁ ବିଭାଗ ଭାରି ଚତୁରତାର ସହ ଆଡ଼େଇ ଯାଇଛି।

ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଶିକ୍ଷକମାନଙ୍କ ଚରିତ୍ର ପଞ୍ଜିକା ମୂଲ୍ୟାୟନ କରିବା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଯଦି ଏହା ଶୈକ୍ଷିକ ପରିବେଶର ଉନ୍ନତି ପାଇଁ ଉଦ୍ଦିଷ୍ଟ, ପରିକଳ୍ପିତ ଫର୍ମାଟ୍‌କୁ ଉଚ୍ଚଶିକ୍ଷା ବିଭାଗ ୱେବ୍‌ସାଇଟ୍‌ରେ ସମସ୍ତଙ୍କ ମୁକ୍ତ ପଠନ ଓ ମତାମତ ପାଇଁ ଛାଡ଼ି ଦିଆଗଲା ନାହିଁ କାହିଁକି? ଏହାଦ୍ୱାରା ଶିକ୍ଷକ, ଅଭିଭାବକ, ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର ଏହି ଫର୍ମାଟ୍‌କୁ କିପରି ଅଧିକ ତ୍ରୁଟିଶୂନ୍ୟ, ନିରପେକ୍ଷ, ଉଭୟପକ୍ଷ ପାଇଁ ଗ୍ରହଣୀୟ ହୋଇପାରିବ ତାହା ସେମାନେ ଜଣାଇ ପାରିଥା'ନ୍ତେ। ଗୋପନୀୟ ଭାବରେ ଏହି ପ୍ରକାର ଏକ ସମ୍ବେଦନଶୀଳ ଦସ୍ତାବିଜ୍‌କୁ ଜାରି କରାଗଲା କାହା ସ୍ୱାର୍ଥରେ? ସେମାନେ ତ ଏ କାମ କରୁନାହାନ୍ତି?

ଓଡ଼ିଶାର ସରକାରୀ ବିଶ୍ୱବିଦ୍ୟାଳୟମାନ ପ୍ରଦେଶର ଘରୋଇ ବିଶ୍ୱବିଦ୍ୟାଳୟମାନଙ୍କଠୁ ସର୍ବଭାରତୀୟ ମାନ୍ୟତାର ବହୁ ପଛରେ। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଛି ମହାବିଦ୍ୟାଳୟର ଅଧ୍ୟକ୍ଷ, ଆଞ୍ଚଳିକ ନିର୍ଦ୍ଦେଶକ, ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ଓ ଅନ୍ୟାନ୍ୟ ପଦାଧିକାରୀ। ସମସ୍ତେ ଥାଇ ଯଦି ପିଲାମାନଙ୍କୁ ଫିଡ୍‌ବ୍ୟାକ ମାଗିବାକୁ ପଡ଼ିଲା, ତା'ହେଲେ ଏହା ବିଭାଗର ନିଜସ୍ୱ ଅପାରଗତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁନାହିଁ କି?

ଆଗକୁ ଗୁରୁଦିବସ। ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଯଦି ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରଦାନ କରାଯାଉଥିବା ଶିକ୍ଷାର ଗୁଣବତ୍ତା ରକ୍ଷା କରିବାକୁ କିଛି ଅଭିନବ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି; ଉଭୟ ଶିକ୍ଷକମାନଙ୍କୁ ଗୌରବାନ୍ୱିତ କରିବା ଏବଂ ଛାତ୍ରୀଛାତ୍ରମାନଙ୍କୁ ଅନୁପ୍ରାଣିତ କଲା ଭଳି କିଛି ପଦକ୍ଷେପ ନେବାକୁ ବସିଛନ୍ତି; ତାହା ପ୍ରକାଶ କରନ୍ତୁ। ଶିକ୍ଷକସମାଜକୁ ଅପମାନିତ କରି, ହତୋତ୍ସାହିତ କରି, ଅଯଥାରେ ଛାତ୍ର-ଶିକ୍ଷକମାନଙ୍କ ମଧ୍ୟରେ ବିଭେଦ ତଥା ବିଭାଜନର କାନ୍ଥ ଉଠେଇଲା ଭଳି ଆଲୋଚିତ କାର୍ଯ୍ୟକ୍ରମ ଗ୍ରହଣ କଲେ ଉଚ୍ଚଶିକ୍ଷା ଆହୁରି ବିପର୍ଯ୍ୟସ୍ତ ହେବ।

ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ଼, ବାଲେଶ୍ୱର
ମୋ: ୯୪୩୭୩୭୬୨୧୯
e-mail : subashbls56@gmail.com

# ଶିକ୍ଷା ଅର୍ଥନୀତିର ପ୍ରବର୍ତ୍ତକ

ବ୍ୟକ୍ତିତ୍ୱ



ରାଜ୍ ଚେଟ୍ଟି

ସାଧାରଣତଃ ଗରିବ ଦେଶଗୁଡ଼ିକର ପରିବାରରେ କେବଳ ଜଣେ ପିଲାକୁ ଉଚ୍ଚଶିକ୍ଷା ଲାଗି ଅଭିଭାବକ ବାଛିଥାଆନ୍ତି। କାରଣ ସବୁ ପିଲାଙ୍କୁ ଶିକ୍ଷା ଦେବା ପରିବାର ପକ୍ଷେ ସମ୍ଭବ ହୋଇ ନ ଥାଏ। ଏ କଥା କହିଛନ୍ତି ଭାରତୀୟ-ଆମେରିକୀୟ ଅର୍ଥନୀତିଜ୍ଞ ରାଜ ଚେଟ୍ଟି। ନିଜ ଘର କଥାକୁ ଉଦାହରଣ ଦେଇ ସେ କହିଛନ୍ତି, ପିତାଙ୍କ ପରିବାର ତାଙ୍କ ପିତାଙ୍କୁ ଏବଂ ମାତାଙ୍କ ପରିବାର କେବଳ ତାଙ୍କ ମାତାଙ୍କୁ ପଢ଼ିବାର ସୁଯୋଗ ଦେଇଥିଲେ। ତାଙ୍କ ମାତାପିତା ଦକ୍ଷିଣ ଭାରତର ଅତି ସ୍ୱଳ୍ପ ଆୟକାରୀ ପରିବାରରୁ ଆସିଥିଲେ ହେଁ ଉଚ୍ଚ ଶିକ୍ଷା ଯୋଗୁ ଆଗକୁ ବଢ଼ିଥିଲେ। ସେହି ଅନୁଯାୟୀ ସେ ହାର୍ଭାର୍ଡକୁ ଆସିବା ପରେ ତାଙ୍କୁ ଯେଉଁ ସୁଯୋଗ ମିଳିଲା ତାହା ତାଙ୍କ ମାତାପିତାଙ୍କ ଯୋଗୁ ସମ୍ଭବ ହେଲା ବୋଲି କହିଛନ୍ତି। ଧନୀ ଓ ଦରିଦ୍ର ଦେଶ ମଧ୍ୟରେ ଦେଖାଦେଉଥିବା ବିଷମତା ଓ ଭୌଗୋଳିକ ସ୍ଥିତି ଆଦି କାରଣ ବ୍ୟକ୍ତିକୁ କେଉଁ ପ୍ରକାର ସୁଯୋଗ ଦେଇଥାଏ, ତାହା ଉପରେ ଆଧାରିତ ତାଙ୍କ ଗବେଷଣା ବାସ୍ତବଧର୍ମୀ ହୋଇପାରିଛି। ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ୱିଲିୟମ୍ ଏ. ଆକ୍‌ମ୍ୟାନ୍ ପ୍ରଫେସର ଅଫ୍ ପବ୍ଲିକ୍ ଇକୋନମିକ୍ସ ପଦବୀରେ ଅବସ୍ଥାପିତ ରାଜ୍ ଚେଟ୍ଟି ଶୀର୍ଷ ହାର୍ଭାର୍ଡ ୟୁନିଭର୍ସିଟି ପୁରସ୍କାର ଜର୍ଜ ଲେଡ୍‌ଲି ପାଇବାକୁ ଯାଉଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଏବେ ଚର୍ଚ୍ଚାକୁ ଆସିଛି।

ନଦାରାଜନ 'ରାଜ୍' ଚେଟ୍ଟି ୪ ଅଗଷ୍ଟ ୧୯୭୯ରେ ନୂଆଦିଲ୍ଲୀଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କୁ ୯ ବର୍ଷ ବୟସ ହୋଇଥିବା ବେଳେ ପରିବାର ୧୯୮୮ରେ ଆମେରିକା ଚାଲିଯାଇଥିଲା। ୧୯୯୭ରେ ରାଜ୍ ୟୁନିଭର୍ସିଟି ସ୍କୁଲ ଅଫ୍ ମିଲ୍‌ୱାକିରୁ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ୨୦୦୦ ମସିହାରେ ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରୁ 'ଏବି' ଡିଗ୍ରୀ ଅର୍ଜନ କରିଥିଲେ। ସେହିଠାରେ ଗବେଷଣା କରି ୨୦୦୩ରେ ପିଏଚ୍.ଡି. ପାଇଥିଲେ। ମାର୍ଟିନ ଫେଲ୍ଡଷ୍ଟେନ୍, ଗାରି ଚାମ୍ବରଲେନ୍ ଓ ଲରେନ୍ସ ଏଫ୍. କାଟ୍‌ଜଙ୍କ ତତ୍ତ୍ୱାବଧାନରେ 'କନ୍‌ଜମ୍ପଶନ କମିଟ୍‌ମେଣ୍ଟ, ରିସ୍କ ପ୍ରିଫରେନ୍ସେସ୍ ଆଣ୍ଡ୍ ଅପ୍‌ଟିମାଲ ଅନ୍‌ଏମ୍ପ୍ଲୟମେଣ୍ଟ ଇନ୍‌ସ୍ୟୁରାନ୍ସ' ଶୀର୍ଷକ ସନ୍ଦର୍ଭ ଉଚ୍ଚ ପ୍ରଶଂସିତ ହୋଇଥିଲା। ୨୦୦୩ରେ ୨୪ ବର୍ଷ ବୟସରେ ସେ ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ଅର୍ଥନୀତି ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ହୋଇଥିଲେ। ଅର୍ଥଶାସ୍ତ୍ର ଗବେଷଣା ଓ ଅଧ୍ୟୟନରେ ଗଭୀର ପ୍ରବେଶ ଯୋଗୁ ଏହାର ୪ ବର୍ଷ ପରେ ସେ ସେଠାରେ ଆସୋସିଏଟ୍ ପ୍ରଫେସର ପଦବୀକୁ ଉନ୍ନୀତ ହୋଇଥିଲେ। ୨୦୦୯ରେ ସେ ହାର୍ଭାର୍ଡ ଫେରିଥିଲେ। ସେଠାରେ ସେ ଅର୍ଥନୀତିର ବ୍ଲୁମ୍‌ବର୍ଗ ପ୍ରଫେସର ହେବା ସହ ଲାବ୍ ଫର୍ ଇକୋନୋମିକ୍ ଆପ୍ଲିକେଶନ୍ସ ଆଣ୍ଡ୍ ପଲିସିର ନିର୍ଦ୍ଦେଶକ ହୋଇଥିଲେ। ୨୦୧୫ରେ ସେ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ପ୍ରଫେସର ହେବା ତାଙ୍କ କ୍ୟାରିୟରକୁ ବ୍ୟାପକ କରିଥିଲା। ଜୁନ୍ ୨୦୧୮ରେ ତାଙ୍କ ସହ-ଲେଖକ ଜନ୍ ଫ୍ରେଡ୍‌ମ୍ୟାନ୍ ଘୋଷଣା କଲେ ଯେ, ରାଜ୍ ପୁଣି ହାର୍ଭାର୍ଡ ଫେରିବେ। ସେହି ବର୍ଷ ଜୁଲାଇରେ ସେ ଜନ୍ ଫ୍ରେଡ୍‌ମ୍ୟାନ୍ ଓ ନାଥାନେଲ୍ ହେଣ୍ଡ୍ରେନ୍‌ଙ୍କ ସହ ମିଶି 'ଅପର୍ଚ୍ୟୁନିଟି ଇନ୍‌ସାଇଟ୍ସ'ର ପ୍ରତିଷ୍ଠାତା ନିର୍ଦ୍ଦେଶକ ହୋଇଥିଲେ।

ରାଜ୍‌ଙ୍କ ଗବେଷଣା କହେ ଛାତ୍ରୀଛାତ୍ରଙ୍କ ସଫଳତା ଶିକ୍ଷକଙ୍କ ଗୁଣବତ୍ତା ଉପରେ ନିର୍ଭର କରିଥାଏ। ବିଶେଷକରି ସ୍ୱଳ୍ପ-ଆୟକରୀ ବର୍ଗ ପରିବାରର ପିଲାମାନେ କିଭଳି ପ୍ରଭାବିତ ହୋଇଥାଆନ୍ତି ତାହାର ଏକ ନମୁନା ସେ ଦେଖାଇଛନ୍ତି। ଆମେରିକା ଭିତରେ ଅର୍ଥନୈତିକ ଚଳମାନତା କିଭଳି ବ୍ୟାପକ ରହିଛି, ତାହାକୁ ମଧ୍ୟ ସେ ଗବେଷଣାରେ ଦେଖାଇବାକୁ ଚାହିଁଛନ୍ତି। ଜଣେ ବ୍ୟକ୍ତିଙ୍କ ଦକ୍ଷତା ହିଁ ଅର୍ଥନୀତିର ଶିଡ଼ି ଚଢ଼ିବାକୁ ପ୍ରଭାବିତ କରିଥାଏ। ତାଙ୍କ ଗବେଷଣା କହେ- 'ଆମେରିକାନ୍ ଡ୍ରିମ୍' ପ୍ରାପ୍ତ ହେବା ଏତେ ସହଜ ନୁହେଁ। ଉପରକୁ ଉଠିବାରେ ଅନେକ ବାଧାବିଘ୍ନ ଉପୁଜିଥାଏ। ଉଲ୍ଲେଖଯୋଗ୍ୟ, ଆମେରିକାନ୍ ଡ୍ରିମ୍ ହେଉଛି ସେଠାକାର ଏକ ଜାତୀୟ ଲୋକନୀତି। ଗଣତନ୍ତ୍ର, ଅଧିକାର, ସ୍ୱାଧୀନତା ଓ ସମାନତା ଭିତରେ ବ୍ୟକ୍ତିଗତ ପ୍ରଗତି ଓ ସଫଳତା ଲାଗି ସୁଯୋଗ ରହିଥାଏ। କିନ୍ତୁ ପୁଞ୍ଜିବାଦୀ ସମାଜରେ ଥିବା ବାଧାକୁ ପାର କରି ଆଗକୁ ଯିବା କଠିନ ପରିଶ୍ରମ ଦ୍ୱାରା ସମ୍ଭବ ହୁଏ। ୧୯୩୧ରେ ଜେମ୍ସ ଟ୍ରୁସ୍ଲୋ ଆଡାମ୍ସ 'ଆମେରିକାନ୍ ଡ୍ରିମ୍'ର ପରିକଳ୍ପନା କରିଥିଲେ। ତାଙ୍କ ମତରେ ଜୀବନ ପ୍ରତ୍ୟେକଙ୍କ ପାଇଁ ଉତ୍ତମ, ସମୃଦ୍ଧ ଓ ପୂର୍ଣ୍ଣ ହେବା ଉଚିତ। ପ୍ରତ୍ୟେକଙ୍କ ଦକ୍ଷତା ଅନୁଯାୟୀ ସୁଯୋଗ ରହିଛି, ସିଏ ଯେଉଁ ପରିସ୍ଥିତିରେ ଜନ୍ମ ହୋଇଥାନ୍ତୁ ବା ସାମାଜିକ ବର୍ଗକୁ ପ୍ରତିନିଧିତ୍ୱ କରିଥାଅନ୍ତୁ ନା କାହିଁକି। ଏହି ତତ୍ତ୍ୱକୁ ରାଜ୍ ତାଙ୍କ ଗବେଷଣାରେ ସନ୍ନିବେଶିତ କରି 'ଇକୋନୋମିକ୍ ମୋବିଲିଟି' ଉପରେ ଦେଇଥିବା ଅଭିନବ ସୂତ୍ର ତାଙ୍କୁ ଅନ୍ତର୍ଜାତୀୟ ସ୍ତରର ବିଶିଷ୍ଟ ଅର୍ଥନୀତିଜ୍ଞଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ସର୍ବଦା ଅନୁଭୂତିମୂଳକ ବାସ୍ତବ ବିଷୟବସ୍ତୁକୁ ସେ ଗବେଷଣାର ଆଧାର କରି ଅର୍ଥନୀତିରେ ଭିନ୍ନ ଏକ ଦିଗ ଉନ୍ମୋଚନ କରୁଥିବାରୁ ବହୁ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ୨୦୦୮ରେ 'ଦି ଇକୋନମିଷ୍ଟ', 'ନ୍ୟୁୟର୍କ ଟାଇମ୍ସ' ପୁରସ୍କାର ଠାରୁ ଏବର ହାର୍ଭର୍ଡ ୟୁନିଭର୍ସିଟି ଶୀର୍ଷ ସମ୍ମାନ ତାଙ୍କ ଗବେଷଣା କ୍ଷେତ୍ରକୁ ଆହୁରି ବ୍ୟାପକ କରିବ ବୋଲି ଆଶା କରାଯାଉଛି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଜଣେ ବ୍ରିଗେଡିୟର ଅବସର ପରେ ନିଜକୁ ଏକ ଭିନ୍ନ କାର୍ଯ୍ୟରେ ନିୟୋଜିତ କରିଛନ୍ତି, ଯାହା ବେଶ୍ ପ୍ରେରଣାଦାୟକ। ଆନ୍ଧ୍ରପ୍ରଦେଶର ଏହି ସେନା ଅଧିକାରୀ ଜଣକ ହେଉଛନ୍ତି ପି. ଗଣେଶନ୍। ସେ ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାର ଦୁର୍ଗମ ଅଞ୍ଚଳଗୁଡ଼ିକୁ ଯାତ୍ରା କରି ତୃଣମୂଳ ସ୍ତରରେ ଲୋକେ ଆବିଷ୍କାର କରିଥିବା ନୂତନ ଯନ୍ତ୍ରପାତିକୁ ଲୋକଲୋଚନକୁ ଆଣୁଛନ୍ତି। ତାଙ୍କର ଏହି ଅଭିଯାନର ନାମ ରଖିଛନ୍ତି 'ଶୋଧ ଯାତ୍ରା'। ୨୦୦୫ରେ ସେ 'ପଲ୍ଲୀ ସୃଜନ' ସଂସ୍ଥା ଗଠନ କରି ତା' ମାଧ୍ୟମରେ ଏହି କାର୍ଯ୍ୟ କରିଆସୁଛନ୍ତି। ଦୀର୍ଘ ୧୮ ବର୍ଷ ମଧ୍ୟରେ ଗଣେଶନ୍ ଏଭଳି ୨୦୦ ଉଚ୍ଚକୋଟୀର ଆବିଷ୍କୃତ ଯନ୍ତ୍ରପାତି ଠାବ କରିଛନ୍ତି, ଯାହା ନିତିଦିନ ଜୀବନରେ ବହୁ କାର୍ଯ୍ୟରେ ଲାଗିପାରୁଛି। ଏସବୁ ଆବିଷ୍କାର ମଧ୍ୟରୁ ୧୩ ଜଣ ରାଷ୍ଟ୍ରପତି ପୁରସ୍କାର, ୨ ଜଣ ପଦ୍ମଶ୍ରୀ ପାଇସାରିଛନ୍ତି। ସେ ମଧ୍ୟ ଆବିଷ୍କାରକଙ୍କୁ ସେମାନଙ୍କ ଯନ୍ତ୍ରପାତି ଅଧିକ ସଂଖ୍ୟାରେ ନିର୍ମାଣ କରିବାକୁ ସାହାଯ୍ୟ କରୁଛନ୍ତି ଏବଂ ଏଯାବତ୍ ସେ ବିଭିନ୍ନ ଉତ୍ସରୁ ସେମାନଙ୍କୁ ପ୍ରାୟ ୪ କୋଟି ଟଙ୍କା ଋଣ କରାଇପାରିଛନ୍ତି। ଆବିଷ୍କୃତ ଯନ୍ତ୍ରପାତିଗୁଡ଼ିକର ପ୍ରତିକୃତି ସିକନ୍ଦରାବାଦ ବାୟୁପୁରିରେ ଥିବା ତାଙ୍କ ବାସଭବନରେ ପ୍ରଦର୍ଶିତ କରୁଛନ୍ତି। ଏଗୁଡ଼ିକ ମଧ୍ୟରୁ ୨୬ଟି ବିକ୍ରି ପାଇଁ ପ୍ରସ୍ତୁତ ହୋଇଗଲାଣି, ୨୪ଟିର ପ୍ୟାଟେଣ୍ଟ ବି ସରିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଅଗଷ୍ଟ ୧୯୯୮

- ପାକିସ୍ତାନ ଓ ଇରାନ୍‌କୁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ରପ୍ତାନି କରୁଥିବା ନେଇ ଉତ୍ତର କୋରିଆର ସ୍ୱୀକାରୋକ୍ତି।
- ଦୂରସଞ୍ଚାର ବିଭାଗକୁ ଏକ କର୍ପୋରେସନରେ ପରିଣତ କରିବା ଲାଗି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ଭାରତୀୟ ଦୂରସଞ୍ଚାର କର୍ମଚାରୀ ମହାସଂଘ ଓଡ଼ିଶା ଶାଖା ପକ୍ଷରୁ ବିରୋଧ।

## ପାଠକ ଶ୍ରେଷ୍ଠ ବିଚାରକ

### କୋପଦୃଷ୍ଟିରେ ଗାନ୍ଧୀ ଅନୁଷ୍ଠାନ

ମହାଶୟ,
ନିଜ ଜୀବନକୁ ତିଳ ତିଳ କରି ଜୀବନସାରା ଇଂରେଜମାନଙ୍କ ବିରୋଧରେ ଲଢ଼ି ଯିଏ ଦେଶ ସ୍ୱାଧୀନ କରିଥିଲେ ଏବଂ ଯାହାଙ୍କୁ ଜାତିର ପିତା ଆଖ୍ୟା ଦିଆଯାଇଛି ସେ କାହିଁକି ଆଜି ଅଲୋଡ଼ା? ତାଙ୍କର ସବୁ ସେବା ଅନୁଷ୍ଠାନକୁ ଭାଙ୍ଗି ତାଙ୍କ ବିଚାର ପ୍ରସ୍ତାବଗୁଡ଼ିକୁ ଅଳିଆ ଭଳି ଫୋପାଡ଼ି ଦେବାର ଉଦ୍ଦେଶ୍ୟ କ'ଣ? ବାରାଣସୀରେ ସର୍ବ ସେବା ସଂଘକୁ ବଳପୂର୍ବକ ପୋଲିସ ଦଖଲ କରି କେଉଁ ଉଦ୍ଦେଶ୍ୟ ସାଧନ କରିବାକୁ କେନ୍ଦ୍ର ସରକାର ଚାହୁଁଛନ୍ତି? ଗାନ୍ଧୀଙ୍କ ଭାବଧାରାକୁ କାହିଁକି ପଦାଘାତ କରାଯାଉଛି? ସ୍ୱାଧୀନତାର ମୂଲ୍ୟ ଓ ଗାନ୍ଧୀଙ୍କ ଭାବଧାରାକୁ ନ ବୁଝି ଆଜି କେନ୍ଦ୍ର ସରକାର ଯାହା କରିଛନ୍ତି ଜନସାଧାରଣ କ୍ଷମା ଦେବେ ତ। ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ତାଙ୍କ ବିଚାର ଧାରାର ବହିଗୁଡ଼ିକ ଯେଭଳି ଗଦା ଯାଇଛି ତାକୁ ଦେଖିଲେ ଉତ୍ତରପ୍ରଦେଶ ସରକାରଙ୍କର ବର୍ବରତା ସହଜରେ ବାରି ହୋଇପଡୁଛି। ଏ ହୀନମନ୍ୟତା କାର୍ଯ୍ୟ କାହା ଦ୍ୱାରା ହେଉଛି ଓ କାହିଁକି? ଏହାକୁ ଦେଶବାସୀ ସହିବେ ତ। ଏହା ବିନାଶ କାଳେ ବିପରୀତ ବୁଦ୍ଧି ନୁହେଁ ତ?

– ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

## ଚିରନ୍ତନୀ

ମରଣ ଯାତନା ଜରା ବିୟୋଗ ବିଚ୍ଛେଦ
ବ୍ୟଥା ବ୍ୟାଧି
ଜୀବନ-ମିଳନ ସୁଖ ସ୍ନେହ ପ୍ରେମ ଯେ
ଆନନ୍ଦ ଆଦି
ସୃଷ୍ଟି ବିକାଶର ପଥେ ପ୍ରୟୋଜନ ତୁଲ୍ୟ
ସମାନ ଯେ ସକାଳର ମୂଲ୍ୟ।
(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମହିଳାଙ୍କୁ ଗ୍ରାମବାସୀଙ୍କ ଆକ୍ରମଣ
ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଜାରି

**ମାଲକାନଗିରି, ୧୯।୮ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍‌ଭି-୨୦ ଗ୍ରାମରେ ଜଣେ ମହିଳାଙ୍କୁ ଗ୍ରାମବାସୀ ଆକ୍ରମଣ କରିବାରୁ ସେ ଗୁରୁତର ଅବସ୍ଥାରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ତଥ୍ୟ ମୁତାବକ, ଏମ୍‌ଭି-୨୦ ଗ୍ରାମର ଅପର୍ଣା ମାଲାକାରଙ୍କୁ କେତେକ ଲୋକ ଆକ୍ରମଣ କରିବା ସମୟରେ ତାଙ୍କ ଚିତ୍କାର ଶୁଣି ପରିବାରବର୍ଗ ଆସି ୧୮ ଜଣ ମିଶି ତାଙ୍କୁ ପିଟୁଥିବା ଦେଖି ଗ୍ରାମବାସୀଙ୍କ କବଳରୁ ରକ୍ଷାକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ତେବେ ଗ୍ରାମବାସୀଙ୍କ ସହ କୌଣସି ଶତ୍ରୁତାକୁ କେନ୍ଦ୍ରକରି ଏପରି ଆକ୍ରମଣ ହୋଇଥିବା ପରିବାରବର୍ଗ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଚିକିତ୍ସାଳୟର ଡାକ୍ତର ସପନ କୁମାର ଡିଣ୍ଡା କହିଛନ୍ତି, ବର୍ତ୍ତମାନ ମହିଳାଙ୍କ ଚିକିତ୍ସା ଜାରି ରହିଛି, ସେ ଶୀଘ୍ର ସୁସ୍ଥ ହୋଇଯିବେ। ରିପୋର୍ଟ ଲେଖାହେବା ସୁଦ୍ଧା ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

### ରକ୍ତଦାନ କଲେ ଏସ୍‌ପି, ୩୬ ୟୁନିଟ୍ ରକ୍ତ ସଂଗ୍ରହ
ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

**ମାଲକାନଗିରି, ୧୯।୮ (ନୃସିଂହ ଚରଣ ମହାନ୍ତି)**

ମାଲକାନଗିରି ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଆଲୋକ କୁମାର ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ ଯୋଗ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅଥିତି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝି ଯୋଗଦେଇ କହିଥିଲେ, ଜଣେ ରକ୍ତ ଦାନ କରିବା ଦ୍ୱାରା ୩ ଜଣଙ୍କ ଜୀବନ ରକ୍ଷା କରାଯାଇ ପାରିବ। ତେଣୁ ଯୁବ ସମାଜ ରକ୍ତଦାନ କରି ନିଜର ସମାଜ ପ୍ରତି ଥିବା ଉତ୍ତର ଦାୟିତ୍ୱ ନିର୍ବାହ କରିବା ଉଚିତ ବୋଲି କହିଥିଲେ। ମୁଖ୍ୟ ବକ୍ତା ଜିଲା ଯୁବ ରେଡକ୍ରସ ସମ୍ପାଦକ ଡ. ରଞ୍ଜନ କୁମାର ସ୍ୱାଇଁ ରକ୍ତଦାନର ମହତ୍ତ୍ୱ ବିଷୟରେ କହିଥିଲେ। ପରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଆସି ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ନୀତେଶ ୱାଧୱାନୀ ଯୋଗଦେଇ ରକ୍ତଦାନର ଆବଶ୍ୟକତା ବିଷୟରେ ଆଲୋକପାତ କରିବା ସହ ସେ ନିଜେ ରକ୍ତଦାନ କରିଥିଲେ। ସମୁଦାୟ ୩୬ ୟୁନିଟ ରକ୍ତ ସଂଗୃହ ହୋଇଥିଲା। ଏଥିସହ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତପନ ନାରାୟଣ ରଥ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ । ଏଥିରେ ଅନ୍ୟମାନେ ସହଯୋଗ କରିଥିଲେ।

### ଦ୍ୱିତୀୟ ଦିନରେ ପିଇଓଙ୍କ ଧାରଣା

**କୋରାପୁଟ, ୧୯।୮ (ଅମିତାଭ ବେହେରା)**

ବିଭିନ୍ନ ଦାବିରେ କୋରାପୁଟ ଜିଲା ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିବା ଧାରଣା ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। କୋରାପୁଟ ଜିଲା ପଞ୍ଚାୟତ ନିର୍ବାହୀ ସଂଘ ସଭାପତି କୃଷ୍ଣ ପାତ୍ରଙ୍କ ନେତୃତ୍ୱରେ ଉପସଭାପତି ବିଜ୍ଞାନୀ ମିଶ୍ର, ସମ୍ପାଦକ ପ୍ରମୋଦ କୁମାର ମିଶ୍ର, କୋଷାଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ଲମତାପୁଟ ବ୍ଲକ ସଭାପତି ସୁରେଶ ପାଣିଗ୍ରାହୀ, ଅଜିତ କୁମାର ପ୍ରଧାନ, ଏନ୍. ସିମାଞ୍ଚଳ, ଜି ରାଉତ, ରାଜେନ୍ଦ୍ର ପାତ୍ର, ଭଗବାନ ଖିଲ, ସୁବାଷ ଖିଲ, ବି. ରେଜିଆଙ୍କ ସମେତ ଜିଲାର ୧୪ ବ୍ଲକର ଶତାଧିକ ପିଇଓ ଧାରଣାରେ ସାମିଲ ଥିଲେ। ଉପରୋକ୍ତ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ସଂଘ ସଭାପତି କହିଛନ୍ତି।

# ୩୧ରୁ ଛୁଟିରେ ଯିବେ ଅସନ୍ତୁଷ୍ଟ କୃଷି ସେବାସଂଘ କର୍ମକର୍ତ୍ତା

**ମାଲକାନଗିରି, ୧୯।୮ (ଦୁର୍ଯ୍ୟୋଧନ ପାତ୍ର)**


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥାନ, ଭାରତ ସରକାରଙ୍କ ୨୦୧୬ରେ ପ୍ରଚଳିତ ବିଜ୍ଞପ୍ତି ଦ୍ୱାରା କୃଷିଭିତ୍ତିକ ଶିକ୍ଷାକୁ ଏକ ବୃତ୍ତିଗତ ଶିକ୍ଷାର ମାନ୍ୟତା ପ୍ରଦାନ କରିଛନ୍ତି। ତଦନୁଯାୟୀ ରାଜ୍ୟ ସରକାରଙ୍କ ବୃତ୍ତିଗତ ଶିକ୍ଷାପ୍ରାପ୍ତ କ୍ୟାଡରଙ୍କ ସହ ସମକକ୍ଷ କରି କୃଷି ବିଭାଗର ଅଧିକାରୀଙ୍କୁ ଗ୍ରୁପ୍ ଏ'ରେ ନିଯୁକ୍ତି ଦିଆଯିବା ପାଇଁ କୃଷି ଅଧିକାରୀ ଦୀର୍ଘଦିନରୁ ଦାବିକରି ଆସୁଛନ୍ତି। କିନ୍ତୁ ଏଥିପ୍ରତି ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ବିଭାଗୀୟ ଟାଳଟୁଳ ନୀତିକୁ ଦୃଷ୍ଟିରେ ରଖି କୃଷି ସେବାସଂଘ, ମାଲକାନଗିରି ଶାଖା ପକ୍ଷରୁ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସରକାର ଯଦି ଏହା ଉପରେ କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଆସନ୍ତା ୩୧ ତାରିଖରୁ କାର୍ଯ୍ୟବନ୍ଦର ଡାକରା ସହ ଛୁଟିରେ ଯିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ପ୍ରକାଶ ଯେ, ନୂତନ ଭାବେ ପୁନର୍ବିନ୍ୟାସ ନ କରି ସୀମିତ ଅଧିକାରୀଙ୍କ ଉପରେ ଅତ୍ୟଧିକ ଚାପ ଦେଇ କୃଷି ବିଭାଗର ସମସ୍ତ ପ୍ରଚଳିତ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏପରିକି ଗୋଟିଏ ବେତନହାର(ଲେଭଲ ୧୩ରେ କୃଷି ଜିଲା ଅଧିକାରୀ ଏବଂ ଜିଲା ମୁଖ୍ୟ କୃଷି ଅଧିକାରୀ) ଦୁଇଟି ପଦୋନ୍ନତି ରହିଛି, ଯାହା ଅନ୍ୟ କୌଣସି କ୍ୟାଡରରେ ଦେଖାଯାଏନାହିଁ।

ବହୁଦିନ ଧରି ବିଭାଗର ପଦବୀଗୁଡ଼ିକ ଖାଲି ରହିବା ସହ ନୂତନ ନିଯୁକ୍ତି ହେଉ ନ ଥିବାରୁ କୃଷିକାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ସମୟାନୁସାରେ ପଦୋନ୍ନତି ଜନିତ ସମସ୍ୟା ମଧ୍ୟ ନିରନ୍ତର ଭାବେ ପରିଲକ୍ଷିତ ହେଉଛି। ବିଗତ ଦୁଇ ଦଶନ୍ଧି ମଧ୍ୟରେ ଯଦିଓ ବହୁ ବିଭାଗୀୟ ପରୀକ୍ଷାଗାର ସ୍ଥାପନ ସହ କୃଷକ ମଙ୍ଗଳକାରୀ ଯୋଜନା ସମୂହ କାର୍ଯ୍ୟକାରିତା ନିମନ୍ତେ ସ୍ୱତନ୍ତ୍ର କୃଷି ବଜେଟ ଆଗତ କରାଯାଇ ଥିଲେ ହେଁ ସେହି ଅନୁପାତରେ କ୍ୟାଡରରେ ଗୋଟିଏ ମଧ୍ୟ ନୂତନ ପଦବୀ ସୃଷ୍ଟି କରାଯାଇନାହିଁ। ଏହି କ୍ରମରେ ଗତ ୧ ବର୍ଷ ଧରି ବାରମ୍ବାର ମନ୍ତ୍ରୀ, ପ୍ରମୁଖ ଶାସନ ସଚିବ ତଥା ନିର୍ଦ୍ଦେଶକଙ୍କ ମଧ୍ୟରେ ଆଲୋଚନା ହୋଇସାରିଛି। ଏହା ମଧ୍ୟରେ ରାଷ୍ଟ୍ରୀୟ କୃଷି ସମ୍ପ୍ରସାରଣ ଓ ପ୍ରବନ୍ଧନ ସଂସ୍ଥାନରେ ଗଠିତ କମିଟି ୧୪।୭।୨୩ରେ ସରକାରଙ୍କୁ କ୍ୟାଡର ପୁନର୍ବିନ୍ୟାସ ସମ୍ବନ୍ଧିତ ସୁପାରିସ ପତ୍ର ଏବଂ ଏହାର ଯଥାର୍ଥତା ବିଷୟରେ ପ୍ରତିପାଦନ କରିଛନ୍ତି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ନ କରି ନୀରବ ରହିଛନ୍ତି। ଆଗରୁ ସରକାରଙ୍କ ପ୍ରତିଶ୍ରୁତି ପାଇ ସଂଘ ଆନ୍ଦୋଳନକୁ ଅଗଷ୍ଟ ୧୫ ଯାଏ ସ୍ଥଗିତ ରଖିଥିଲା। ହେଲେ ଏଯାବତ୍ ସରକାରଙ୍କ ଦ୍ୱାରା କୌଣସି ପଦକ୍ଷେପ ନିଆ ନ ଯିବାରୁ ସଂଘ ଅସନ୍ତୋଷ ବ୍ୟକ୍ତ କରିଛି।

# ଜଙ୍ଗଲରୁ ୨୦୦ କି.ଗ୍ରା.ଗଞ୍ଜେଇ ଜବତ


ଜବତ ଗଞ୍ଜେଇ ।

**ବାଲିମେଲା, ୧୯।୮ (ଶିବଦତ୍ତ ସାହୁ)**

ମାଲକାନଗିରି ଜିଲା ଓର୍କେଲ ଥାନା ଅଧିନ କୁଡୁମୁଲୁଗୁମ୍ମା ଫାଣ୍ଡି ଅନ୍ତର୍ଗତ ମାଛଗୁଡ଼ା ଗ୍ରାମ ନିକଟ ଜଙ୍ଗଲ ମାଟି ତଳେ ପୋତା ଯାଇଥିବା ୨୦୦ କି.ଗ୍ରା.ଗଞ୍ଜେଇ ଶନିବାର ଓର୍କେଲ ପୋଲିସ ଜବତ କରିଛି।

ସୂଚନାନୁଯାୟୀ, କୁଡୁମୁଲୁଗୁମ୍ମା ଫାଣ୍ଡି ଅନ୍ତର୍ଗତ ମାଛଗୁଡ଼ା ଗ୍ରାମଠାରୁ ପ୍ରାୟ ୨ କି.ମି.ଦୂରରେ ମାଫିଆଙ୍କ ଦ୍ୱାରା ବିପୁଳ ପରିମାଣର ଗଞ୍ଜେଇ ବାହାରକୁ ଚାଲାଣ କରିବା ପାଇଁ ଲୁଚା ଯାଇଥିଲା। ଖବର ପାଇବା ପରେ ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପୋଲିସର ଏକ ଟିମ୍ ଘଟଣା ସ୍ଥଳକୁ ଯାଇ ଖୋଜାଖୋଜି କରିବା ପରେ ମାଟି ତଳେ ୮ ଟି ବସ୍ତାରେ ଗଞ୍ଜେଇ ପୋତା ଯାଇଥିବା ଦେଖିଥିଲେ। ପରେ ସେହି ବସ୍ତାଗୁଡ଼ିକରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ଜବତ ଗଞ୍ଜେଇ ଥାନାକୁ ଆଣି ଓଜନ କରିବା ପରେ ୨୦୦ କିଲୋ ଥିବା ଜଣାପଡିଥିଲା। ତେବେ ଉକ୍ତ ଗଞ୍ଜେଇ ପରିତ୍ୟକ୍ତ ସ୍ଥାନରୁ ମିଳିଥିବାରୁ ଜବତ ଗଞ୍ଜେଇ କାହାର ଏବଂ କେଉଁମାନେ ଏହି ଘଟଣାରେ ସମ୍ପୃକ୍ତ ଅଛନ୍ତି ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇ ନ ଥିବା ଥାନାଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଆମ ଗାଁ ଆମ ତହସିଲ କାର୍ଯ୍ୟକ୍ରମରେ ୧୧୩୫ ଜଙ୍ଗଲ ଜମି ପଟ୍ଟା ବଣ୍ଟନ


ପଟ୍ଟାବଣ୍ଟନ କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ଅନ୍ୟମାନେ ।

**ଚିତ୍ରକୋଣ୍ଡା, ୧୯।୮ (କ୍ଷୀରୋଦ ବେହେରା)**

ଆନ୍ଧ୍ର ଓଡିଶା ସୀମାନ୍ତ ଆଦିବାସୀ ବହୁଳ ଉପାନ୍ତ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ୍ ସ୍ୱାଭିମାନ ଅଞ୍ଚଳ ରାଲେଗାଡ଼ା ପଞ୍ଚାୟତ ଅନ୍ତର୍ଗତ ସାକୃବନ୍ଧାଠାରେ ପ୍ରଶାସନ ପକ୍ଷରୁ ପଟ୍ଟାବଣ୍ଟନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚିତ୍ରକୋଣ୍ଡା ତହସିଲ ଦ୍ୱାରା ଆମ ଗାଁ ଆମ ତହସିଲ ଯୋଜନାରେ ଆୟୋଜିତ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ତହସିଲଦାର ଟି. ପଦ୍ମନାଭ ଦୋରା, ମୁଖ୍ୟ ଅତିଥି ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲୁ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା, ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ରାଜେଶ୍ୱରୀ ଖିଲ ଉପସ୍ଥିତ ରହି ରାଲେଗାଡ଼ା ପଞ୍ଚାୟତର ସାକୃବନ୍ଧା ଏବଂ ବଡ଼ପଦ୍ରା ପଞ୍ଚାୟତ ସ୍ୱାଭିମାନ ଅଞ୍ଚଳ ୫ ପଞ୍ଚାୟତ ଧୂଳିପୁଟ, ରାଲେଗାଡା,ବଡ଼ପଡ଼ା ପାପରମେଟେଲା ଓ ବଡ଼ପଦରର ୧୧୩୫ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିଥିଲେ।

### ନୂତନ ଏସ୍‌ଡିପିଓଙ୍କୁ ପ୍ରେସ୍ କ୍ଲବ ତରଫରୁ ସମ୍ବର୍ଦ୍ଧନା

**ବୋରିଗୁମ୍ମା, ୧୯।୮ (ବିଜୟ ସାହୁ)**

କୋରାପୁଟ ଜଲା ବୋରିଗୁମ୍ମା ଥାନାରେ ନୂତନ ଏସଡିପିଓ ଭାବେ ଶୁଭେନ୍ଦୁ କୁମାର ଶବର ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବୋରିଗୁମ୍ମା ପ୍ରେସ୍ କ୍ଲବ ତରଫରୁ ନୂତନ ଏସଡିପିଓ ଶବରଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏଥିପୂର୍ବରୁ ସେ ନବରଙ୍ଗପୁର ଜିଲା ଉମରକୋଟ ଏସଡିପିଓ ଭାବେ କାର୍ଯ୍ୟ କରୁଥିଲେ। ନୂତନ ଦାୟିତ୍ୱ ନେବା ପରେ ସେ କହିଛନ୍ତି ଯେ, ବୋରିଗୁମ୍ମା, କୋଟପାଡ଼, ବିସିଂହପୁର ୩ଟି ଥାନା ଅଧୀନରେ ଥିବା ସମସ୍ତ ଲୋକଙ୍କ ସାମଗ୍ରିକ ହିତ ପାଇଁ କାର୍ଯ୍ୟ ସମ୍ପାଦନ କରିବେ। ଏଥିସହ ଆଇନଶୃଙ୍ଖଳା ବଜାୟ ରଖିବା, ଅପରାଧୀଙ୍କୁ ନିୟନ୍ତ୍ରଣ କରିବା ଏବଂ ବୋରିଗୁମ୍ମା ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ କରିବା ନେଇ କହିଥିଲେ। ସମ୍ବର୍ଦ୍ଧନା ଦେବା ସମୟରେ ପ୍ରେସ କ୍ଲବ୍ ସଭାପତି ବିଜୟ ନାରାୟଣ ସାହୁ, ଉପସଭାପତି ରଞ୍ଜନ କୁମାର ମିଶ୍ର, ସମ୍ପାଦକ ଏନ.ପିମ୍ପସ କୁମାର, କୋଷାଧ୍ୟକ୍ଷ ମାନସ ରଞ୍ଜନ ହୋତା, ଉପଦେଷ୍ଟା ଦୟାନିଧି ପଟ୍ଟନାୟକ, ଜି. ମୋହନ ଦୋରା, ବିଷ୍ଣୁ ପଣ୍ଡା, ବିଘ୍ନରାଜ ଷଡ଼ଙ୍ଗୀ, ସୁକାନ୍ତ ମାଝୀ, ଗୋପାଳ ଡଙ୍ଗରି,ଅମୃତ ଖୋସଲା, ସରୋଜ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜଳ ଉଠାଇଲେ କାଉଡ଼ିଆ


ଜଳ ନେବା ଲାଗି କାଉଡିଆମାନେ ନଦୀପଠାରେ ଏକତ୍ର ହୋଇଛନ୍ତି ।

**ମାଥିଲି, ୧୯।୮ (ସୁବାଷ ଚନ୍ଦ୍ର ଖୁଡୁପିଆ)**

ଚଳିତ ସୋମବାର ଲାଗି ମାଲକାନଗିରି ଜିଲା ମାଥିଲି ବ୍ଲକର ବିଭିନ୍ନ ପଞ୍ଚାୟତରୁ କାଉଡ଼ିଆ ଏକତ୍ରିତ ହୋଇ ସପ୍ତଧାରା ନଦୀରୁ ଶନିବାର ଜଳ ଉଠାଇ ଗୁପ୍ତେଶ୍ୱର ଶୈବପୀଠରେ ଜଳାଭିଷେକ କରିବାକୁ ଯାଇଛନ୍ତି। କାଉଡିଆମାନେ ନଦୀ ପଠାରେ ପୂଜାର୍ଚ୍ଚନା କରିବା ପରେ ଜଳ ଉଠାଇଥିଲେ। ସେଠାରୁ ସେମାନେ ପଦଯାତ୍ରାରେ ବାହାରିଛନ୍ତି। କାଉଡିଆଙ୍କୁ ସହଯୋଗ କରିବା ପାଇଁ ଧନର୍ଯ୍ୟ ପୂଜାରୀ, ଭଗବାନ ରେଙ୍ଗୀ, ଅର୍ଜୁନ ନାୟକ, ରାମ ଦୋରା, ବିନା ସଗରିଆ ଓ ସୁବାଷ ଚନ୍ଦ୍ର ଖୁଡୁପିଆ ପ୍ରମୁଖ ସହଯୋଗ ପାଇଁ ସାମିଲ ହୋଇଛନ୍ତି।

# ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ: ତଳ ମହଲା ଛାତରୁ ପ୍ଲେଟ୍ ଖସିଲା

**ମାଲକାନଗିରି, ୧୯।୮ (ଦୁର୍ଯ୍ୟୋଧନ ପାତ୍ର)**


ଜିଲା ମୁଖ୍ୟ ଚିକିତ୍ସାଳୟ ଛାତ ପ୍ଲେଟ୍ ଖସିପଡ଼ିଛି।

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ୭ ମହଲା ବିଶିଷ୍ଟ ମୁଖ୍ୟ ଚିକିତ୍ସାଳୟର ତଳ ମହଲା ଉପର ଛାତ ଭାଙ୍ଗିପଡ଼ିଛି। ଏଥିରେ କେହି ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟ ଆହତ ହୋଇ ନ ଥିବା ଜଣାପଡ଼ିଛି। ଏଥିରୁ ଜଣା ପଡୁଛି ମୁଖ୍ୟ ଚିକିତ୍ସାଳୟର କାର୍ଯ୍ୟ କେତେ ନିମ୍ନମାନର ବୋଲି। ପ୍ରକାଶ ଯେ, ଏଥିପୂର୍ବରୁ ମଧ୍ୟ ଏହି ଚିକିତ୍ସାଳୟ କାନ୍ଥକୁ ଲାଗିଥିବା ପ୍ଲେଟ୍ ଭାଙ୍ଗି ଜଣେ ପ୍ରସୂତି ମହିଳା ଆହତ ହୋଇଥିବା ବେଳେ ଚିକିତ୍ସାଳୟର ବହୁ ସ୍ଥାନରେ ଏପରି ପ୍ଲେଟ୍‌ଗୁଡ଼ିକ ଭାଙ୍ଗି ଲୋକେ ଆହତ ହୋଇଥିବା ନଜିର ରହିଛି।

### ଜମି ହଡ଼ପ ଉଦ୍ୟମ ନେଇ ଅଭିଯୋଗ

**କୋରାପୁଟ, ୧୯।୮ (ଅମିତାଭ ବେହେରା)**

କୋରାପୁଟ ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତ ମୋହନପଡ଼ା ଗ୍ରାମରେ ଜମି ହଡପ ପାଇଁ ଉଦ୍ୟମ କରାଯାଉଥିବା ନେଇ ଗ୍ରାମର ଦୁଲ୍ଲଭ ମାଝି ସ୍ଥାନୀୟ ଡୁମୁରିପୁଟ ଫାଣ୍ଡିରେ ଅଭିଯୋଗ ହୋଇଛି। ଦୀର୍ଘ ୩୦ ବର୍ଷ ହେବ ଦୁଲ୍ଲଭଙ୍କ ବଡ ବାପା ଭଇରା ମାଝିଙ୍କ ନାମରେ ପଟ୍ଟା ଥିବା ଜମିକୁ ସେ ଚାଷବାସ କରୁଛନ୍ତି। ୩୦ ବର୍ଷତଳେ ଭାଇରାଙ୍କ ମୃତ୍ୟୁ ହୋଇଯାଇଛି। ତାଙ୍କ ଔରଷରୁ କେହି ଉତରାଧିକାରୀ ନ ଥିବାରୁ ଭଇରାଙ୍କ ନାମରେ ଥିବା ଜମିକୁ ଦୁଲ୍ଲଭ ଓ ତାଙ୍କ ଭାଇମାନେ ମିଶି ଚାଷ କରନ୍ତି। ଏବେ ମୋହାନପଡା ଗ୍ରାମର କୁମ ମାଝି ଓ ମହିନ୍ଦ୍ର ମାଝି ନାମକ ଉକ୍ତ ଜମିକୁ ତାଙ୍କ ଶ୍ୱଶୁର ଡମ୍ବରୁଧର ଯାନୀ କିଣି ପଟ୍ଟା କରିଥିବା କହି ଉପରୋକ୍ତ ଜମି ଛାଡିବାକୁ କହୁଥିବା ଏତଲାରେ ଉଲ୍ଲେଖ ରହିଛି। ଭଇରାଙ୍କ ଜମି ବିକ୍ରି କଥା ଜାଣିନାହୁଁ ବୋଲି ଗ୍ରାମର କେଶବ ଯାନୀ, ରାମଚନ୍ଦ୍ର ଭତ୍ରା ପଦୁ ମାଝି, କୃପା ଗୋଲରୀ, ରବି ମାଝି, ଗୁରୁବାରି ଲିମକିଆ, ପ୍ରତିମା ଦୁରୁଆ କହିଛନ୍ତି। ଘଟଣାର ଯାଞ୍ଚ କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

# ବିଶ୍ୱ ଫଟୋଗ୍ରାଫି ଦିବସ


ବିଶ୍ୱ ଫଟୋଗ୍ରାଫି ଦିବସରେ ମାଲକାନଗିରି ଜିଲାର ଫଟୋ ଗ୍ରାଫରମାନେ ।

**ମାଲକାନଗିରି, ୧୯।୮ (ନୃସିଂହ ଚରଣ ମହାନ୍ତି)**

ବିଶ୍ୱ ଫୋଟୋଗ୍ରାଫି ଦିବସ ଅବସରରେ ମାଲକାନଗିରିଜିଲାର ସମସ୍ତ ଫଟୋଗ୍ରାଫର ଶନିବାର ଏକତ୍ରିତ ହୋଇ ସୁବାଷ ଛକରେ ଏକ ଆଲୋଚନା ଚକ୍ର ହୋଇଥିଲା। ଜିଲାର ଭୌଗୋଳିକ ଦୃଷ୍ଟି କୋଣରୁ ଫୋଟୋଗ୍ରାଫି କରିବା ଫୋଟୋ ଗ୍ରାଫରଙ୍କୁ କଷ୍ଟ ଦାୟକ। ବିଭିନ୍ନ ଗଣମାଧମରେ କାର୍ଯ୍ୟରତ ଫୋଟୋଗ୍ରାଫରଙ୍କ ପାଇଁ ବିଶେଷ କଷ୍ଟ ଦାୟକ। ମାଓବାଦୀ ଅଞ୍ଚଳରେ କାମ କରୁଥିବା ହେତୁ ବିଭିନ୍ନ ସ୍ଥାନରେ ଅକ୍ରସୋର ସିକର ହୋଇଥିବାରୁ ନିଜର ସୁରକ୍ଷା ନିମନ୍ତେ ଆଲୋଚନା କରିଥିଲେ। ଫଟୋଗ୍ରାଫରମାନେ ଜିଲାସ୍ତରୀୟ ଫୋଟୋଗ୍ରାଫି ଦିବସ ଧୁମ ଧାମରେ ପାଳନ କରିଥିଲେ। ଏହି ଦିବସକୁ କେକ୍ କାଟି ଫୋଟ ଉଠାଇ ଅତି ଧୁମ୍ ଧାମରେ ପାଳନ କରିଥିଲେ। ଏଥିରେ ସମସ୍ତ ଗଣମାଧମର ଫୋଟୋଗ୍ରାଫୋର ଯୋଗ ଦେଇଥିଲେ। ଏହି ଦିବସକୁ ନିଲୁ ପାଢ଼ୀ, ମୁନା ନେତାମ, ପ୍ରକାଶ ପଟନାୟକ, ବିକି ଶଗଡ଼ିଆ, ରାହୁଲ ଗୋଲୋରି, ସନ୍ତୋଷ ନାୟକ, ମାନସ ମାଝି ଓ ପଙ୍କଜ ଖରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ବାଲିମେଲା ମହାବିଦ୍ୟାଳୟରେ ନୂତନ ଭୋଟର କର୍ମଶାଳା

**ବାଲିମେଲା, ୧୯।୮ (ଶିବଦତ୍ତ ସାହୁ)**

ମାଲକାନଗିରି ଜିଲା ବାଲିମେଲା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟରେ ଆଗାମୀ ଦିନରେ ହେବାକୁ ଥିବା ନିର୍ବାଚନ ନିମନ୍ତେ ନୂତନ ଭୋଟରମାନଙ୍କୁ ନେଇ ଶନିବାର ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ତଥା ଜିଲା ଇଲେକ୍ଟୋରାଲ ରେଜିଷ୍ଟ୍ରେଶନ ଅଫିସର ଅକ୍ଷୟ କୁମାର ଖେମୁଡୁଙ୍କ ସଭାପତିତ୍ୱରେ ନୂତନ ଭୋଟରମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ଗଣତନ୍ତ୍ରକୁ ସୁଦୃଢ କରିବାକୁ ହେଲେ ଭୋଟରମାନେ ନିଜର ବହୁମୂଲ୍ୟ ଭୋଟ୍‌ର ମୂଲ୍ୟ ବୁଝିବା ସହିତ ଇଲେକ୍ଟୋରାଲ ଭୋଟର ପଞ୍ଜୀକରଣ କରିବା ଦ୍ୱାରା ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ ହୋଇପାରିବ। ଏଥିସହିତ ଅଧିକ ସଂଖ୍ୟକ ଭୋଟରମାନେ ନିଜ ନିଜର ମତ ସାବ୍ୟସ୍ଥ କରିପାରିବେ ବୋଲି ଖେମୁଡୁ କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଜୟ ମାନଡାଙ୍ଗୀ, ମହାବିଦ୍ୟାଳୟ ଅଧ୍ୟକ୍ଷ ରବୀନ୍ଦ୍ର ନାଥ ପାତ୍ର, ପୂର୍ବତନ ଅଧ୍ୟକ୍ଷ ଅମୁଲ୍ୟ କୁମାର ପ୍ରଧାନ, ଏନଏସି ନିର୍ବାହୀ ଅଧିକାରୀ କୃଷ୍ଣ ଚନ୍ଦ୍ର ରଥ,ସମସ୍ତ ବିଏଲଓ ସହିତ ମହାବିଦ୍ୟାଳୟ ଅଧାପିକା ଓ ଅଧାପକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜିଲାର ୨୫ ହଜାର କିଶୋରୀ କିଶୋର ସାମିଲ

**କୋରାପୁଟ, ୧୯।୮ (ଅମିତାଭ ବେହେରା)**

କୋରାପୁଟ ଜିଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ କିଶୋର କିଶୋରୀଙ୍କ ଦ୍ୱାରା ଶନିବାର ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାର ୨୫ ହଜାର କିଶୋର କିଶୋରୀ ସାମିଲ ହୋଇଥିଲେ। ଜଳବାୟୁ ପରିବର୍ତ୍ତନ ଦ୍ୱାରା ପୃଥିବୀର ଉତ୍ତାପ ବୃଦ୍ଧି ପାଇଛି , ଏହାର ପ୍ରଭାବରେ ଅତ୍ୟାଧିକ ଗରମ ହେବା,


ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ବାଳିକାମାନେ।

### ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମ

ବନ୍ୟା, ବାତ୍ୟା, ଓ ମରୁଡି ଭଳି ବିପତ୍ତି ସୃଷ୍ଟି ହେଉଛି। ଏପରିକି ଜଳବାୟୁ ପରିବର୍ତ୍ତନ ଯୋଗୁପିଲାମାନେ ମଧ୍ୟ ପ୍ରଭାବିତ ହେଉଛନ୍ତି। ଜିଲାରେ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ କିଶୋର କିଶୋରୀଙ୍କ ଉଦ୍ଦିଷ୍ଟରେ ପ୍ରତି ଶନିବାର କିଶୋରୀ ଶସକ୍ତିକରଣ 'ଆଦ୍ୱିକା' କାର୍ଯ୍ୟକ୍ରମରେ ମୋଟ ୨୫ ହଜାର ୨ଶହ କିଶୋର କିଶୋରୀ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ସିଡିପିଓ, ସୁପରଭାଇଜର୍, ଅଙ୍ଗନବାଡ଼ି କର୍ମୀ, ପି.ଆର୍.ଆଇ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ।

# ସାମୂହିକ ଚାରାରୋପଣ

**ମାଲକାନଗିରି, ୧୯।୮ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ପ୍ରଶାସନ ଓ ଆକ୍ସନ ଏଡ୍‌ର ମିଳିତ ଆନୁକୁଲ୍ୟରେ ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ ପାଇଁ ଜିଲାର ପ୍ରତି ଅଙ୍ଗନୱାଡି କେନ୍ଦ୍ର ଓ ଶିଶୁ ଗୃହଗୁଡିକରେ ଅଦ୍ୱିକ କାର୍ଯ୍ୟକ୍ରମ ମାଧ୍ୟମରେ କିଶୋର କିଶୋରୀମାନଙ୍କ ଦ୍ୱାରା ସାମୁହିକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଳବାୟୁ ପରିବର୍ତ୍ତନ ପିଲାମାନଙ୍କୁ ପ୍ରଭାବିତ କରୁଛି। ପରିବାରରେ ରୋଜଗାର କମାଇ ଦେଉଛି। ପ୍ରାକୃତିକ ଦୁର୍ବିପାକ ହେଲେ ପିଲାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ମଧ୍ୟ ପ୍ରଭାବିତ ହେଉଛି। ଏଣୁ ଶନିବାର ସମଗ୍ର ଜିଲାର କିଶୋର କିଶୋରୀମାନେ ଗଛ ଲଗାଇ ଜଳବାୟୁ ପରିବର୍ତ୍ତନକୁ ରୋକିବାର କ୍ଷୁଦ୍ର ଏକ ପ୍ରୟାସ କରିଛନ୍ତି। ଏଥିରେ ଜିଲାର ୧୩୨୪ ଅଙ୍ଗନୱାଡି କେନ୍ଦ୍ର ଏବଂ ୩ଟି ଶିଶୁ ଗୃହର ପ୍ରାୟ ୧୪ ହଜାର ଜଣ କିଶୋର କିଶୋରୀମାନେ କାର୍ଯ୍ୟକ୍ରମ ମାଧ୍ୟମରେ ନିଜ ନିଜ ଅଞ୍ଚଳରେ ମିଳୁଥିବା ୧୫ ହଜାରରୁ ଊର୍ଦ୍ଧ୍ୱ ଫଳ ଗଛ ରୋପଣ କରିଥିଲେ। ଅଙ୍ଗନବାଡି କେନ୍ଦ୍ର, ବିଦ୍ୟାଳୟ ପରିସର ଓ ଗ୍ରାମର ବିଭିନ୍ନ ରାସ୍ତା କଡରେ ଏହି ଚାରାରୋପଣ କରାଯାଇଥିଲା। ଏଥିସହ ଶପଥପାଠ ମଧ୍ୟ କରାଯାଇଥିଲା।


ଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପିଲା ।

**ସଂକ୍ଷେପରେ**

## ଟ୍ରକ୍‌ରେ ପିଟିହେଲା ବାଇକ୍ ଜଣେ ମୃତ, ୧ ଗୁରୁତର

ମୁନିଗୁଡ଼ା, ୧୯।୮ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ଥାନା ଅନ୍ତର୍ଗତ ହୁକୁମତୋଳା ନିକଟ ଭୈରବୀ ମନ୍ଦିର ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍‌କୁ ବାଇକ ପିଟିଦେବାରୁ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ରାମନାକୁପୁଲି ଗାଁର ଧନୁର୍ଯ୍ୟୟ ମାଣ୍ଡିକା ଓ ଆହତ ହେଲେ ମୁକେଶ ପିଡିକାକା । ଧନୁର୍ଯ୍ୟୟ ଜଣେ ଟ୍ରାକ୍ଟର ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ସନ୍ଧ୍ୟାରେ ଟ୍ରାକ୍ଟର ରଖି କୌଣସି କାମରେ ମୁନିଗୁଡ଼ା ଆସିବା ସମୟରେ ଭୈରବୀ ମନ୍ଦିର ନିକଟରେ ଦୁର୍ଘଟଣା ହୋଇଥିଲା। ଖବରପାଇ ମୁନିଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଧନୁର୍ଯ୍ୟୟ ଓ ମୁକେଶଙ୍କୁ ମୁନିଗୁଡ଼ା ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ଧନୁର୍ଯ୍ୟୟଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ଜଣେ ଯୁବକଙ୍କୁ ଚିକିତ୍ସା କରିଥିଲେ। ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ଓ ମୁନିଗୁଡ଼ା ଥାନା ଅଧିକାରୀ ସୌଦାମିନୀ ବେହେରା ଡାକ୍ତରଖାନାରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତକରି ଘଟଣାର ତଦନ୍ତ କରୁଛି। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ପୋଲିସ ସୂଚନା ଦେଇଛି। ଧନୁର୍ଯ୍ୟୟ ପରିବାରରେ ରୋଜଗାରିଆ ପୁଅ ହୋଇଥିବାରୁ ତାଙ୍କ ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏନେଇ ଡାକ୍ତରଖାନାରେ ଭିଡ ଜମିବା ସହ ଏକ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା ।

## ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ଜୟପୁର, ୧୯।୮ (ପବନ ପାଣିଗ୍ରାହୀ)

ସ୍ତ୍ରୀଙ୍କୁ ଲୁହାରଡରେ ପିଟି ହତ୍ୟା କରିଛନ୍ତି ସ୍ୱାମୀ। ଏପରି ଘଟଣା ଜୟପୁର ସଦର ଅଞ୍ଚଳରେ ଘଟିଛି। ଏନେଇ ପୋଲିସ ଅଭିଯୁକ୍ତ ସ୍ୱାମୀ ମାଧବ ଭୁମିଆ (୪୫)ଙ୍କୁ ଗିରଫ କରିଛି। ପୋଲିସ ସୂଚନାନୁଯାୟୀ ମାଧବ ଏକ ଲୁହା ରଡରେ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲା। ଏଥିରେ ତାଙ୍କ ସ୍ତ୍ରୀ ଗୁରୁତର ହୋଇ ପଡ଼ିଥିଲେ। ଜୟପୁର ସଦର ପୋଲିସ ଖବରପାଇ ଗୁରୁତର ମହିଳାଙ୍କୁ ଉଦ୍ଧାର କରି ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ଜୟପୁର ସଦର ପୋଲିସ ମାମଲା ରୁଜୁ କରି ମାଧବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜୟପୁର ସଦର ପୋଲିସ ସୂଚନା ଦେଇଛି।

## ୧୫୦ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ନନ୍ଦପୁର, ୧୯।୮ (ଶଙ୍କର ପୂଜାରୀ)

ନନ୍ଦପୁର ଅବକାରୀ ଦଳ ମାଛକୁଣ୍ଡ ଥାନା ଅଧୀନରେ ଥିବା ଚିକେନପୁଟ ପଞ୍ଚାୟତର ସାପ ରାଗିଣୀଗୁଡ଼ା ଗ୍ରାମ ଜଙ୍ଗଲରେ ଶନିବାର ଚଢ଼ାଉ କରି ୧୫୦ କିଲୋ ଗଞ୍ଜେଇ ଜବତ କରିଛି। ଘଟଣାସ୍ଥଳରୁ ବୈପାରିଗୁଡ଼ା ପଣ୍ଡିତବେଡ଼ା ଗ୍ରାମର ବିଜୟ ଖିଲ(୨୪)ଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଥିବା ନନ୍ଦପୁର ଅବକାରୀ ନୀରିକ୍ଷକ ଅଭୟ କୁମାର ନାୟକ ସୂଚନା ଦେଇଛନ୍ତି।

# ୨ ବର୍ଷ ହେଲା ସରୁନି ମୁନିଗୁଡ଼ା - ଭୈରବଗଡ଼ ରାସ୍ତାକାମ

ମୁନିଗୁଡ଼ା, ୧୯।୮ (ରାଧେଶ୍ୟାମ ଅଗ୍ରୱାଲ)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକର ଲାଇଫଲାଇନ କୁହାଯାଉଥିବା ମୁନିଗୁଡ଼ା-ଭୈରବଗଡ ରାସ୍ତା ଶୋଚନୀୟ ହୋଇପଡ଼ିଛି। ମୁନିଗୁଡ଼ାର ବ୍ୟସ୍ତବହୁଳ ଛକ ସିନେମା ହଲ୍ ରୋଡ୍ ଖାଲଖମାରେ ଭର୍ତ୍ତି ହୋଇଥିବାବେଳେ ମଝିରେ ମଝିରେ ବଡ଼ ବଡ଼ ଗର୍ତ୍ତ ରହିଛି। ଫଳରେ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିପଦସଙ୍କୁଳ ରାସ୍ତା ଯୋଗୁ ରାତି ସମୟରେ ଅନେକ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ରାସ୍ତାକାମ ଗତ ୨ ବର୍ଷ ହେଲା ଚାଲିଥିଲେ ମଧ ତାହା ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରୁନି। ଠିକାଦାର ଜଣେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କ ଅଙ୍କୁଶ



ରହୁ ନ ଥିବା ଅଭିଯୋଗ ହେଉଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅନ୍ତର୍ଗତ ଏହି ବ୍ୟସ୍ତବହୁଳ ରାସ୍ତା ଦେଇ ୬ଟି ପଞ୍ଚାୟତର ଶତାଧିକ ଗ୍ରାମର ଅଧିବାସୀ ନିର୍ଭର କରିଥାନ୍ତି। ବର୍ଷାଦିନ ପୂର୍ବରୁ ରାସ୍ତାକାମ ସମ୍ପୂର୍ଣ୍ଣ କରାଯିବାକୁ ଦାବି ହୋଇଥିଲା। ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ ନ କରିବାରୁ

### ଖାଲଖମାରେ ଭର୍ତ୍ତି ହୋଇଛି ରାସ୍ତା

ଆଜି ରାସ୍ତା ମରଣଯନ୍ତାରେ ପରିଣତ ହୋଇଛି। ଏହି ରୋଡ୍ ସଂଲଗ୍ନ ଗଣେଶ ନଗର ପାଖ ରାସ୍ତା ଅତି ଶୋଚନୀୟ ହୋଇ ପଡ଼ିଥିବା ବେଳେ ଭୈରବଗଡ ଯିବା ରାସ୍ତାର କେନାଲ ପାଖରେ ରାସ୍ତା ମଝିରେ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ଯାତ୍ରୀବାହୀ ବସ୍, ଭାରିଯାନ, ଆମ୍ବୁଲାନ୍ସ, ଜନନୀ ସୁରକ୍ଷା ଗାଡ଼ି ଓ ଅନେକ ଅଟୋ ବିଭିନ୍ନ ଗାଁକୁ ଯାଇଥାଏ। ଏଭଳି ବିପଦସଙ୍କୁଳ ରାସ୍ତାରେ ଯାତାୟାତ କରିବା କେତେ ସୁରକ୍ଷିତ ସେ ନେଇ ପ୍ରଶ୍ନ ଉଠିଛି। ଏଣୁ କିଛି ଅଘଟଣ ଘଟିବା ପୂର୍ବରୁ ଶୀଘ୍ର ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

# କିଶୋରୀ କିଶୋରଙ୍କୁ ନେଇ ନାଗରିକ ଦାୟିତ୍ୱବୋଧ ଶିକ୍ଷା

ରାୟଗଡ଼ା, ୧୯।୮ (ଭାଗ୍ୟଶ୍ରୀ ମିଶ୍ର)

ଅଦିକା କାର୍ଯ୍ୟକ୍ରମ ମାଧ୍ୟମରେ କିଶୋରୀ କିଶୋରଙ୍କୁ ନେଇ ଶନିବାର ନାଗରିକ ଦାୟିତ୍ୱବୋଧ ଶିକ୍ଷା ସହ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନକୁ ନିୟନ୍ତ୍ରଣ କରିବା ନିମନ୍ତେ କିଶୋରୀ ଓ କିଶୋରଙ୍କ ଭୂମିକା ବିଷୟରେ ସଚେତନ କରିବା ନିମନ୍ତେ ଜିଲାର ସମସ୍ତ ୧୧ଟି ବ୍ଲକର ଅଦିକା କ୍ଲବ ସଦସ୍ୟଙ୍କୁ ସଚେତନ କରାଯାଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ ଯାଜ୍ଞସେନୀ ବେହେରାଙ୍କ ପରାମର୍ଶକ୍ରମେ ଜିଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଅଦିକା କ୍ଲବର ସଦସ୍ୟଙ୍କୁ ନେଇ ସଚେତନ କରିବା ସହିତ ମିଳିମିଶି ପଣସ, ଆମ୍ବ, ଅମୃତଭଣ୍ଡା, ସଜନା ଗଛ ଭଳି ବିଭିନ୍ନ ପ୍ରକାର ଫଳଗଛ ଗ୍ରାମର ବିଭିନ୍ନ ସ୍ଥାନରେ ଲଗାଇଥିଲେ । ଏହି ପ୍ରକ୍ରିୟାରେ ଜିଲାର ବିଭିନ୍ନ ସ୍ଥାନରେ ପ୍ରାୟ ୫୦୦ କିଶୋର କିଶୋରୀ ଭାଗ ନେଇଥିଲେ ।

ସୂଚନାଥାଉକି, ରାୟଗଡ଼ା ଜିଲା ପ୍ରଶାସନ, ଜିଲା ଶିଶୁ ସୁରକ୍ଷା ୟୁନିଟ୍, ୟୁନିସେଫ୍ ଓ ଆକ୍ସନଏଡ୍‌ଙ୍କ ମିଳିତ ସଂଯୋଜନାରେ ଜିଲାରେ ବାଲ୍ୟବିବାହ ରୋକିବା ସହିତ କିଶୋରୀ ଓ କିଶୋରଙ୍କ ସୁରକ୍ଷା ପାଇଁ ଅଦିକା ନାମରେ ଏକ ସ୍ୱତନ୍ତ୍ର ସଚେତନତା ଅଭିଯାନ ୨୦୨୧ ମସିହାରୁ ଚାଲୁ ରହିଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତି ଶନିବାର ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରସ୍ତରରେ ୧୦ ରୁ ୧୯ ବର୍ଷର ସମସ୍ତ କିଶୋର କିଶୋରୀଙ୍କୁ ସାମିଲ କରି ପୁଷ୍ଟି, ରକ୍ତହୀନତା, ଜୀବନ କୌଶଳ, ଶିଶୁ ସୁରକ୍ଷା, ଲିଙ୍ଗଗତ ଭେଦଭାବ, ଲିଙ୍ଗଭିତ୍ତିକ ହିଂସା, ଯୌନ ସ୍ୱାସ୍ଥ୍ୟ, ଆର୍ଥିକ ସାକ୍ଷରତା, ଶିକ୍ଷା ଓ ଦକ୍ଷତା ବିକାଶ ଭଳି ବିଷୟ ଉପରେ ସଚେତନତା ସୃଷ୍ଟି କରାଯାଇଛି ।



ଅଙ୍ଗନୱାଡି କେନ୍ଦ୍ର ପରିସରରେ ବାଳିକାମାନେ ଚାରାରୋପଣ କରୁଛନ୍ତି।

## ମା’ ମାର୍କମା ମହାବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ବିଷମ କଟକ, ୧୯।୮ (ବିଭୂତି ଭୂଷଣ ନାୟକ)

ବିଷମକଟକ ସଦରରେ ଥିବା ମା’ ମାର୍କମା ଯୁକ୍ତ ୨ ଏବଂ ଯୁକ୍ତ ୩ ମହାବିଦ୍ୟାଳୟ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇବା ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁସୂଚୀତ ଜାତି, ଜନଜାତି, ପଛୁଆବର୍ଗ ଉନ୍ନୟନ ବିଭାଗ ତଥା ଆଇନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧିର କୁମାର ଦାଶ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ଯୁକ୍ତ ୩ ବିଭାଗର ଅଧ୍ୟକ୍ଷ ଅଶ୍ୱିନି କୁମାର ପଣ୍ଡା, ଯୁକ୍ତ ୨ ବିଦ୍ୟାଳୟ ଅଧ୍ୟକ୍ଷ ଉମାଶଙ୍କର ନେମାଲ ପୁରୀ ମଞ୍ଚାସୀନ ଥିଲେ। ଉଚ୍ଚ ଶିକ୍ଷାର ମାନବୃଦ୍ଧି ଏବଂ ମହାବିଦ୍ୟାଳୟର ଆନୁସଙ୍ଗିକ ବିକାଶ ନିମନ୍ତେ ଚଳିତ ମାସରେ ମୁଖ୍ୟମନ୍ତ୍ରୀ ତାଙ୍କ ତାଙ୍କ କଲ୍ୟାଣ ଯୋଜନା ପାଣ୍ଠିରୁ ବିଷମକଟକ ଯୁକ୍ତ ୨ବିଦ୍ୟାଳୟକୁ ୭୫ଲକ୍ଷ ଏବଂ ଯୁକ୍ତ ୩ ମହାବିଦ୍ୟାଳୟକୁ ୫୦ ଲକ୍ଷ ଟଙ୍କାର ଅନୁଦାନ ରାଶି ପ୍ରଦାନ କରିଛନ୍ତି । ଫଳରେ ଏବେ ମହାବିଦ୍ୟାଳୟର ଉନ୍ନତିକରଣ, ସ୍ମାର୍ଟ କ୍ଲାସ, ଇ ଲାଇବ୍ରେରି, ଉଚ୍ଚକୋଟିର ସାଇନ୍ସ ଲ୍ୟାବ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । କଲେଜ ଏହି ଅନୁଦାନ ରାଶି ପାଇଥିବାରୁ ଛାତ୍ରୀଛାତ୍ର ଉପକୃତ ହେବେ। ତେଣୁ ମହାବିଦ୍ୟାଳୟ ପରିସରରେ ଏକ ଧନ୍ୟବାଦ ସଭାର ଆୟୋଜନ କରି ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀ ଏବଂ ୫-ଟି ସଚିବଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଇଂରାଜୀ ଅଧ୍ୟାପକ ସଞ୍ଜୟ ତ୍ରିପାଠି ପରିଚାଳନା କରିଥିଲେ ।

# ଆଦିବାସୀ, ହରିଜନ ଉନ୍ନୟନ ସଚିବଙ୍କ ପଦ୍ମପୁର ଗସ୍ତ



ସଚିବ ରୂପାରୋଶନ ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ପଦ୍ମପୁର, ୧୯।୮ (ପ୍ରଶାନ୍ତ କର)

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ଆଦିବାସୀ ହରିଜନ ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ ମଙ୍ଗଳ ବିଭାଗ ସଚିବ ରୂପା ରୋଶନ ସାହୁ ଶନିବାର ପଦ୍ମପୁର ବ୍ଲକ୍ ଗସ୍ତ କରିଥିଲେ। ଏହି ଅବସରରେ ସଚିବ ସାହୁ ମରିଚଗୁଡ଼ାସ୍ଥିତ ଅକ୍ଷରବ୍ରହ୍ମ ମନ୍ଦିର ପରିଦର୍ଶନ କରିଥିଲେ। ପରେ ସେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମାଝି, ଗୁଣପୁର ପିଏ ଆଇଟିଡିଏ ଶାନ୍ତିପ୍ରଭା ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନ, ବ୍ଲକ୍ ମଙ୍ଗଳ ସଂପ୍ରସାରଣ ଅଧିକାରୀ ସସ୍ମିତା ରଥ, ମରିଚଗୁଡ଼ାସ୍ଥିତ ମାତାର ବିଜ୍ଞାନ ପ୍ରଚାର ଆଶ୍ରମ ସଭାପତି ରାମପ୍ରସାଦ ଗମାଙ୍ଗ, ସମ୍ପାଦକ ଦିନାସି ଗମାଙ୍ଗ, କମିଟି ସଦସ୍ୟଙ୍କ ସହ ଅକ୍ଷର ବ୍ରହ୍ମ ମନ୍ଦିରର ଉନ୍ନତି ବିଷୟରେ ଆଲୋଚନା କରିଥିଲେ। ଆମ୍ଭ ଅଧ୍ୟକ୍ଷ କୈଳାସ କ୍ରାସ୍କା ବଡ଼ନାଳ ଜଳସେଚନ ପ୍ରକଳ୍ପ ଅସୁବିଧା ସମ୍ପର୍କରେ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଚାଷୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ସାନନଦୀ ବନ୍ଧ ସଂଯୋଗୀକରଣ କରାଗଲେ ବଡ଼ନାଳ ଜଳସେଚନ ପ୍ରକଳ୍ପର ଜଳ ଅଭାବ ଦୂର ହୋଇପାରିବ ଏବଂ ପଦ୍ମପୁର ବ୍ଲକ ସମେତ ଗୁଡ଼ାରି, ଗୁଣପୁର ଏବଂ ରାମନାଗୁଡା ବ୍ଲକର ଚାଷୀମାନେ ଉପକୃତ ହୋଇପାରିବେ ବୋଲି କହିଥିଲେ। ନଦୀବନ୍ଧ ସଂଯୋଗୀକରଣ କଥା ୫-ଟି ସଚିବଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସଚିବ ସାହୁ ପ୍ରତିଶ୍ରୁତି ଦେଇଥିଲେ।

## ହୋଟେଲ ସମ୍ମୁଖରୁ ଗଞ୍ଜେଇ ଜବତ, ୨ ଗିରଫ



ଅବକାରୀ କର୍ମଚାରୀଙ୍କ ସହ ଗିରଫ ୨ ଅଭିଯୁକ୍ତ।

ରାୟଗଡ଼ା, ୧୯।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ରେଳ ଷ୍ଟେଶନ ଛକ ନିକଟସ୍ଥ ଏକ ହୋଟେଲ ସମ୍ମୁଖରୁ ଅବକାରୀ କର୍ମଚାରୀ ୨୨କେଜି ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛନ୍ତି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ ଲକ୍ଷ ୨୧ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି । ଗିରଫ ୨ ଜଣ ହେଉଛନ୍ତି ଗୁଡ଼ାରି ଅଞ୍ଚଳର ମାନସ ରଞ୍ଜନ ଲାବଲା (୨୬) ଓ ଲାବଣ୍ୟ ଶବର (୨୧) । ସୂଚନା ଅନୁଯାୟୀ, ଅବକାରୀ ବିଭାଗ ଏସ୍‌ଆଇ ସଞ୍ଜୟ କୁମାର ପ୍ରଧାନ ଟିମ୍ ସହିତ ଶନିବାର ସକାଳେ ପାଟ୍ରୋଲିଂ କରୁଥିବା ବେଳେ ପ୍ରାୟ ୮ଟା ୩୦ ମିନିଟ୍‌ରେ ଷ୍ଟେଶନ ଛକ ନିକଟସ୍ଥ ଏକ ହୋଟେଲ ସମ୍ମୁଖ ରୋଡ୍‌ରେ ମାନସ ଓ ଲାବଣ୍ୟ ଛିଡ଼ା ହୋଇଥିଲେ । ଏସ୍‌ଆଇ ପ୍ରଧାନଙ୍କ ସେମାନଙ୍କ ଉପରେ ସନ୍ଦେହ ହେବାରୁ ପଚରାଉଚୁରା କରିଥିଲେ ଏବଂ ସେମାନଙ୍କ ବ୍ୟାଗ୍ ଯାଞ୍ଚ କରିଥିଲେ । ଉକ୍ତ ବ୍ୟାଗ୍‌ରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା । ଫଳରେ ଅବକାରୀ କର୍ମଚାରୀ ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଥିଲେ। ପାଟ୍ରୋଲିଂ ବେଳେ ଏସ୍‌ଆଇ ସଞ୍ଜୟ ପ୍ରଧାନଙ୍କ ସହ ଏଏସ୍‌ଆଇ ରାଶି ନାୟକ ଓ ସଂଗ୍ରାମ ପ୍ରଧାନ, କନଷ୍ଟେବଲ ପାଲକା ଆପାୟା, ଖ୍ରୀଷ୍ଟଦାସ ବେବର୍ତ୍ତା, ଅମର ଦଳାଇ, କିଶୋର ବିଡ଼ିକା ଓ ସନ୍ଦୀପ ପାତ୍ର ପ୍ରମୁଖ ଥିଲେ ।

# ଗୁଣପୁରରେ ବିଦ୍ୱତ୍ ପରିଷଦର ଆଲୋଚନାଚକ୍ର

ଗୁଣପୁର, ୧୯।୮ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ବିଦ୍ୱତ ପରିଷଦ ପକ୍ଷରୁ ହିନ୍ଦୁ ଜୀବନଶୈଳୀରେ ବୈଜ୍ଞାନିକ ମହତ୍ୱ ସଂକ୍ରାନ୍ତ ଆଲୋଚାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ଶତପଥୀ ଉଦ୍ଦେଶ୍ୟ ପ୍ରତିପାଦନ କରିଥିବାବେଳେ ପରିଚାଳନା କମିଟି ସମ୍ପାଦକ ସୋମନାଥ ଗୌଡ, ଯୁଗ୍ମ ସମ୍ପାଦକ ମୋହନ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ପି. ଗୋବିନ୍ଦ ରାଓ ଉପସ୍ଥିତ ରହି ବୈଠକ ତଦାରଖ କରିବା ସହିତ ପରିଚାଳନା କରିଥିଲେ । ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ତଥା ରାୟଗଡ଼ା ଜଲା ସହ ପ୍ରମୁଖ କୃଷ୍ଣପ୍ରସାଦ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଲୋଚନା କରିଥିଲେ। ଆଚାର୍ଯ୍ୟା ରେଣୁକା ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ ସନ୍ତୋଷୀ ବାହାଦୁର ସୁନାର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବୈଠକରେ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ତଥା ଶିକ୍ଷକ ଓ ଅଧ୍ୟାପକ ବୃନ୍ଦ ଉପସ୍ଥିତ ରହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ ।



ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ଅତିଥି ଓ ଅନ୍ୟମାନେ ।

## ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ

ପଦ୍ମପୁର, ୧୯।୮ (ପ୍ରଶାନ୍ତ କର)

ରାୟଗଡ଼ା ଜିଲା ପଦ୍ମପୁରସ୍ଥିତ ବିଶ୍ୱକର୍ମା ରାଜମିସ୍ତ୍ରି ସଂଘ କାର୍ଯ୍ୟାଳୟ ପରିସରରେ ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୨୪୮ ନିର୍ମାଣ ଶ୍ରମିକଙ୍କୁ ୧୬ କୋଟି ୭୬ ଲକ୍ଷ ୪୮୦୦ଟଙ୍କା ପ୍ରଦାନ କରାଯାଇଛି। ଏହି ସମୟରେ ମୁଖ୍ୟ ଅତିଥି ଭାବେ ଆଇନମନ୍ତ୍ରୀ ଜଗନ୍ନାଥ ସାରକା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ବିଭାଗ ଉପଦେଷ୍ଟା ସୁଧୀର କୁମାର ଦାସ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ପଦ୍ମପୁର ବ୍ଲକ ଅଧ୍ୟକ୍ଷ ମଣିମାଳା ଶବର, ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ, ଜିଲା ପରିଷଦ ସଦସ୍ୟ ରବିନାରାୟଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ୭୩ ଶ୍ରମିକଙ୍କ ପରିବାରକୁ ମୃତ୍ୟୁକାଳୀନ ସହାୟତା ରାଶି, ୭୩ ଶ୍ରମିକଙ୍କ ପରିବାରକୁ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ସହାୟତା, ୬୧ ଶ୍ରମିକଙ୍କ ପୁଅଝିଅ ଶିକ୍ଷା ନିମନ୍ତେ ସହାୟତା, ୩୩ ଜଣଙ୍କୁ ବିବାହକାଳୀନ ସହାୟତା, ୮ଜଣଙ୍କୁ ପ୍ରସବକାଳୀନ ସହାୟତା ରାଶି ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏଭଳି ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ଅନ୍‌ଲାଇନ୍ ଠକେଇ ମାମଲା, ରାଉରକେଲାରୁ ୪ ଗିରଫ

ନବରଙ୍ଗପୁର, ୧୯।୮ (ସଦାଶିବ ପ୍ରହରାଜ)

ଅନଲାଇନ୍‌ରେ ଠକେଇ କରିବା ମାମଲାରେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ପୋଲିସ ରାଉରକେଲାରୁ ୪ ବିହାରୀ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ବିହାରର ଖଗାରିୟା ଜିଲାର ଗୁଲସନ କୁମାର, ସନୋଜ ପାସୱାନ, ଧୀରଜ କୁମାର ପାସୱାନ ଏବଂ ମୋହନ କୁମାର ପାସୱାନ। ପୋଲିସ ସୂଚନା ଅନୁଯାୟୀ, ଚନ୍ଦାହାଣ୍ଡି ଥାନା ଅଧିନ ବୋରିଗୁଡା ଗ୍ରାମର ନିଜାମ ଖାଁଙ୍କ ମୋବାଇଲ ନମ୍ବରକୁ ଗତ ୨୮ ତାରିଖ ସକାଳ ୧୦ ଟାରେ ଜଣେ ଅଚିହ୍ନା ବ୍ୟକ୍ତି ଫୋନ କରି ସେ ୨,୮୦,୦୦୦ ଟଙ୍କା ପୁରସ୍କାର ଜିତିଥିବା କହିଥିଲେ। ଏଥିପାଇଁ ତାଙ୍କୁ ପ୍ରଥମେ ୩୫୦୦ ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ। ଏହାପରେ ନିଜାମ ସେହି ନମ୍ବରରେ ଥିବା ଗୁଗଲ ପେ’କୁ ୩୫୦୦ ଟଙ୍କା ପଠେଇଥିଲେ। ଏହାପରେ ସେ ପୁଣି ୯୮୦୦ ଟଙ୍କା ମାଗିଥିଲେ। ଏହିଭଳି ୭ ଥର କରି ନିଜାମ୍ ମୋଟ ୭୦,୩୦୦ ଟଙ୍କା ପଠାଇଥିଲେ। ପରେ ନିଜାମଙ୍କୁ କିଛି ପୁରସ୍କାର ମିଳିଲା ନାହିଁ, କିମ୍ବା ସେହି ନମ୍ବରକୁ କଲ୍ କଲେ ଆଉ କେହି ଫୋନ ଉଠାଇଲେ ନାହିଁ । ଏ ନେଇ ନିଜାମ ଜୁଲାଇ ୨୯ ତାରିଖରେ ଚନ୍ଦାହାଣ୍ଡି ଥାନାରେ ଲିଖିତ ଏତଲା ଦେଇଥିଲେ। ପୋଲିସ ଏ ନେଇ ୧୧୨/୨୩ରେ ମାମଲା ରୁଜୁ କରିବା ସହ ଥାନା ଅଧିକାରୀ ପ୍ରଶାନ୍ତ କୁମାର କୋହ୍ଲାରସ ଏହାର ତଦନ୍ତ ଆରମ୍ଭ କରିଥିଲେ।

# ନିଶାମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ

ଗୁଣପୁର, ୧୯।୮ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଜଗନ୍ନାଥପୁର ସିଏଚ୍‌ସିର ମିଳିତ ଆନୁକୂଲ୍ୟରେ ନିଶାମୁକ୍ତ ଅନୁଷ୍ଠାନ ଗଠନ କରିବା ଲାଗି ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଶଶିଭୂଷଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି ସଚେତନତା ସଭା ଅନୁଷ୍ଠିତ ହୋଇଥିଲ। ଯୁବ ରେଡ୍‌କ୍ରସ୍ ସଂଯୋଜକ ଅଧ୍ୟାପକ ତାମିଲା ପାରାସେଟ ଓ ଜାତୀୟ ସେବା ଯୋଜନା ଅଧିକାରୀ ଅମିୟ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବର୍ତ୍ତମାନ ଯୁବସମାଜ ବହୁଳ ଭାବେ ତମାଖୁ ସେବନ କରୁଥିବା ଦେଖିବାକୁ ମିଳୁଛି। ତମାଖୁ ସେବନ ମାରାତ୍ମକ କର୍କଟ ରୋଗର ମୂଳ କାରଣ ହୋଇଥିବା ବେଳେ ସମସ୍ତ ଛାତ୍ରୀଛାତ୍ର ତମାଖୁ ସେବନରୁ ଦୂରେଇ ରହିବାକୁ ଅଧ୍ୟାପକ ଡ. ସୂର୍ଯ୍ୟନାରାୟଣ ପଣ୍ଡା, ସତୀଶ ପଟ୍ଟନାୟକ, ଜୀତେନ୍ଦ୍ର ବଡମୁଣ୍ଡୀ ଓ ଅଧ୍ୟାପିକା ସୁନୀତା ଗମାଙ୍ଗ ପରାମର୍ଶ ଦେଇଥିଲେ । ମହାବିଦ୍ୟାଳୟ ଯେପରି ତମାଖୁମୁକ୍ତ ହୋଇପାରିବ ସେଥିପ୍ରତି ସମସ୍ତେ ଯତ୍ନବାନ ହେବାକୁ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ। ଜଗନ୍ନାଥପୁର ସ୍ୱାସ୍ଥ୍ୟ ସଂଯୋଜକ ତପନ ସୁନାମୁଦି ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଆୟୋଜିତ ଏକ ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲ।




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ପଦୁଗୁଡ଼ାରେ ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଲା ପ୍ରଶାସନ

ଦଶମନ୍ତପୁର, ୧୯।୮ (ଅରବିନ୍ଦ ନାୟକ)

ସ୍ୱାଧୀନତାର ୭୭ ବର୍ଷ ପରେ ମଧ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲୁଲା ପଞ୍ଚାୟତ ଅଧୀନ ପଦୁଗୁଡ଼ା ଗାଁର ବିକାଶ ନେଇ କୌଣସି ସରକାର, ଜିଲା ଓ ବ୍ଲକ ପ୍ରଶାସନ ଏବଂ ରାଜନେତା ପଦକ୍ଷେପ ନେଇ ନ ଥିଲେ। ଗତ ସ୍ୱାଧୀନତା ଦିବସରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ କୃଷିମନ୍ତ୍ରୀ ଓ ଜିଲା ପ୍ରଶାସନିକ ଅଧିକାରୀଙ୍କ ଆଗରେ ଗାଁର ପ୍ରତ୍ୟେକ ସମସ୍ୟାକୁ ନେଇ ଜଣେ କୁନି କଳାକାର ଗୁହାରି କରିଥିଲେ। ଏହାର ଭିଡିଓ ମଧ ଭାଇରାଲ ହୋଇଥିଲା। ଶନିବାର ବିଡିଓ ଡମ୍ବରୁଧର ମଲ୍ଲିକ, ସହକାରୀ ଯନ୍ତ୍ରୀ ଅଭିଷେକ ଷଡ଼ଙ୍ଗୀ, ଜଳ ଓ ପରିମଳ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଏସ୍.ଏ. କୁରେସି ପ୍ରମୁଖ କାଦୁଅ ପଚପଚ ରାସ୍ତାରେ ଚାଲିଚାଲି ଯାଇ ଗାଁରେ ପହଞ୍ଚିଥିଲେ। ସେମାନେ ନଳକୂପରୁ ବାହାରୁଥିବା ପାଣି ପିଇଥିବା ଜଣାପଡ଼ିଛି। ଗାଁରେ ମୌଳିକ ସମସ୍ୟା ରହିଛି। ତାହାର ସମାଧାନ କରାଯିବ ବୋଲି ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି।

ପଦୁଗୁଡ଼ା ଗାଁରେ ଆଦିବାସୀ, ହରିଜନ ଏବଂ କମାର ସମ୍ପ୍ରଦାୟର ପ୍ରାୟ ୧ଶହ ପରିବାର ବସବାସ କରିଥାନ୍ତି। ପଞ୍ଚାୟତ ସଦରରୁ ପଦୁଗୁଡା ଗାଁଟି ପାହାଡ଼ ଜଙ୍ଗଲ ଦେଇ ମାତ୍ର ୪ କିମି ଦୂରତା ରହିଛି। ତଥାପି ମଧ ସ୍ୱାଧୀନତାର ୭୭ ବର୍ଷ ପରେ ବି ଏଠାରେ ପାନୀୟ ଜଳ ବ୍ୟବସ୍ଥା, ଗମନାଗମନ ପାଇଁ ରାସ୍ତା ନାହିଁ। ଗାଁର ଗୁରୁତର ରୋଗୀ କିମ୍ବା ଗର୍ଭବତୀଙ୍କୁ ଡାକ୍ତରଖାନା ନେବାକୁ ହେଲେ ଲୁଲା



ବ୍ଲକ ପ୍ରଶାସନିକ ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

### କୁନି କଳାକାରଙ୍କ ପ୍ରଭାବ

ଛକ ପର୍ଯ୍ୟନ୍ତ ପ୍ରାୟ ୪ କିମି ଦୋଳା ଏବଂ ଭାର ଭରସା। ସେହିପରି ମୁରାନ ନଦୀର ଦୂଷିତ ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରୁଥିବା ଭଳି ସମସ୍ୟାକୁ ନେଇ ଗ୍ରାମବାସୀ ବାରମ୍ବାର ସ୍ଥାନୀୟ ବ୍ଲକ ପ୍ରଶାସନ ଏବଂ ଜିଲା ପ୍ରଶାସନକୁ ଅଭିଯୋଗ କରିଆସୁଥିଲେ। ହେଲେ ଏ ପର୍ଯ୍ୟନ୍ତ ଏ ଦିଗରେ କେହି ପଦକ୍ଷେପ ନେଇ ନ ଥିଲେ। ଏହା ମଧ୍ୟରେ କୁନି କଳାକାର ଜଣଙ୍କ ପଦୁଗୁଡ଼ା ଗାଁର ବିକାଶ ପାଇଁ ଅନୁରୋଧ କରିଥିବା ଭିଡିଓ ଭାଇରାଲ ହେବାପରେ ଅଧିକାରୀମାନେ ଗାଁକୁ ଯାଇ ସ୍ଥିତି ପରଖିଛନ୍ତି। ସମସ୍ୟା ସମାଧାନ ନ ହେଲେ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରି ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ଜୟପୁର, ୧୯।୮ (ପବନ ପାଣିଗ୍ରାହୀ)



ସ୍ତ୍ରୀଙ୍କୁ ଲୁହାରଡରେ ପିଟି ହତ୍ୟା କରିଛନ୍ତି ସ୍ୱାମୀ। ଏପରି ଘଟଣା ଜୟପୁର ସଦର ଅଞ୍ଚଳରେ ଘଟିଛି। ଏନେଇ ପୋଲିସ ଅଭିଯୁକ୍ତ ସ୍ୱାମୀ ମାଧବ ଭୁମିଆ (୪୫)ଙ୍କୁ ଗିରଫ କରିଛି। ପୋଲିସ ସୂଚନାନୁଯାୟୀ ମାଧବ ଏକ ଲୁହା ରଡରେ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲା। ଏଥିରେ ତାଙ୍କ ସ୍ତ୍ରୀ ଗୁରୁତର ହୋଇ ପଡ଼ିଥିଲେ। ଜୟପୁର ସଦର ପୋଲିସ ଖବରପାଇ ଗୁରୁତର ମହିଳାଙ୍କୁ ଉଦ୍ଧାର କରି ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ଜୟପୁର ସଦର ପୋଲିସ ମାମଲା ରୁଜୁ କରି ମାଧବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜୟପୁର ସଦର ପୋଲିସ ସୂଚନା ଦେଇଛି।

### ୧୫୦ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ନନ୍ଦପୁର, ୧୯।୮ (ଶଙ୍କର ପୂଜାରୀ)

ନନ୍ଦପୁର ଅବକାରୀ ଦଳ ମାଛକୁଣ୍ଡ ଥାନା ଅଧୀନରେ ଥିବା ଚିକେନପୁଟ ପଞ୍ଚାୟତର ସାପ ରାଗିଣୀଗୁଡ଼ା ଗ୍ରାମ ଜଙ୍ଗଲରେ ଶନିବାର ଚଢ଼ାଉ କରି ୧୫୦ କିଲୋ ଗଞ୍ଜେଇ ଜବତ କରିଛି। ଘଟଣାସ୍ଥଳରୁ ବୈପାରିଗୁଡ଼ା ପଣ୍ଡିତବେଡ଼ା ଗ୍ରାମର ବିଜୟ ଖିଲ(୨୪)ଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଥିବା ନନ୍ଦପୁର ଅବକାରୀ ନୀରିକ୍ଷକ ଅଭୟ କୁମାର ନାୟକ ସୂଚନା ଦେଇଛନ୍ତି। ଚଢ଼ାଉ ଦଳରେ ଏଏସ୍ଆଇ ରାମବଡ଼ ନାୟକ, କନଷ୍ଟେବଳ ଦେବେନ୍ଦ୍ର କୁମାର ଖରା, ଜ୍ଞାନରଞ୍ଜନ ଦୀକ୍ଷିତ, ଗଙ୍ଗା ଶଙ୍କର ପ୍ରମୁଖ ସାମିଲ ଥିଲେ।

### ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

କୋରାପୁଟ, ୧୯।୮ (ଅମିତାଭ ବେହେରା)

କୋରାପୁଟ ବ୍ଲକର ସମସ୍ତ କ୍ଲଷ୍ଟରରେ ମାସିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗଣଶିକ୍ଷା ବିଭାଗ ଓ ଓସେପାର ନିର୍ଦ୍ଦେଶକ୍ରମେ



ପୋଲିସ ପ୍ରାଥମିକ ବିଦ୍ୟାଳୟ, ଦୟାନିଧିଗୁଡ଼ା, ମହାଦେଇପୁଟ, ଛପର, ଲାଉରିଗୁଡ଼ା, ଡୁମୁରିପୁଟ, ମାଥାଲପୁଟ, ତରଳ ବନ୍ଧଗୁଡ଼ାରେ ଏହି ମାସିକ ବୈଠକ ଅନୁଷ୍ଠିତ ହୋଇଛି। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ନେଇ ଆୟୋଜିତ ଏହି ବୈଠକରେ ବିଇଓ ଶ୍ରୀକାନ୍ତ ଜାନୀ, ଗୁଣାତ୍ମକ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି, ଭୁବନେଶ୍ୱର ସିଏସ୍ ଫାଉଣ୍ଡେସନର ଆର୍.ଏନ୍. ଅହମ୍ମଦ, ଏବିଇଓ ଶିବ ରଥ ଏବଂ ଶିକ୍ଷକ ପ୍ରଶିକ୍ଷକ ମମତା ଝଡ଼ିଆ ଉପସ୍ଥିତ ଥିଲେ। ସିଆର୍ସିସି ପ୍ରଦୀପ ପାତ୍ର ଏହି ବୈଠକ ପରିଚାଳନା କରିଥିଲେ। ଅନ୍ୟ କ୍ଲଷ୍ଟରମାନଙ୍କରେ ହର ମିଶ୍ର, ସୁବୋଧ ମାଝି, ତ୍ରୀଲୋକେଶ ପଣ୍ଡା, ଜ୍ୟୋତି ପାଢ଼ି, ସୂର୍ଯ୍ୟ ବେହେରା, ବାସୁଦେବ ଦାସ ଓ ଶଙ୍କର ଲୁଙ୍ଗୁରୀ ପରିଚାଳନା କରିଥିଲେ।

# ୧୫ ଦିନ ହେବ ଅନ୍ଧାରରେ ନନ୍ଦିଗାଁ ପଞ୍ଚାୟତର ୧୬ ଗାଁ

କୋରାପୁଟ, ୧୯।୮ (ଅମିତାଭ ବେହେରା)

କୋରାପୁଟ ଜିଲାର ଦଶମନ୍ତପୁର ବ୍ଲକ ନନ୍ଦିଗାଁ ପଞ୍ଚାୟତର ୧୬ ଗାଁ ୧୫ ଦିନ ହେବ ଅନ୍ଧକାର ରହିଛି। ତେଣୁ ପଞ୍ଚାୟତତବାସୀ ଶନିବାର କୋରାପୁଟ ଆସି ବିଦ୍ୟୁତ୍ ବିଭାଗ ତଥା ଟାଟା ପାୱାରର ଉପଖଣ୍ଡ ସହକାରୀ ଯନ୍ତ୍ରୀ ବିଜୟ କୁମାର ପଣ୍ଡାଙ୍କୁ ସାକ୍ଷାତ କରି ଉକ୍ତ ଗ୍ରାମଗୁଡିକରେ ବିଦ୍ୟୁତ୍ ସେବା ସ୍ୱାଭାବିକ କରିବାକୁ ନିବେଦନ କରିଛନ୍ତି।

୧୫ ଦିନ ହେବ ନନ୍ଦିଗାଁ ପଞ୍ଚାୟତର ଏହି ଗ୍ରାମଗୁଡିକରେ ବିଦ୍ୟୁତ ନ ଥିବାରୁ ବିଭିନ୍ନ ଅସୁବିଧା ହେଉଥିବା ବାଣୁଆଗୁଡା ଗ୍ରାମର ତ୍ରିନାଥ କନ୍ଦପାନ କହିଛନ୍ତି। ବର୍ତ୍ତମାନ କିରୋସିନ ମୁଲୁ ନ ଥିବାରୁ ଏବେ ଲଣ୍ଠନ ଲଗାଇବା ମଧ୍ୟ ସମ୍ଭବ ହେଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ଧାରର



ଅଭିଯୋଗ ଜଣାଇବାକୁ ଆସିଥିବା ଗ୍ରାମବାସୀ।

ସୁଯୋଗ ନେଇ ଏହି ସବୁ ଗ୍ରାମରେ ଛେଳି, ମେଣ୍ଡା ସହ ବିଭିନ୍ନ ଚୋରି ବୃଦ୍ଧି ପାଉଥିବା ଡି. ସୁଜୁଲି ଗ୍ରାମର ଟୁଟୁ ଚେଙ୍ଗି ପ୍ରକାଶ କରିଛନ୍ତି। ଏନେଇ ଟାଟା ପାୱାର ସହକାରୀ ଯନ୍ତ୍ରୀ ବିଜୟ କୁମାର ପଣ୍ଡାଙ୍କୁ ପଚାରିବାରୁ ଉକ୍ତ ଗାଁ ଗୁଡ଼ିକୁ ଯେପରିଭାବେ ବିଦ୍ୟୁତ୍ ସେବା ସ୍ୱାଭାବିକ ହେବ ସେ ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ରାଉରକେଲାରୁ ୪ ଅଭିଯୁକ୍ତ ଗିରଫ

ନବରଙ୍ଗପୁର, ୧୯।୮ (ସଦାଶିବ ପ୍ରହରାଜ)

**ଅନ୍ଲାଇନ ଠକେଇ ମାମଲା**

ଅନଲାଇଇନ୍‌ରେ ଠକେଇ କରିବା ମାମଲାରେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ପୋଲିସ ରାଉରକେଲାରୁ ୪ ବିହାରୀ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ବିହାରର ଖଗାରିୟା ଜିଲାର ଗୁଲସନ କୁମାର, ସନୋଜ ପାସୱାନ, ଧୀରଜ କୁମାର ପାସୱାନ ଏବଂ ମୋହନ କୁମାର ପାସୱାନ।

ପୋଲିସ ସୂଚନା ଅନୁଯାୟୀ, ଚନ୍ଦାହାଣ୍ଡି ଥାନା ଅଧିନ ବୋରିଗୁଡା ଗ୍ରାମର ନିଜାମ ଖାଁଙ୍କ ମୋବାଇଲ ନମ୍ବରକୁ ଗତ ୨୮ ତାରିଖି ସକାଳ ୧୦ ଟାରେ ଜଣେ ଅଚିହ୍ନା ବ୍ୟକ୍ତି ଫୋନ କରି ସେ ୨,୮୦,୦୦୦ ଟଙ୍କା ପୁରସ୍କାର ଜିତିଥିବା କହିଥିଲେ। ଏଥିପାଇଁ ତାଙ୍କୁ ପ୍ରଥମେ ୩୫୦୦ ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ। ଏହାପରେ ନିଜାମ ସେହି ନମ୍ବରରେ ଥିବା ଗୁଗଲ ପେ'କୁ ୩୫୦୦ ଟଙ୍କା ପଠେଇଥିଲେ। ଏହାପରେ ସେ ପୁଣି ୯୮୦୦ ଟଙ୍କା ମାଗିଥିଲେ। ଏହିଭଳି୭ ଥର କରିନିଜାମ୍ ମୋଟ ୭୦,୩୦୦ ଟଙ୍କା ପଠାଇଥିଲେ। ପରେ ନିଜାମଙ୍କୁ କିଛି ପୁରସ୍କାର ମିଳିଲା ନାହିଁ, କିମ୍ବା ସେହି ନମ୍ବରକୁ କଲ୍ କଲେ ଆଉ କେହି ଫୋନ ଉଠାଇଲେ ନାହିଁ। ଏ ନେଇ ନିଜାମ ଜୁଲାଇ ୨୯ ତାରିଖରେ ଚନ୍ଦାହାଣ୍ଡି ଥାନାରେ ଲିଖିତ ଏତଲା ଦେଇଥିଲେ। ପୋଲିସ ଏ ନେଇ ୧୧୨/୨୩ରେ ମାମଲା ରୁଜୁ କରିବା ସହ ଥାନା ଅଧିକାରୀ ପ୍ରଶାନ୍ତ କୁମାର କୋହ୍ଲାରସ ଏହାର ତଦନ୍ତ ଆରମ୍ଭ କରିଥିଲେ। କୌଣସି ସୂତ୍ରରୁ ଖବରପାଇ ଥାନା ଅଧିକାରୀ ଓ ଏକ ଟିମ୍ ରାଉରକେଲା ଯାଇ ବିହାର ଅଞ୍ଚଳର ୪ ଯୁବକଙ୍କୁ ଚନ୍ଦାହାଣ୍ଡି ଥାନାକୁ ଆଣି ପଚରାଉଚରା କରିଥିଲେ। ଏହି ସମୟରେ ସେମାନେ ଠକେଇ ମାମଲାରେ ସମ୍ପୃକ୍ତ ଥିବା ଜଣାପଡିଥିଲା। ଶନିବାର ୪ ଅଭିଯୁକ୍ତଙ୍କୁ ସ୍ଥାନୀୟ ପ୍ରଥମ ଶ୍ରେଣୀ ଜଜଙ୍କ କୋର୍ଟକୁ ଚାଲାଣ କରାଯାଇଥିବା ବେଳେ ଜାମିନ ଆବେଦନ ନାମଞ୍ଜୁର ହେବା ପରେ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ଆନ୍ଦୋଳନ ପାଇଁ ସଜବାଜ

ଜୟପୁର, ୧୯।୮ (ପବନ ପାଣିଗ୍ରାହୀ)

କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ସମିତି ବୈଠକ ସଭାପତି ଦିଗାମ୍ବର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଆସ୍କା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ନୀଳକଣ୍ଠ ଦାସ ଯୋଗଦେଇଥିଲେ। ରାଜ୍ୟସ୍ତରୀୟ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଗଠନର ପରିପତ୍ର ସଂଖ୍ୟା ୧୨ ତାରିଖ ୧୬।୮।୨୩ ପ୍ରକାରେ କର୍ମଚାରୀଙ୍କ ଦାବିପୂରଣ ତଥା ଆନ୍ଦୋଳନ ଉପରେ ଆଲୋଚନା କରାଯାଇଥିଲା। ସରକାର ତୁରନ୍ତ ସେମାନଙ୍କ ଦାବି ପୂରଣ ନ କଲେ କର୍ମଚାରୀମାନେ ଆନ୍ଦୋଳନ ପନ୍ଥା ଗ୍ରହଣ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

କର୍ମଚାରୀଙ୍କ ସପ୍ତମ ବେତନ କମିଶନ ୧।୧।୨୦୧୬ଠାରୁ ପ୍ରଦନ କରିବା, ପେନସନ କର୍ପୋସ ପାଣ୍ଠି ଗଠନ, କେଡର ଫଣ୍ଡକୁ କେନ୍ଦ୍ର ସମବାୟ ବ୍ୟାଙ୍କର ଅଂଶଧନ ପ୍ରଦାନ ଉପରେ ପୁନଃ ବିଚାର ତଥା ପ୍ରାଥମିକ ସମବାୟ ସମିତି ଓ ଲ୍ୟାମ୍ପସମାନଙ୍କର ଫ୍ଲେକ୍ସି ଆକାଉଣ୍ଟ ରାଜ୍ୟ ସମବାୟ ବ୍ୟାଙ୍କରେ ଖୋଲିବା ଆଦେଶ ପ୍ରତ୍ୟାହାର ଆଦି ରହିଛି। ଏହି ଦାବି ପୂରଣ ନ ହେଲେ କର୍ମଚାରୀମାନେ ଆସନ୍ତା ମାସ ପହିଲାରୁ ମୋ ଘର ତଥା ମିଶନ ଶକ୍ତି ସ୍କୁଟର କାଳିଆ ଯୋଜନାରେ ସହଯୋଗ ନ କରିବା, ୧୦ରୁ କଳା ବ୍ୟାଜ୍ ପିନ୍ଧିବା, ୧୮ତାରିଖରୁ ସାମୂହିକ ଛୁଟିରେ ଯିବା ଏବଂ ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ବନ୍ଦ ପାଳନ କରିବା ଭଳି ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସଭାରେ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ସଂଘର କାର୍ଯ୍ୟକାରୀ ସଭାପତି ବିଦ୍ୟାଧର ପ୍ରଧାନ, ଉପ ସଭାପତି ଅଶୋକ କୁମାର ରଥ, ସଂଗଠନ ସମ୍ପାଦକ ଅତ୍ୟୁଲ କୁମାର ମଲ୍ଲିକ, ମନୋଜ କୁମାକ ଦାସ, କୋଷାଧ୍ୟକ୍ଷ ଗୋଲକ ବିହାରୀ ପାଇକରାୟ ତଥା ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘ କର୍ମକର୍ତ୍ତା।

### ଲକ୍ଷ୍ମୀପୁରରେ ନୂତନ ଏସ୍‌ଡିପିଓଙ୍କ ଯୋଗଦାନ

ଲକ୍ଷ୍ମୀପୁର, ୧୯।୮ (ଅନନ୍ତ ନାୟକ)



କୋରାପୁଟ ଜିଲା ଲକ୍ଷ୍ମୀପୁରରେ ଏସ୍‌ଡିପିଓ ଭାବେ ବିରଞ୍ଚି ନାରାୟଣ ଜଗତ ଶନିବାର କୋରାପୁଟ ଜିଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଯୋଗ ଦେଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିପୂର୍ବରୁ ଏସ୍‌ଡିପିଓ ଜଗତ କେନ୍ଦ୍ରାପଡ଼ାରେ ଡିଏସ୍‌ପି ଭାବେ କାର୍ଯ୍ୟ କରୁଥିଲେ। ଲକ୍ଷ୍ମୀପୁରରେ ଥିବା ଏସ୍‌ଡିପିଓ ଅଶ୍ୱନୀ କୁମାର ନାୟକଙ୍କୁ ଆର୍ ଉଦୟଗିରି ବଦଳି ହୋଇଥିବାରୁ ତାଙ୍କ ସ୍ଥାନରେ ଜଗତ ଦାଇତ୍ୱ ନେଇଛନ୍ତି। ଜିଲାର ଉପାନ୍ତ ଲକ୍ଷ୍ମୀପୁର ମଣ୍ଡଳ ଅଧିନସ୍ଥ ୪ଟି ଥାନା ଲକ୍ଷ୍ମୀପୁର, ନାରାୟଣପାଟଣା, କାକିରିଗମ୍ମା, ବନ୍ଧୁଗାଁ ଥିବାବେଳେ ଆଇନଶୃଙ୍ଖଳା ପରିସ୍ଥିତିକୁ ଅଧିକ ଗୁରୁତ୍ୱ ଦେବା ସହ ଠିକ୍ ଭାବରେ ପରିଚାଳନା କରିବେ ବୋଲି ସେ କହିଛନ୍ତି।

### ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୧୯।୮ (ପବନ ପାଣିଗ୍ରାହୀ)

ଜଣେ ଫେରାର ଅଭିଯୁକ୍ତଙ୍କୁ ଜୟପୁର ଟାଉନ ପୋଲିସ ଗିରଫ କରିଛି। ସେ ହେଲେ ଗ୍ଲୋବାଲ ହସପିଟାଲ ପଛପଟ ରହୁଥିବା ଗୋପାଳ କୃଷ୍ଣ ନାୟାର। ଗୋପାଳଙ୍କ ନାମରେ ଜୟପୁର ଟାଉନ ଥାନାରେ ୨୦୧୩ରେ ଅପରାଧିକ ମାମଲା ରହିଥିଲା। ସେହିଦିନରୁ ସେ ଫେରାର ଥିଲେ। ଗୋପାଳ ଥିବା ଖବରପାଇ ଏଏସ୍ଆଇ ବିଷ୍ଣୁ ମାଡକାମି ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଟାଉନ ଥାନାଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି।

### ୩ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ନନ୍ଦପୁର, ୧୯।୮ (ଶଙ୍କର ପୂଜାରୀ)

ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ୩ କର୍ମଚାରୀଙ୍କ ବଦଳି ପରେ ସେମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଆଇସିସିସି କାଉନସିଲର ସନୁଜ କୁମାର ପଟ୍ଟନାୟକଙ୍କୁ ଛତ୍ରପୁର, ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷିକା ମାଧବୀ ଲତା ଦାସଙ୍କୁ ଗୋପାଳପୁର ଓ ମହିଳା ସ୍ୱାସ୍ଥ୍ୟକର୍ମୀ କ୍ରିଷ୍ଣା ନାୟକଙ୍କୁ କନ୍ଧମାଳକୁ ବଦଳି କରାଯାଇଛି। ସମସ୍ତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଧ୍ରୁବରାଜ ମୁର୍ମୁ, ବିପିଏମ୍ ରାଜଲକ୍ଷ୍ମୀ ପଣ୍ଡା, ଡାକ୍ତର, ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟ କର୍ମୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଉପଢୌକନ ଓ ଉପହାର ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

# ଅଙ୍ଗନୱାଡି କେନ୍ଦ୍ର ଶିଶୁଖାଦ୍ୟରେ ପଚାଅଣ୍ଡା

ନନ୍ଦପୁର, ୧୯।୮ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ କୁଲାରସିଂ ପଞ୍ଚାୟତ କଣ୍ଠା ଅଙ୍ଗନୱାଡି କେନ୍ଦ୍ରରେ ପୃଷ୍ଟିକର ଖାଦ୍ୟ ଆଳରେ ପଚା ଅଣ୍ଡାକୁ ସିଝାଇ ଶିଶୁଙ୍କୁ ଦିଆଯାଇଥିବା ଅଭିଯୋଗ ହୋଇଛି। ଶନିବାର ପିଲାମାନଙ୍କୁ ପଚା ଅଣ୍ଡା ଦିଆଯାଇଥିବା ଦେଖି ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି ଘଟଣା ବାରମ୍ବାର ଘଟୁଥିବା ଓ ଅଭିଯୋଗ ପରେବି ଅଙ୍ଗନୱାଡି କର୍ମୀଙ୍କ କାର୍ଯ୍ୟଶୈଳୀରେ କୌଣସି ପରିବର୍ତ୍ତନ ହେଉ ନାହିଁ। ଅଙ୍ଗନୱାଡି କର୍ମୀ କନ୍ଦ୍ରରେ ଅନୁପସ୍ଥିତ ରହୁଥିବାରୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଭାବକ ମାନେ ଦାବି କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ କଣ୍ଠା ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହନାହିଁ। ୬ବର୍ଷ ହେଲା କେନ୍ଦ୍ରର ଗୃହ ନିର୍ମାଣ ସରୁନି। ଅଙ୍ଗନୱାଡି କେନ୍ଦ୍ର ସ୍ଥାନୀୟ ବିଦ୍ୟାଳୟରେ ପରିଚାଳନା କରିବାକୁ ଅନୁମତି ରହିଛି। କିନ୍ତୁ ଅଙ୍ଗନୱାଡ଼ି କର୍ମୀ ଦମୟନ୍ତୀ ସେଠୀ ବାହାର ଗାଁରେ ରହୁଥିବାରୁ ସବୁବେଳେ କେନ୍ଦ୍ରରେ ଅନୁପସ୍ଥିତ ରହି ପ୍ରାକ୍ ଶିକ୍ଷା ପ୍ରଦାନ କରୁନାହାନ୍ତି। ସହାୟକ ଗଡୁଆଣି ସେଠୀ ନିଜଘର ପିଣ୍ଡାରେ ୨୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ବସାଇ ଶିଶୁ ଖାଦ୍ୟ ପ୍ରଦାନ କରୁଛନ୍ତି ବୋଲି ଅଭିଭାବକ ଜନକ ଦାସ ସେଠୀ, ତ୍ରିପତି ସେଠି ଓ ବିଶ୍ୱନାଥ ସେଠୀ ପ୍ରମୁଖ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ନନ୍ଦପୁର ଶିଶୁ ବିକାଶ ଯୋଜନା ଅଧିକାରିଣୀ ମିନତିବାଲା ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଉକ୍ତ ଅଙ୍ଗନୱାଡି କର୍ମୀଙ୍କୁ ତାଙ୍କ କାର୍ଯ୍ୟକଳାପ ପାଇଁ ବାରମ୍ବାର କୈଫିୟତ ତଲବ କରାଯାଇଛି। ସୋମବାର ସୁପରଭାଇଜରଙ୍କ ସହ ନିଜେ କଣ୍ଠା ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିବେ। ଶିଶୁଙ୍କୁ ଭଲ ଅଣ୍ଡା ପ୍ରଦାନ କରିବା ବ୍ୟବସ୍ଥା ହେବ। ଏଭଳି ଭୁଲର ପୁନରାବୃତ୍ତି ନ ହେବାକୁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।



ପିଲାମାନଙ୍କୁ ଶନିବାର ମିଳିଥିବା ପଚା ଅଣ୍ଡା।

# ୮ ମାସର ଭତ୍ତା ମିଳିନି, ୩ ମାସର ଟଙ୍କା ହଡ଼ପ ଅଭିଯୋଗ

ବୈପାରୀଗୁଡା, ୧୯।୮ (କଳ୍ପତରୁ ମହାନ୍ତି)

**ଦୁଃଖ କଷ୍ଟରେ ହାତ ପତାଉଛନ୍ତି ବୃଦ୍ଧ**

ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବୃଦ୍ଧା, ବୃଦ୍ଧ, ଭିନ୍ନକ୍ଷମ ଓ ଅସହାୟଙ୍କ ପାଇଁ ସରକାରଙ୍କ ପକ୍ଷରୁ ସାମାଜିକ ସୁରକ୍ଷା ଯୋଜନାରେ ମାସିକ ୫ ଶହ ଟଙ୍କା ଭତ୍ତା ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ଉକ୍ତ ଯୋଜନାର ସହାୟତା ଠିକ୍ ଭାବେ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରୁ ନ ଥିବା ବେଳେ ତାହା ବାଟମାରଣା ହେଉଥିବା ମଧ୍ୟ ଅଭିଯୋଗ ହେଉଛି। ଏଭଳି ଅଭିଯୋଗ କରିଛନ୍ତି ବୈପାରୀଗୁଡା ବ୍ଲକ ଦଣ୍ଡାବାଡି ପଞ୍ଚାୟତ ରତାଖଣ୍ଡି ଗ୍ରାମର ସାଧୁରାମ ନାୟକ(୭୦)।

ପ୍ରକାଶ ଯେ, ସାଧୁରାମଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହେବା ପରେ ଏକ ମାତ୍ର ପୁଅ ବାହା ହୋଇ ଶ୍ୱଶୁର ଘରେ ରହୁଛନ୍ତି। ସାଧୁରାମଙ୍କର କୌଣସି ରୋଜଗାର ନ ଥିବା ବେଳେ କେବଳ ମାସିକ ୫ ଶହ ଟଙ୍କା ଭତ୍ତା ଓ ୫ କିଲୋ ରାଶନ ଚାଉଳ ତାଙ୍କ ଭରସା। କିନ୍ତୁ ତାଙ୍କର ଅଭିଯୋଗ ଗତ ଜାନୁୟାରୀରୁ ଏ ପଯର୍ଯ୍ୟନ୍ତ ୮ ମାସର ଭତ୍ତା ଟଙ୍କା ତାଙ୍କୁ ମିଳିନାହିଁ। ଫଳରେ ସେ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ସେତିକି ନୁହେଁ, ମେଡିକାଲରେ ୩ ମାସ ରହି ଫେରିବା ପରେ ପଞ୍ଚାୟତ ନିର୍ବାହୀ ଅଧିକାରୀ

ଗତ ବର୍ଷ ସେପ୍ଟେମ୍ବର, ଅକ୍ଟୋବର ଓ ନଭେମ୍ବରର ୫ ଶହ ଟଙ୍କା ଲେଖାଏ ଭତ୍ତା କାର୍ଡରେ ଏଣ୍ଟ୍ରି କରି ସ୍ୱାକ୍ଷର କରିବା ପରେ ଟଙ୍କା ଦେବା ବଦଳରେ ବ୍ୟାଙ୍କ ପାସ୍‌ବୁକ୍‌ରେ ଟଙ୍କା ଉଠାଇବାକୁ କହିଥିଲେ। କିନ୍ତୁ ପରେ ବ୍ୟାଙ୍କ ଯିବାରୁ ଟଙ୍କା ପାସ୍‌ବୁକ୍‌କୁ ଯାଇ ନ ଥିବା ଜଣାପଡିଥିଲା। ବୃଦ୍ଧ ଜଣକ ଏ ସମ୍ପର୍କରେ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସେସବୁ ଦସ୍ତଖନ ତାଙ୍କର ନୁହେଁ ବୋଲି ଓଲଟା ତାଗିଦ କରିଥିଲେ। ଡିସେମ୍ବରରେ ଉକ୍ତ ନିର୍ବାହୀ ଅଧିକାରୀ ଭତ୍ତା ବାଣ୍ଟିବା ଦାୟିତ୍ୱ ଗ୍ରାମ ରୋଜଗାର ସେବକଙ୍କୁ ଦେଇଥିଲେ। ସେ ମାସରେ ଭତ୍ତା ସହ କମ୍ବଳ ବାବଦକୁ ୩ ଶହ ଟଙ୍କା ମୋଟ୍ ୮ ଶହ ଟଙ୍କା ପାଇବାର ଥିଲା। କିନ୍ତୁ ଯୋଗାଣ ସହାୟକ ଭତ୍ତା ଟଙ୍କା ବଢାଇବା ସମୟରେ ତାଙ୍କର ଜଣେ ସହଯୋଗୀ ଯୁବକ ଶହେ ଟଙ୍କା ନେଇ ଯାଇଥିଲେ।। ସାଧୁରାମ ଏହାର ପ୍ରତିବାଦ କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ଦୟନିୟ ଅବସ୍ଥାରେ ଥିବା ସାଧୁରାମ ଶେଷରେ ବିଭିନ୍ନ ଲୋକଙ୍କଠାରୁ ଧାର କରଜ କରି ୫୦ ଟଙ୍କା ବସ୍ ଭଡା ଦେଇ ଶୁକ୍ରବାର ବୈପାରୀଗୁଡା ଆସିଥିଲେ। ଏଠାରେ ରାତିରେ ରାସ୍ତା କଡରେ ଦୋକାନ ବାରଣ୍ଡାରେ ରହି ଶନିବାର ସ୍ଥାନୀୟ ଧରିତ୍ରୀ ପ୍ରତିନିଧିଙ୍କୁ ଦୁଃଖ ଜଣାଇଥିଲେ।

ଏ ସମ୍ପର୍କରେ ସ୍ଥାନୀୟ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ପାଢୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଯାଞ୍ଚ ବେଳେ ସେ ୮ ମାସ ଭତ୍ତା ଟଙ୍କା ପାଇ ନ ଥିବା ଜଣାପଡିଥିଲା। ତେବେ ପ୍ରଥମ ୩ ମାସ ଜାନୁୟାରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ଭତ୍ତା ଟଙ୍କା ବ୍ୟାଙ୍କ ଜମାଖାତାକୁ ଯିବା ବ୍ୟବସ୍ଥା କରାଯାଇଥିଲା। ତେବେ କୌଣସି କାରଣ ବଶତଃ ତାହା ଯାଇନାହିଁ। ଅବଶିଷ୍ଟ ୫ ମାସର ଟଙ୍କା ପଞ୍ଚାୟତକୁ ଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଏବେ ଆନ୍ଦୋଳନରେ ଅଛନ୍ତି। ସେମାନେ ଫେରିବା ପରେ ନିର୍ବାହୀ ଅଧିକାରୀଙ୍କୁ ଡାକି ଘଟଣାର ତଦନ୍ତ କରାଯିବା ସହ ୫ ମାସର ଭତ୍ତା ଟଙ୍କା ନଗଦ ଆକାରରେ ଦିଆଯିବ। ବ୍ୟାଙ୍କ ପକ୍ଷରୁ କ୍ଲିଅରାନ୍ସ ଆସିବା ପରେ ଅନ୍ୟ ୩ ମାସର ଟଙ୍କା ଦିଆଯିବ। ଯେଉଁ ୩ ମାସର ଭତ୍ତା ଟଙ୍କା ହଡପ ହୋଇଥିବା ଅଭିଯୋଗ ହୋଇଛି ତାହା ମଧ୍ୟ ତଦନ୍ତ କରାଯିବ ବୋଲି ସେ କହିଥିଲେ।

# ସମାନ ଢଙ୍ଗରେ ଗୋଟିଏ ରାତିରେ ୨ ଘରୁ ଚୋରି

ସୁନାବେଡା, ୧୯।୮ (କୃତ୍ତିବାସ ପ୍ରଧାନ)

ସୁନାବେଡାସ୍ଥିତ ହାଲ୍ ଟାଉନସିପରେ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ୨ ଜଣଙ୍କ ଘର ତାଲା ଭାଙ୍ଗି କଳାକନା ବୁଲାଇ ଦେଇଛନ୍ତି। ଟାଉନସିପ୍‌ର ୱାଇ-୫୩ ନମ୍ବର କ୍ୱାର୍ଟରରେ ରହୁଥିବା ହନୁମନ୍ତ ରାଓ କୌଣସି କାମରେ ନିଜ ଗାଁ ଆନ୍ଧ୍ରପ୍ରଦେଶକୁ ଯାଇଥିଲେ। ଘରେ କେହି ନ ଥିବା ସୁଯୋଗ ନେଇ ଦୁର୍ବୃତ୍ତ ମାନେ ତାଲା ଭାଙ୍ଗି ଘର ଭିତରେ ଥିବା ଏକ ଟ୍ରେଜେରିରୁ ନଗଦ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଘର ମାଲିକ ଅନୁପସ୍ଥିତ ଥିବା କାରଣରୁ ଚୋରି ସାମଗ୍ରୀର ସଠିକ୍ ଆକଳନ କରାଯାଇ ପାରି ନାହିଁ। ସେହିପରି ଅନୁରୂପ ଢଙ୍ଗରେ ୱାଇ-୧୨୯ରେ ରହୁଥିବା ଘାସିରାମ ହନ୍ତାଳ ତାଙ୍କ ପରିବାର ସହ ସେମିଳିଗୁଡାସ୍ଥିତ ନିଜ ଘରକୁ ଯାଇଥିବା ବେଳେ ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ନଗଦ ଲକ୍ଷେ ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନା ଓ ରୂପା ଅଳଙ୍କାର ଲୁଟି ନେଇଛନ୍ତି। ହନ୍ତାଳ ଶନିବାର ସକାଳେ ଘରକୁ ଫେରି ଘର ତାଲା ଭଙ୍ଗାଯାଇଥିବା ଦେଖି ସୁନାବେଡା ଥାନାରେ ଲିଖିତ ଅଭିଯୋଗ କରିବା ସହ ହାଲ୍ ସୁରକ୍ଷା ବିଭାଗକୁ ଖବର ଦେଇଥିଲେ। ସୁନାବେଡା ଥାନାରେ ଦୁଇଟି ପୃଥକ ମାମଲା ରୁଜୁ କରିବା ସହ ଥାନା ଅଧିକାରି ରମଣୀ ରଞ୍ଜନ ଦଳେଇ ସଦଳବଳ ଘଟଣାସ୍ଥଳରେ ପହଞ୍ଚି କୋରାପୁଟ ସାଇଣ୍ଟିଫିକ ଟିମ୍ ଓ ପୋଲିସ୍ ସନ୍ଧାନି କୁକୁର ସହ ତଦନ୍ତ ଆରମ୍ଭ କରିଛନ୍ତି। ହେଲେ ଏ ପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ ଟେର୍ ପାଇପାରିନି ପୋଲିସ।

ଉଲ୍ଲେଖ ଥାଉକି, ହାଲ୍ ପ୍ରଶାସନ ପକ୍ଷରୁ ଏଠାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଥିବା ସତ୍ତ୍ୱେ ଦୁର୍ବୃତ୍ତମାନେ ଖୋଲା ଚାଲେଞ୍ଜ କରୁଛନ୍ତି। ଯାହାକୁ ନେଇ ଅଞ୍ଚଳବାସୀ ଅସୁରକ୍ଷିତ ମଣୁଥିବା ଅଭିଯୋଗ ଆଣିଛନ୍ତି। ହାଲ କିମ୍ବା ପୋଲିସ୍ ପ୍ରଶାସନ ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂ ସଠିକ୍ ଭାବେରେ ହେଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତ। ଘଟଣାସ୍ଥଳଠାରୁ ଅଳ୍ପ କେଇ ହାତ ଦୂରରେ ହାଲ ସୁରକ୍ଷା ବିଭାଗର ଏକ ସିକ୍ୟୁରିଟି ପୋଷ୍ଟ ରହିଥିବା ବେଳେ ଦୁର୍ବୃତ୍ତମାନେ କିପରି ଦୁଇ ଦୁଇଟି କାଣ୍ଡ ଭିଆଇଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖବରପାଇ ହାଲ୍ ସୁରକ୍ଷା ବିଭାଗର ବଡ ଅଧିକାରୀମାନେ ଘଟଣାସ୍ଥଳରେ ତଦନ୍ତ କରିବା ସହ ସୁନାବେଡ଼ା ଥାନା ଏଏସ୍ଆଇ ବାଳକୃଷ୍ଣ ରଥ ଛାନଭିନ୍ କରିଛନ୍ତି।

# 'ରାଷ୍ଟ୍ର ବିକାଶ ପାଇଁ ଦକ୍ଷତା ଅର୍ଜନ କର'

କୋରାପୁଟ, ୧୯।୮ (ଅମିତାଭ ବେହେରା)

**ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର**

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର ଓ ଗବେଷକ, ବିଶେଷ କରି ନବାଗତମାନଙ୍କ ପାଇଁ ଏକ ପ୍ରେରଣାଦାୟକ ବକ୍ତୃତା ଅନୁଷ୍ଠିତ ହୋଇଛି। ଏଫ୍ଏମ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଶିବ ପ୍ରସାଦ ଅଧିକାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ 'ଶିକ୍ଷା ମାଧ୍ୟମରେ ସଫଳତା: ଭାରତରେ କିପରି ହାସଲ କରିବେ' ତାହା ଉପରେ ମତ ଦେଇଥିଲେ। ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ କୁମାର ପଲିତା ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଭାଷା ବିଦ୍ୟାଳୟର ଡିନ୍ ତଥା ଭାରପ୍ରାପ୍ତ କୁଳସଚିବ ଓ ବିତତ ଅଧିକାରୀ ପ୍ରଫେସର ଏନ୍.ସି. ପଣ୍ଡା ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରଫେସର ଶିବ ପ୍ରସାଦ ଅଧିକାରୀ ଛାତ୍ରୀଛାତ୍ରଙ୍କୁ ସମାଜ ଓ ରାଷ୍ଟ୍ର ଗଠନ, ବିକାଶ ପାଇଁ ଆବଶ୍ୟକତା ଅନୁଯାୟୀ ଦକ୍ଷତା ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଫେସର ଏସ୍.କେ ପଲିତା କୃଷି, ଅର୍ଥନୀତି, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକ୍ଷେତ୍ରରେ ପ୍ରଗତି ପଥରେ ଆମ ଦେଶର ବିଭିନ୍ନ ଉପଲବ୍ଧି ଉପସ୍ଥାପନ କରିଥିଲେ। ଶିକ୍ଷାବିତ୍ ଉପଦେଷ୍ଟା ପ୍ରଫେସର ସୁଧେନ୍ଦୁ ମଣ୍ଡଳ ଭାରତୀୟ ନାରୀ ବ୍ୟକ୍ତିତ୍ୱଙ୍କ ଅବଦାନ ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କୁ ଅନୁସରଣ କରି ଭବିଷ୍ୟତରେ ଦେଶର ନେତୃତ୍ୱ ନେବାକୁ ପ୍ରେରଣା ଦେଇଥିଲେ। ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କାର୍ଯ୍ୟକ୍ରମର ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ।



ବୈଠକରେ ମଞ୍ଚାସୀନ ଅତିଥିମାନେ।

# ପଦୁଗୁଡ଼ାରେ ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଲା ପ୍ରଶାସନ

ଦଶମନ୍ତପୁର, ୧୯।୮ (ଅରବିନ୍ଦ ନାୟକ)

**କୁଇ କଳାକାରଙ୍କ ପ୍ରଭାବ**

ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲୁଲା ପଞ୍ଚାୟତ ଅଧୀନ ପଦୁଗୁଡ଼ା ଗାଁର ବିକାଶ ନେଇ କୌଣସି ସରକାର, ଜିଲା ଓ ବ୍ଲକ ପ୍ରଶାସନ ଏବଂ ରାଜନେତା ପଦକ୍ଷେପ ନେଇ ନ ଥିଲେ। ଗତ ସ୍ୱାଧୀନତା ଦିବସରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ କୃଷିମନ୍ତ୍ରୀ ଓ ଜିଲା ପ୍ରଶାସନିକ ଅଧିକାରୀଙ୍କ ଆଗରେ ଗାଁର ପ୍ରତ୍ୟେକ ସମସ୍ୟାକୁ ନେଇ ଜଣେ କୁଇ କଳାକାର ଗୁହାରି କରିଥିଲେ। ଏହାର ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା। ଶନିବାର ବିଡିଓ ଉମ୍ବରୁଧର ମଲ୍ଲିକ, ସହକାରୀ ଯନ୍ତ୍ରୀ ଅଭିଷେକ ଷଡ଼ଙ୍ଗୀ, ଜଳ ଓ ପରିମଳ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଏସ୍.ଏ. କୁରେସି ପ୍ରମୁଖ କାଦୁଅ ପଚପଚ ରାସ୍ତାରେ ଚାଲିଚାଲି ଯାଇ ଗାଁରେ ପହଞ୍ଚିଥିଲେ। ସେମାନେ ନଳକୂପରୁ ବାହାରୁଥିବା ପାଣି ପିଉଥିବା ଜଣାପଡ଼ିଛି। ଗାଁରେ ମୌଳିକ ସମସ୍ୟା ରହିଛି। ତାହାର ସମାଧାନ କରାଯିବ ବୋଲି ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି।

ପଦୁଗୁଡ଼ା ଗାଁରେ ଆଦିବାସୀ, ହରିଜନ ଏବଂ କମାର ସମ୍ପ୍ରଦାୟର ପ୍ରାୟ ୧ଶହ ପରିବାର ବସବାସ କରିଆନ୍ତି। ପଞ୍ଚାୟତ ସଦରରୁ ପଦୁଗୁଡା ଗାଁଟି ପାହାଡ଼ ଜଙ୍ଗଲ ଦେଇ ମାତ୍ର ୪ କିମି ଦୂରତା ରହିଛି। ତଥାପି ମଧ୍ୟ ସ୍ୱାଧୀନତାର ୭୭ ବର୍ଷ ପରେ ବି ଏଠାରେ ପାନୀୟ ଜଳ ବ୍ୟବସ୍ଥା, ଗମନାଗମନ ପାଇଁ ରାସ୍ତା ନାହିଁ। ଗାଁର ଗୁରୁତର ରୋଗୀ କିମ୍ବା ଗର୍ଭବତୀଙ୍କୁ ଡାକ୍ତରଖାନା ନେବାକୁ ହେଲେ ଲୁଲା ଛକ ପର୍ଯ୍ୟନ୍ତ ପ୍ରାୟ ୪ କିମି ଦୋଳା ଏବଂ ଭାର ଭରସା। ସେହିପରି ମୁରାନ ନଦୀର ଦୂଷିତ ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରୁଥିବା ଭଳି ସମସ୍ୟାକୁ ନେଇ ଗ୍ରାମବାସୀ ବାରମ୍ବାର ସ୍ଥାନୀୟ ବ୍ଲକ ପ୍ରଶାସନ ଏବଂ ଜିଲା ପ୍ରଶାସନକୁ ଅଭିଯୋଗ କରିଆସୁଥିଲେ। ହେଲେ ଏ ପର୍ଯ୍ୟନ୍ତ ଏ ଦିଗରେ କେହି ପଦକ୍ଷେପ ନେଇ ନ ଥିଲେ। ଏହା ମଧ୍ୟରେ କୁଇ କଳାକାର ଜଣଙ୍କ ପଦୁଗୁଡ଼ା ଗାଁର ବିକାଶ ପାଇଁ ଅନୁରୋଧ କରିଥିବା ଭିଡିଓ ଭାଇରାଲ ହେବାପରେ ଅଧିକାରୀମାନେ ଗାଁକୁ ଯାଇ ସ୍ଥିତି ପରଖିଛନ୍ତି। ସମସ୍ୟା ସମାଧାନ ନ ହେଲେ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରି ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ବ୍ଲକ ପ୍ରଶାସନିକ ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ୨ ଅଭିଯୁକ୍ତଙ୍କୁ ୯ ମାସ ଜେଲ, ଜରିମାନା

#### ସାପ୍ତାହିକ ହାଟରେ ଅଳଙ୍କାର ଲୁଟ୍ ଘଟଣା

ରାଇଘର, ୧୯।୮ (କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଅଧୀନ ହାଟଭରଣ୍ଡି ସାପ୍ତାହିକ ହାଟରେ ଗତ ଜାନୁୟାରୀ ୧୬ରେ ଜଣେ ସୁନା ଦୋକାନୀଙ୍କଠାରୁ ଲୁଟ ଘଟଣାରେ ୨ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଅଭିଯୁକ୍ତମାନେ ହେଲେ କରନ ନେତାମ ଓ ଗୁରୁ ନେତାମ। ସେମାନଙ୍କୁ ଶନିବାର ପ୍ରଥମ ଶ୍ରେଣୀ ବିଚାରପତି ପ୍ରତ୍ୟୁଷ କୁମାର ଚାନ୍ଦ ଦୋଷୀ ସାବ୍ୟସ୍ତ କରି ଦୁହିଁଙ୍କୁ ୯ ମାସ ଜେଲଦଣ୍ଡ ସହ ୪ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ରାୟ ଶୁଣାଇଛନ୍ତି।

ପ୍ରକାଶ ଯେ, ଜାନୁୟାରୀ ୧୬ରେ ହାଟଭରଣ୍ଡି ସାପ୍ତାହିକ ହାଟରେ ଛତିଶଗଡ ନଗରୀ ଗ୍ରାମର ସୁନା ବ୍ୟବସାୟୀ ମୋହିତ ଲାଲ ଗୋଲଛା ଦୋକାନ ଦେଇଥିଲେ। ଅପରାହ୍ନରେ ଦୋକାନରୁ ସୁନା ଓ ରୁପା ଅଳଙ୍କାର ବ୍ୟାଗ୍‌ରେ ଭର୍ତ୍ତିକରି ଗାଡ଼ିରେ ରଖିଥିଲେ। ବ୍ୟବସାୟୀ ଜଣକ ଅନ୍ୟ ଜିନିଷ କିଣାକିଣି କରିବା ସମୟରେ ଏକ ବାଇକରେ ଅଭିଯୁକ୍ତମାନେ ଆସି ତାଙ୍କ ବ୍ୟାଗ୍ ନେଇ ଯାଇଥିଲେ। କୁନ୍ଦେଇ ଥାନାରେ କେସ୍ ନମ୍ବର ୫/ ୨୩ରେ ଏକ ମାମଲା ରୁଜୁ ହୋଇଥିଲା। ଘଟଣାର କିଛିଦିନ ପରେ ଅଭିଯୁକ୍ତମାନେ ଛତିଶଗଡ଼ ମହାସମୁଦ ବଜାରରେ ଚୋରି ସାମଗ୍ରୀ ବିକ୍ରି କରିବା ବେଳେ ଛତିଶଗଡ ପୋଲିସ ତାଙ୍କୁ ଧରି କୁନ୍ଦେଇ ଥାନାରେ ହାଜର କରାଇଥିଲେ। ସ୍ଥାନୀୟ କୋର୍ଟ ଜିଆର୍ ନମ୍ବର ୧୩/୨୦୨୩ ଏବଂ ଧାରା ୩୭୯/୩୪ ଆଇପିସିରେ ସରକାରୀ ଓକିଲ ମନୋଜ କୁମାର ମହାପାତ୍ର ଉପସ୍ଥିତରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏହି କେସ୍‌ରେ ମୋଟ ୧୭ ଜଣ ସାକ୍ଷୀ ଦେଇଥିଲେ।

### ୪ ଏସ୍‌ଏଚ୍‌ଜିକୁ ୧୨ ଲକ୍ଷ ଋଣ

ଉମରକୋଟ, ୧୯।୮ (ସନ୍ତୋଷ ଶତପଥୀ)

ଉମରକୋଟ ପୌରପାଳିକାର କୋଣ୍ଡାଗାଁ ରୋଡ୍‌ସ୍ଥିତ କଲ୍ୟାଣ ମଣ୍ଡପରେ ଏକ ସ୍ୱତନ୍ତ୍ର ଋଣମେଳା ଅନୁଷ୍ଠିତ ହୋଇଯାଇଛି। ଏସ୍‌ଏଚ୍‌ଜି ମହିଳାଙ୍କୁ ସ୍ୱାବଲମ୍ବୀ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଉକ୍ତ କାର୍ଯ୍ୟକ୍ରମରେ ଉମରକୋଟ ପୌରାଞ୍ଚଳର ୮୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସମସ୍ତ ବ୍ୟାଙ୍କ ଅଧିକାରୀ ଯୋଗଦେଇଥିଲେ। ପୌର ପରିଷଦ ଅଧ୍ୟକ୍ଷା ରାଧା ଭତ୍ରାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପୌରପାଳିକା ଉପାଧ୍ୟକ୍ଷ ସୁଧାଂଶୁ ଦାଶଙ୍କ ସମେତ ସମସ୍ତ କାଉନସିଲର ଏବଂ ଜିଲା ମୁଖ୍ୟ ବ୍ୟାଙ୍କ ପ୍ରବନ୍ଧକ ସୁନୀଲ କୁମାର ଜାମୁଡ଼ା ଉପସ୍ଥିତ ଥିଲେ। ସୂଚନାନୁଯାୟୀ ୪ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୩ ଲକ୍ଷ ଲେଖାଏ ସମୁଦାୟ ୧୨ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯିବା ସହ ଅନ୍ୟ ସମସ୍ତ ଯୋଗ୍ୟ ସ୍ୱୟଂ ସହାୟକ ଗୋଷ୍ଠୀଙ୍କଠାରୁ ଆବେଦନପତ୍ର ଗ୍ରହଣ କରାଯାଇଛି। ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଋଷି ମାଝି ଏହାକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, ମିଶନ ପରିଚାଳକ ଅଭିଷେକ ମିଶ୍ର, ଗୋଷ୍ଠୀ ସଂଗଠିକା ଦୀପ୍ତିମୟୀ ମହାନ୍ତି ଓ ବବିତା ଖେମୁଣ୍ଡଙ୍କ ସମେତ ଅନ୍ୟ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।

# ୫ ବର୍ଷରେ ୨ ଲକ୍ଷ ମେଟ୍ରିକ୍ ଟନ୍ ମକା ବ୍ୟବସାୟ ଲକ୍ଷ୍ୟ

**ମୁଖ୍ୟମନ୍ତ୍ରୀ ମକା ମିଶନ, ଚାଷୀ ଉତ୍ପାଦକ ସଂଘ ନିର୍ଦ୍ଦେଶିକାଙ୍କୁ ତାଲିମ**

ନବରଙ୍ଗପୁର, ୧୯।୮ (ସଦାଶିବ ପ୍ରହରାଜ)



ବୈଠକରେ ଓର୍‌ମାସ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲାପାଳ ଓ ଅନ୍ୟମାନେ।

ମୁଖ୍ୟମନ୍ତ୍ରୀ ମକା ମିଶନ ଜରିଆରେ ଉତ୍କୃଷ୍ଟ ମକାଚାଷ ସମ୍ବନ୍ଧରେ ଚାଷୀ ଉତ୍ପାଦକ ସଂଘର ନିର୍ଦ୍ଦେଶିକାଙ୍କ ନିମନ୍ତେ ଏକ ୩ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶନିବାର ଶିବିରର ଶେଷ ଦିବସରେ ଓର୍‌ମାସ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ଶାସନ ସଚିବ ପୁନମ୍ ଗୁହା ଯୋଗଦେଇଥିଲେ। ଏଫ୍‌ପିଓ ମାଧ୍ୟମରେ ମହିଳାମାନଙ୍କୁ ମକାଚାଷ ଓ ବ୍ୟବସାୟରେ ଲାଭବାନ୍ କରିବା ନେଇ ଜିଲାରେ ମୁଖ୍ୟମନ୍ତ୍ରୀ ମକା ମିଶନ ଏକ ୫ ବର୍ଷିୟା ଯୋଜନା ପ୍ରସ୍ତୁତ କରିବ। ଓର୍‌ମାସର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଫ୍‌ପିଓମାନେ ୫ ବର୍ଷରେ ୨ ଲକ୍ଷ ମେଟ୍ରିକ୍ ଟନ୍ ମକା ବ୍ୟବସାୟ କରିବା ପାଇଁ ଲକ୍ଷ୍ୟ ରହିଥିବା ସେ କହିଥିଲେ। ଜିଲାରେ ୧୪ ଏଫ୍‌ପିଓ ଗଠନ ହେବ। ଏଥିରେ ପ୍ରାୟ ୧୮ ହଜାରରୁ ଊର୍ଦ୍ଧ୍ୱ ମହିଳା ସାମିଲ ହେବେ।

୨୦୨୨-୨୩ ଆର୍ଥିକ ବର୍ଷ ମଧ୍ୟରେ ନବରଙ୍ଗୀ ଏଫ୍‌ପିଓ ବ୍ୟବସାୟ କରି ୧୫ ଲକ୍ଷ ଟଙ୍କା ଲାଭ କରିପାରିଛି। ଏଥିପାଇଁ ନିୟମିତ ଭାବେ ଏଫ୍‌ପିଓମାନଙ୍କୁ ଓର୍‌ମାସ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବ। ଅକ୍ଟୋବରରେ ମକା ଉତ୍ପାଦନ ହେବାକୁ ଥିବାରୁ ସମସ୍ତ ଏଫ୍‌ପିଓକୁ ଏହା ପୂର୍ବରୁ କାର୍ଯ୍ୟକ୍ଷମ କରିବାକୁ ପଡ଼ିବ ବୋଲି ଅତିରିକ୍ତ ଶାସନ ସଚିବ କହିଛନ୍ତି। ଅକ୍ଟୋବରରେ ପୁଣି ଥରେ କ୍ରେତା ଓ ବିକ୍ରେତା ବୈଠକ ହେବ। ସେଥିରେ ଏଫ୍‌ପିଓ ଓ ବ୍ୟବସାୟୀଙ୍କ ମଧ୍ୟରେ ଚୁକ୍ତି ହେବ। ଏବେ ଚାଷୀ ଉତ୍ପାଦକ ସଂଗଠନ (ଏଫ୍‌ପିଓ) ମାଧ୍ୟମରେ ମହିଳାମାନଙ୍କୁ ମକାଚାଷ ଓ ବ୍ୟବସାୟରେ ପ୍ରତ୍ୟକ୍ଷ ସମ୍ପୃକ୍ତି ପାଇଁ ଓର୍‌ମାସ ଓ ଜିଲା ପ୍ରଶାସନର ସହଯୋଗ ରହିବ ବୋଲି ସେ କହିଥିଲେ। ଏଫ୍‌ପିଓକୁ ମକାଚାଷ ଓ ବଜାର ବ୍ୟବସ୍ଥା ପାଇଁ ଜିଲା ପ୍ରଶାସନ ସମସ୍ତ ପ୍ରକାର ସହଯୋଗ କରିବ ବୋଲି ଜିଲାପାଳ କମଳଲୋଚନ ମିଶ୍ର କହିଛନ୍ତି। ବ୍ୟବସାୟୀମାନେ ଯେପରି ଏଫ୍‌ପିଓଗୁଡ଼ିକଠାରୁ ଉଚିତ ଦରରେ ମକା କିଣିବେ ସେ ନେଇ ଜିଲା ପ୍ରଶାସନ ଗୁରୁତ୍ୱ ଦେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅନନ୍ୟା ଦାସ, ଓର୍‌ମାସ ଡେପୁଟି ସିଇଓ ସିଏଚ୍. ଉମା ମହେଶଙ୍କ ସମେତ ଜିଲାର ଏଫ୍‌ପିଓର ମହିଳାମାନେ ଉପସ୍ଥିତ ଥିଲେ।

## ମକା, କାନ୍ଦୁଲ କ୍ଷେତ୍ର ଦେଖିଲେ ଓର୍‌ମାସ ସିଇଓ

ତେନ୍ତୁଲିଖୁଣ୍ଟି, ୧୯।୮ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲାରେ ରାଜ୍ୟ ସରକାରଙ୍କ ମକା ମିଶନ ଯୋଜନାରେ ହୋଇଥିବା କୃଷି କ୍ଷେତ୍ର ପରିଦର୍ଶନ କରିଛନ୍ତି ପଞ୍ଚାୟତ ସଚିବ ତଥା ଓରମାସ ସି ଇ ଓ ଗୁହା ପୁନମ ତାପସ କୁମାର। ତାଙ୍କ ସହିତ ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅନ୍ୟା ଦାସ ବ୍ଲକର କଙ୍ଗ୍ରା ପଞ୍ଚାୟତ ଓଲମାରେ ଗୋପୀନାଥ ହରିଜନ କରିଥିବା ୨୦ ହେକ୍ଟର ଜମିରେ ଆନ୍ତଃ ଚାଷ ବୁଲି ଦେଖିଥିଲେ। ମକା ଓ କାନ୍ଦୁଲ ଅନ୍ତଃ ଚାଷ ଗୋପୀନାଥ କରିଥିବାବେଳେ ଆସନ୍ତା ରବିରେ ମକା ଓ ଝୁଡଙ୍ଗ ଚାଷ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏହି ସମୟରେ କେତେଜଣ ଚାଷୀ ମକା ମଣ୍ଡି ଖୋଲିବାକୁ ପ୍ରସ୍ତାବ ଦେଇଥିଲେ। ଏଫ୍‌ପିଓ ଗଠନ କରି ନିଜେ ଶସ୍ୟ ସଂଗ୍ରହ କରି ବିକ୍ରି ବଟା କରିବାକୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। କୃଷି ଉତ୍ପାଦନକ ସଂଘ ପ୍ରତି ପଞ୍ଚାୟତରେ ଗଠନ କରିବାକୁ ଜିଲାପାଳ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ଜି.ଭେଙ୍କଟ ରେଡ୍ଡୀ, ଜିଲା କୃଷି ଅଧିକାରୀ ବିଧୁଭୂଷଣ ମହାକୁଲ, ବ୍ଲକ କୃଷି ଅଧିକାରୀ ବରୁନ ଧନପାଲ, କୃଷି ଓଭରସିୟର ହରି ଶଙ୍କର ତ୍ରିପାଠୀ ଓ ଧୀରେନ ବେନ୍ୟ ଉପସ୍ଥିତ ଥିଲେ। ଅଧଫିକାରୀମାନେ କୁକୁଡ଼ାବାଇରେ ଓରମାସ ପକ୍ଷରୁ ହୋଇଥିବା ଷ୍ଟଲ ଉଦଘାଟନ କରିଥିଲେ। ଉକ୍ତ ଷ୍ଟଲ ମଧ୍ୟରୁ ଗୋଟିଏରେ କୃଷି କାମରେ ବ୍ୟବହାର ହେଉଥିବା ଯନ୍ତ୍ରପାତି ବିକ୍ରିହେବ ବୋଲି ସୂଚନା ମିଳିଛି।

## ଡିଏଲ୍‌ଏସ୍‌ଏର ଆଇନ ସଚେତନତା ଶିବିର


ଜଣେ ଅତିଥି ବକ୍ତବ୍ୟ ଦେଉଛନ୍ତି।

ନନ୍ଦାହାଣ୍ଡି, ୧୯।୮, (ପ୍ରତୀପ କୁମାର ଦାସ)

ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ପକ୍ଷରୁ ଶନିବାର ନନ୍ଦାହାଣ୍ଡି ପଞ୍ଚାୟତ ସମ୍ମିଳନୀ କକ୍ଷରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ବିଭିନ୍ନ ଜନହିତକାରୀ ସରକାରୀ ଯୋଜନା ଏବଂ ସ୍ଥାଇ ଲୋକ ଅଦାଲତ ଓ ସାର୍ବଜନୀକ ଉପୋଯୋଗୀତା ସେବା ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଡିଏଲ୍‌ଏସ୍‌ଏ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସଞ୍ଜୀବ ଦୁବେଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ଡିଏଲ୍‌ଏସ୍‌ଏ ସଚିବ ଜନକ ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସ୍ଥାୟୀ ଲୋକ ଅଦାଲତ ଓ ସାର୍ବଜନୀକ ଉପୋଯୋଗୀତା, ଶିଶୁ ସୁରକ୍ଷା ଆଇନ, ଓଡିଶା ଉଚ୍ଚ ନ୍ୟାୟଳୟ ପ୍ରଦତ ଆଭାସୀ ମାଧ୍ୟମରେ ଶିକ୍ଷ ଦେବା ପ୍ରଣାଳୀ, ପ୍ରାକ୍ ପ୍ରସୂତି ନିଦାନ କୌଶଳ, ପୀଡିତାଙ୍କ ନିମନ୍ତେ ଆର୍ଥିକ ସହାୟତା ବ୍ୟବସ୍ଥା, କର୍ମ କ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା, ଶିଶୁମାନଙ୍କୁ ଯୌନ ନିର୍ଯାତନରୁ ସୁରକ୍ଷା ପ୍ରଦାନ ସମ୍ପର୍କିତ ଆଇନ ବିଷୟରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟତମ ନନ୍ଦାହାଣ୍ଡି ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ବିଶ୍ୱରଞ୍ଜନ ସାହୁ, ନନ୍ଦାହାଣ୍ଡି ବ୍ଲକ ସହାୟକ ମତ୍ସ୍ୟ ଅଧିକାରୀ ଭବାନୀ ରେଡ୍ଡୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରିୟଚାନ୍ଦ ମଲ୍ଲିକ, ନବରଙ୍ଗପୁର ଆଇନଜୀବୀ ସଂଘ ସଭାପତି ନୃସିଂହନାଥ ତ୍ରିପାଠୀ, ସିଡିପିଓ ସସ୍ମିତାବାଳା ମହାନ୍ତି, ଶିଶୁ ମଙ୍ଗଳ ଅଧିକାରୀ, ଜିଲା ସାମାଜିକ କଲ୍ୟାଣ ଅଧିକାରୀ ଫକୀର ଚରଣ ରାଉତ, ଗୋପାଳକୃଷ୍ଣ ପାଣିଗ୍ରାହୀ, ସଞ୍ଜୀବ ଭକ୍ତ ଓ ପାରା ଲିଗାଲ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରିୟଚାନ୍ଦ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ଜଳବାୟୁ ପରିବର୍ତ୍ତନ ପ୍ରତିହତ ନେଇ ଚାରାରୋପଣ


ନନ୍ଦାହାଣ୍ଡି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନ ଅଦ୍ୱିକା କାର୍ଯ୍ୟକ୍ରମରେ ପିଲାମାନେ ଚାରା ରୋପଣ କରୁଛନ୍ତି।

ନବରଙ୍ଗପୁର, ୧୯ ।୮ (ସଦାଶିବ ପ୍ରହରାଜ)

ଦୈନନ୍ଦିନ ହେଉଥିବା ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ଶନିବାର ନବରଙ୍ଗପୁର ଜିଲା ସମାଜ କଲ୍ୟାଣ ବିଭାଗ, ଜିଲା ଶିଶୁ ସୁରକ୍ଷା ୟୁନିଟ୍, ୟୁନିସେଫ ଓ ଆକ୍ସନଏଡ୍‌ର ମିଳିତ ସହଯୋଗରେ ୮୩୨ ରାଜସ୍ୱ ଗ୍ରାମରେ କିଶୋରୀ କିଶୋରମାନେ ସାମୁହିକ ଚାରା ରୋପଣ କରିଛନ୍ତି। ଜିଲାରେ ୨୩୩୦ ଅଙ୍ଗନବାଡି କେନ୍ଦ୍ରରେ କିଶୋରୀ କିଶୋରଙ୍କ ନିମନ୍ତେ ଉଦ୍ଦିଷ୍ଟ ପ୍ରତି ଶନିବାର ଦିନ ହେଉଥବା କିଶୋରୀ ସଶକ୍ତୀକରଣ ଅଦ୍ୱିକା କାର୍ଯ୍ୟକ୍ରମରେ ଶନିବାର ୪୭,୫୬୧ ଜଣ ଭାଗନେଇ ଜଳବାୟୁ ପରିବର୍ତ୍ତନର ପ୍ରତିହତ ପାଇଁ ବୃକ୍ଷର ଭୂମିକା ଉପରେ ଆଲୋଚନା କରିବା ସହିତ ୨୭, ୫୦୩ ଫଳ ଚାରା ଲଗାଇଛନ୍ତି। ଚନ୍ଦାହାଣ୍ଡି ବ୍ଲକରେ ୧୪୭୮, ଡାବୁଗାଁରେ ୨୧୪୨, ଝରିଗାଁରେ ୩୩୨୫, କୋଷାଗୁମୁଡ଼ାରେ ୩୧୫୦, ନବରଙ୍ଗପୁରରେ ୨୩୩୭, ନନ୍ଦହାଣ୍ଡିରେ ୨୩୭୮, ପାପଡାହାଣ୍ଡିରେ ୪୧୩୬, ରାଇଘରରେ ୩୧୫୮, ତେନ୍ତୁଲିଖୁଣ୍ଟିରେ ୧୩୧୪ ଓ ଉମେରକୋଟ ବ୍ଲକରେ ୪୦୯୫ଟି ଚାରାରୋପଣ କରାଯାଇଛି। ଜିଲାରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀମାନେ ନିଜ କେନ୍ଦ୍ରରେ ସଚେତନ ସଭା କରାଇଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଅନୁଷ୍ଠିତ ସାମୁହିକ ଚାରା ରୋପଣ କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଆକ୍ସନଏଡ୍ ସଂସ୍ଥାର ଜିଲା ସଂଯୋଜକ ଫକୀର ଚରଣ ରାଉତ, ଜିଲା ମମତା ସଂଯୋଜକ ବିଶ୍ୱଜିତ ମହାନ୍ତି, ଜିଲା ପୋଷଣ ସଂଯୋଜକ ହେମରାଜ ଦଣ୍ଡସେନା, ଆଶୁତୋଷ ମିଶ୍ର, ବାଲ୍ୟବିବାହ ନିଷେଧ ଅଧିକାରୀ, ସିଡିପିଓ ଏସ୍.ଏ ଗୀତା, ସସ୍ମିତା ମହାନ୍ତି, ଯମୁନା ଭତ୍ରା, ସଂଯୁକ୍ତା ବେହେରା, ଗୀତାରାଣୀ ମିଶ୍ର, କାଞ୍ଚନ ପଣ୍ଡା, ବିରଜା ମୋହିନୀ ପାଙ୍ଗି, ସୁଦର୍ଶନୀ ରଥ ଓ ଜିଲାର ସମସ୍ତ ମହିଳା ସୁପରଭାଇଜର ଏହି ଅଦ୍ୱିକା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

## ସାହିତ୍ୟିକ ପ୍ରେମଚାନ୍ଦଙ୍କ ପରଲୋକ

ନବରଙ୍ଗପୁର, ୧୯।୮ (ସଦାଶିବ ପ୍ରହରାଜ)



ନବରଙ୍ଗପୁର ଗଦବାଗୁଡା ସାହିର ବରିଷ୍ଠ ସାହିତ୍ୟିକ ପ୍ରେମଚାନ୍ଦ ପଟ୍ଟନାୟକଙ୍କ ୭୬ ବର୍ଷ ବୟସରେ ପରଲୋକ ଘଟିଛି। ନବରଙ୍ଗପୁର ମେଡିକାଲରେ ସେ ହୃଦ୍‌ଜନିତ ସମସ୍ୟା ପାଇଁ ଚିକିତ୍ସିତ ହେଉଥିବାବେଳେ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି। ଛତ୍ରଭଙ୍ଗ ଶ୍ମଶାନରେ ତାଙ୍କ ଅନ୍ତ୍ୟେଷ୍ଟି କାର୍ଯ୍ୟ କରାଯାଇଛି। ଖବର ପ୍ରସାରିତ ପରେ ବିଧାୟକ ସଦାଶିବ ପ୍ରଧାନୀ, ମିଟୁ ପାତ୍ର, ପ୍ରମୋଦ ରଥ,ତାପସ ତ୍ରିପାଠୀ,ଦିଲୁ ପଣ୍ଡା ନବରଙ୍ଗପୁରର ବରିଷ୍ଠ ସାହିତ୍ୟିକ ନାରାୟଣ ପଣ୍ଡା, ବିଜୟ ଚୌଧୁରୀ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ନିରଞ୍ଜନ ମିଶ୍ର, ନାଟ୍ୟକାର ଦୁର୍ଗା ପ୍ରଧାନୀ, ଜଗନ୍ନାଥ ବେହେରା, ପ୍ରଭାସିନୀ ମହାନ୍ତି, ରଞ୍ଜନ ପଟ୍ଟନାୟକ, କୁନା ପଣ୍ଡା, ତପନ ପଟ୍ଟନାୟକ, ଟୁକୁ ଗନ୍ତାୟତ, ବାବୁନି ପାଳଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ପ୍ରକାଶ ଯେ, ସ୍ୱର୍ଗତ ପ୍ରେମଚାନ୍ଦ ଏକାଧାରରେ ଜଣେ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ଏବଂ ସାହିତ୍ୟିକ ଥିଲେ। ମଣ୍ଡେଇ , ଉତ୍କଳ ପରିଷଦ ପରି ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ସହ ସେ ଜଡିତ ଥିଲେ। ସେ ଓୟୁଟି ଅଧୀନରେ ପ୍ରାଇଭେଟ୍ ଇନ୍‌ଭେଷ୍ଟିଗେଟର ଭାବେ ଚାକିରି କରି ଅବସର ଗ୍ରହଣ କରିଥିଲେ।

## ନୀଳାଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୧୯।୮ (ପବନ ପାଣିଗ୍ରାହୀ)

ଦେଶୀ ମଦ ପ୍ରସ୍ତୁତ କରିବା ସହ ଲୁଚାଇ ରଖାଯାଇଥିବା ଖବରପାଇ ଜୟପୁର ଅବକାରୀ ବିଭାଗ ସଦର ଥାନା ଅଧୀନ ନୀଳାଗୁଡା ଜଙ୍ଗଲରେ ଚଢାଉ କରିଛି। ଚଢ଼ାଉ ସୂଚନା ପାଇ ମଦ ମାଫିଆମାନେ ଚମ୍ପଟ ମାରିଥିବାବେଳେ ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗିଛି। ୧୧ ଶହ ଲିଟର ପୋଚ ଓ ଶହେ ଲିଟର ବିଷାକ୍ତ ଦେଶୀ ମଦକୁ ଜବତ କରି ନଷ୍ଟ କରାଯାଇଛି। ଘଟଣା ସ୍ଥଳରୁ ମଦରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରାଯାଇଥିବା ଜୟପୁର ଅବକାରୀ ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି।

## ୫ଲକ୍ଷ ସହ ସୁନା, ରୁପା ଚୋରି

ଝରିଗାଁ, ୧୯।୮ (କିଶୋର ଚନ୍ଦ୍ର ମଣ୍ଡଳ)


ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସୋରିଷଭଟ୍ଟା ଗ୍ରାମରେ ଶୁକ୍ରବାର ବିଳମ୍ବ ରାତିରେ ଏକ ବଡ଼ ଧରଣର ଚୋରି ହୋଇଛି। ଏନେଇ ଝରିଗାଁ ଥାନାରେ ଲିଖିତ ଅଭିଯୋଗ ପରେ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ସୋରିଷଭଟ୍ଟା ଗ୍ରାମର ରାମ ଭତ୍ରାଙ୍କ ସାନଭାଇ ମାଧବ ସ୍ତ୍ରୀଙ୍କ ଅସୁସ୍ଥତା କାରଣରୁ ଚିକିତ୍ସା କରିବାକୁ ବିଶାଖାପାଟଣାର ଏକ ଘରୋଇ ଡାକ୍ତରଖାନା ଯାଇଥିଲେ। ଘରେ ମାଧବଙ୍କ ପୁଅ ଏକୁଟିଆ ଥିବାରୁ ରାମ ତାଙ୍କ ଘରେ ଶୋଇବାକୁ ଯାଇଥିଲେ। ରାମଙ୍କ ଘରେ ସ୍ତ୍ରୀ ଯୁଗବତୀ ଏକା ଥିଲେ। ଏହାର ସୁଯୋଗ ନେଇ କେତେଜଣ ଦୁର୍ବୃତ୍ତ ରାମଙ୍କ ଘର କବାଟ ଭାଙ୍ଗି ଭିତରେ ପଶି ଯୁଗବତୀ ଶୋଇଥିବା ଘରର କବାଟ ସାମ୍ନାରୁ ବନ୍ଦ କରିଦେଇଥିଲେ। ଏହାପରେ ଦୁର୍ବୃତ୍ତମାନେ ଅନ୍ୟ ଦୁଇଟି ଘରର ତାଲା ଭାଙ୍ଗି ଭିତରେ ପଶି ନଗଦ ୫ଲକ୍ଷ ଟଙ୍କା ସହ ସାଢ଼େ ୪ ତୋଳା ସୁନା ନେଇଯାଇଥିଲେ। ରାମ ସକାଳୁ ଘରକୁ ଆସି ଚୋରି ହୋଇଥିବା ଜାଣି ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଝରିଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

## ସ୍ଥାୟୀ ନିଯୁକ୍ତି ନେଇ ଦାବିପତ୍ର


ଉମରକୋଟ ବିଧାୟକ ଦାବିପତ୍ର ଗ୍ରହଣ କରୁଛନ୍ତି।

ଉମରକୋଟ, ୧୯।୮ (ସନ୍ତୋଷ ଶତପଥୀ)

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ ବିଭାଗ ଠିକା କର୍ମଚାରୀଙ୍କ ଦାବିପତ୍ର**

ସ୍ୱାସ୍ଥ୍ୟ ବିଭାଗ ଠିକା କର୍ମଚାରୀଙ୍କ ଚାକିରି ନିୟମିତ କରିବା ପାଇଁ ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ନବରଙ୍ଗପୁର ଶାଖା କର୍ମଚାରୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶା ସ୍ୱାସ୍ଥ୍ୟ ଠିକା ମହାସଂଘରେ କାର୍ଯ୍ୟରତ ଜାତୀୟ ସ୍ୱାସ୍ଥ୍ୟ ମିଶନର ଆୟୁଷ ଡାକ୍ତର, ଫାର୍ମାସିଷ୍ଟ, ଜିଲା ଓ ବ୍ଲକ ପରିଚାଳନା କର୍ମଚାରୀ, ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ, ମ୍ୟାଲେରିଆ ନିୟନ୍ତ୍ରଣ, ଯକ୍ଷ୍ମା ନିୟନ୍ତ୍ରଣ, ମହାମାରୀ ବିଶେଷଜ୍ଞ ଭଳି ବହୁ କର୍ମଚାରୀ ସରକାରୀ ପ୍ରକ୍ରିୟାରେ ନିଯୁକ୍ତି ପାଇ ୧୭ ବର୍ଷରୁ ଅଧିକ ଦିନ ଧରି ଠିକା ଭିତ୍ତିରେ କାର୍ଯ୍ୟ କରୁଛନ୍ତି। କର୍ମଚାରୀଙ୍କ ପ୍ରୟାସ ଦ୍ୱାରା ଡେଙ୍ଗୁ, ମ୍ୟାଲେରିଆ, ପୋଲିଓ, କୁଷ୍ଠ, ଯକ୍ଷ୍ମା ଓ କୋଭିଡ୍‌କୁ ନିୟନ୍ତ୍ରଣ କରାଯାଇପାରିଛି। ତେଣୁ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା ଠିକା କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ନବରଙ୍ଗପୁର ଶାଖା କର୍ମକର୍ତ୍ତା ବିପିନ କୁମାର ମାଝି, ଜଗନ୍ନାଥ ମିଶ୍ର, ବିଶ୍ୱଜିତ ସୁନା, ପ୍ରିୟଙ୍କା ସିଲ, ଗୀତାଞ୍ଜଳି ସାହୁ, ସଙ୍ଗୀତା ବେହେରା, ଗୌରୀଶଙ୍କର ପରିଡ଼ା, ରାଘବେନ୍ଦ୍ର ପଣ୍ଡା, ସୋରସ ଟାକ୍ରି, ଶୁଭାଶିଷ ପ୍ରଧାନ ଓ ଶୁଭ୍ରାଂଶୁ ପାଲ୍‌ଟାସିଂ ପ୍ରମୁଖ ଉପସ୍ଥିତ ଥିଲେ। ଦାବିପତ୍ର ମିଳିବା ପରେ ଉମରକୋଟ ବିଧାୟକ ବ୍ୟକ୍ତିଗତଭାବେ ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ଲେଖି ତୁରନ୍ତ ଅସ୍ଥାୟୀ ସ୍ୱାସ୍ଥ୍ୟକର୍ମୀଙ୍କୁ ସ୍ଥାୟୀ କରିବାକୁ ଅନୁରୋଧ କରିଛନ୍ତି।

## ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗୁନି

ତେନ୍ତୁଲିଖୁଣ୍ଟି, ୧୯।୮ (ଚିଦାନନ୍ଦ ସାହୁ)


ପ୍ରକଳ୍ପ କଲୋନିକୁ ସଂଯୋଗ କରୁଥିବା ରାସ୍ତା।

**ଇନ୍ଦ୍ରାବତୀ ପ୍ରକଳ୍ପ କଲୋନି ରାସ୍ତା ବିପର୍ଯ୍ୟସ୍ତ**

ଇନ୍ଦ୍ରାବତୀ ନବରଙ୍ଗପୁର ଜିଲାର ଏକ ବ୍ୟବସାୟିକ ପେଣ୍ଠସ୍ଥଳ। ଏଠାରେ ତଥାକଥିତ ଦାବି ହେଉଥିବା ଏସିଆର ଦ୍ୱିତୀୟ ବୃହତ୍ତମ ପ୍ରକଳ୍ପ ରହିଛି। କିନ୍ତୁ କିଛି ବର୍ଷ ହେବ ପ୍ରକଳ୍ପ କର୍ତ୍ତୃପକ୍ଷ ନିଘୋଡ଼ ନିଦରେ ଶୋଇବାଭଳି ଅନୁମାନ ହେଉଛି। ପ୍ରକଳ୍ପ କଲୋନୀ ରାସ୍ତା, ଡ୍ୟାମକୁ ଯାଇଥିବା ରାସ୍ତାଗୁଡିକ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ସାମାନ୍ୟ ଅସାବଧାନତା ଯୋଗୁ ଦୁର୍ଘଟଣା ଘଟିବା ଅବଶ୍ୟମ୍ଭାବୀ। ଦିନେ ଦୁଇ ଦିନରେ ଛୋଟବଡ଼ ଦୁର୍ଘଟଣା ଡ୍ୟାମ ରାସ୍ତା କିମ୍ବା ପ୍ରକଳ୍ପ କଲୋନୀ ରାସ୍ତାରେ ଘଟୁଛି। ବର୍ଷା ଦିନରେ ପ୍ରକଳ୍ପ କଲୋନୀ ରାସ୍ତାର ଅବସ୍ଥା ଏଭଳି ଯେ ପଥଚାରୀ ଘରୁ ସଫା ସୁତୁରା ଡ୍ରେସ ପିନ୍ଧି ବାହାରିଲେ ଘରକୁ ମଇଳା ଡ୍ରେସ ପିନ୍ଧି ଆସିବା ନିଶ୍ଚିତ।

ପାଞ୍ଚରୁ ସାତ ବର୍ଷ ହେଲାଣି ଏଭଳି ସ୍ଥିତି ବର୍ଷା ଦିନେ ସାଧାରଣ ହୋଇଗଲାଣି। ମା' ତାରିଣୀ ମନ୍ଦିର ଛକରୁ ଉପର ଶିବ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ସ୍ଥିତି ନ କହିବା ଭଲ। ଏହି ରାସ୍ତା ଦେଇ ପ୍ରକଳ୍ପ ମୁଖ୍ୟ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନିଜ ବାସଭବନକୁ ଯାଇଥା'ନ୍ତି, ତଥାପି ରାସ୍ତା ମରାମତି ପାଇଁ ଦୃଷ୍ଟି ନ ଦେବା ଆଶ୍ଚର୍ଯ୍ୟର ବିଷୟ। କପୁର ଛକରୁ ଓସିସି ବ୍ରିଜ ପର୍ଯ୍ୟନ୍ତ ରାସ୍ତାର ସ୍ଥିତି ତହୁଁ ବଳି। ମୁଖ୍ୟ ଦୁଇ ରାସ୍ତାର ସ୍ଥିତି ସୁଧୁରୁ ନ ଥିବାବେଳେ ପ୍ରକଳ୍ପର ୧୧୦୦ କ୍ୱାର୍ଟର ଥିବା କଲୋନୀ ରାସ୍ତାର ସ୍ଥିତି ଅନୁମେୟ । ରାସ୍ତାଗୁଡିକରେ ଗର୍ତ୍ତ ଥିବାରୁ ଦୁର୍ଘଟଣା ରୋକିବାକୁ କେହି ଜଣେ ବ୍ୟକ୍ତି ମାଟି ପକାଇଥିଲେ। କିନ୍ତୁ ମାଟି ପକାଇବା ଦିନ ବର୍ଷା ହୋଇଯିବାରୁ ରାସ୍ତା କର୍ଦ୍ଦମାକ୍ତ ହୋଇଗଲା। ଫଳରେ ପଥଚାରୀଙ୍କ ସମସ୍ୟା ଆହୁରି ବଢ଼ିଗଲା। ଏ ନେଇ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସଂଜୀବ ଭତ୍ରାଙ୍କୁ ପଚାରିବାରୁ କହିଲେ, ଆମ ପାଖକୁ କଲୋନୀ ରାସ୍ତା ଓ କ୍ୱାର୍ଟର ଗତ ମାସରୁ ଆସିଛି। କ'ଣ କରାଯାଇପାରିବ ଦେଖୁଛୁ। ଏ ବାବଦ ବଜେଟ ଆସିନି, ତଥାପି ବର୍ଷା ଦିନ ପାଇଁ କିଛି କରିହେବ ନା ନାହିଁ ଦେଖିବି ବୋଲି ସେ କହିଛନ୍ତି।

## ଭିତ୍ତିଭୂମି ଅଭାବରୁ ପିଲାଙ୍କୁ ମିଳିପାରୁନି ଗୁଣାତ୍ମକ ଶିକ୍ଷା

ଝରିଗାଁ, ୧୯।୮ (କିଶୋର ଚନ୍ଦ୍ର ମଣ୍ଡଳ)


ବାରଣ୍ଡାରେ ପାଠପଢ଼ା ଚାଲିଛି।

- ୨ଟି କକ୍ଷରେ ପଢ଼ୁଛନ୍ତି ୬ ଶ୍ରେଣୀର ଛାତ୍ରୀଛାତ୍ର
- ସପ୍ତମ, ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଠପଢ଼ା ବର୍ଷତମାମ ବାରଣ୍ଡାରେ ଚାଲିଛି

ଗୁଣାତ୍ମକ ଶିକ୍ଷାର ପ୍ରସାର ନେଇ ରାଜ୍ୟ ସରକାର ସର୍ବଦା ଗୁରୁତ୍ୱ ଦେଉଥିବାବେଳେ ଏବେ ବି ଗ୍ରାମାଞ୍ଚଳରେ ଭିତ୍ତିଭୂମି ଅଭାବ ଯୋଗୁ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ରହୁଛନ୍ତି ଅନେକ ଛାତ୍ରୀଛାତ୍ର। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚକଲାପଦର ପଞ୍ଚାୟତ ଅଧୀନ ବାହାରକରମରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ।

୧୯୭୨ରେ ବାହାରକରମରି ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ଏହାପରେ ୨୦୦୬-୦୭ ଶିକ୍ଷାବର୍ଷରେ ଏହାକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କରାଯାଇଥିଲା। ବର୍ତ୍ତମାନ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୧୫ ଛାତ୍ରୀଛାତ୍ର ପଢ଼ୁଛନ୍ତି। କିନ୍ତୁ ପାଠପଢ଼ା ସକାଶେ ନା ରହିଛି ଆବଶ୍ୟକ ଭିତ୍ତିଭୂମି, ନା ଅଛନ୍ତି ଆବଶ୍ୟକ ସଂଖ୍ୟକ ଶିକ୍ଷକ। ଆବଶ୍ୟକତା ଅନୁସାରେ ଶ୍ରେଣୀଗୃହ ନ ଥିବାରୁ ମାତ୍ର ୨ଟି କକ୍ଷରେ ୮ଟି ଶ୍ରେଣୀର ପିଲାଙ୍କୁ ପଢ଼ାଯାଉଛି। ଗୋଟିଏ ଶ୍ରେଣୀରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ପିଲା ପଢୁଥିବାବେଳେ ଅନ୍ୟ ଏକ ଶ୍ରେଣୀ ଗୃହରେ ଚତୁର୍ଥ, ପଞ୍ଚମ ଏବଂ ଷଷ୍ଠ ଶ୍ରେଣୀର ପିଲାଙ୍କୁ ପାଠପଢ଼ା ଯାଉଛି। ସେହିପରି ଆବଶ୍ୟକ ଶ୍ରେଣୀ ଗୃହ ନଥିବା ଯୋଗୁଁ ସପ୍ତମ ଏବଂ ଅଷ୍ଟମ ଶ୍ରେଣୀର ପିଲାଙ୍କୁ ବାଧ ହୋଇ ବର୍ଷତମାମ ବାରଣ୍ଡାରେ ପଢ଼ାଯାଉଛି। ଶିକ୍ଷା ପ୍ରଦାନ ବେଳେ ଶିକ୍ଷକ ଏବଂ ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବିଦ୍ୟାଳୟକୁ ବାହାରକରମରି ସମେତ ଡକରିକୋଟ, ଗାଇବନ୍ଧା, ଡାହିମାଲ, ଭିତରକର୍ମରୀ ଓ ଲହଣ୍ଡାସିଲ ଆଦି ଗ୍ରାମରୁ ପିଲାମାନେ ଆସି ପାଠ ପଢ଼ିଥା'ନ୍ତି । ଭିତ୍ତିଭୂମି ଅଭାବରୁ ପିଲାଙ୍କୁ ନିଜ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା ମିଳିପାରୁ ନ ଥିବାରୁ ଅଭିଭାବକମାନେ ନିଜ ନିଜ ପିଲାଙ୍କୁ ଅନ୍ୟତ୍ର ପାଠ ପଢ଼ାଉଛନ୍ତି। ସ୍କୁଲରେ ଆବଶ୍ୟକ ଶ୍ରେଣୀଗୃହ ଏଂ ଆବଶ୍ୟକ ସଂଖ୍ୟକ ଶିକ୍ଷକ ତୁରନ୍ତ ଯୋଗାଇ ଦେବାକୁ ଅଭିଭାବକ ଏବଂ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଝରିଗାଁ ବିଇଓ ଜଗନ୍ନାଥ ଧରୁଆଙ୍କୁ ଯୋଗାଯୋଗ କରିବାରୁ ତଦନ୍ତ କରି ସମସ୍ୟା ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

## ସଂକ୍ଷେପରେ

### ନଦୀକୁ ଟ୍ରକ୍ ଖସି ୯ ଯବାନଙ୍କ ମୃତ୍ୟୁ

ଲେହ, ୧୯।୮: ଲଦାଖରେ ସୈନ୍ୟବାହିନୀର ଏକ ଟ୍ରକ୍ ନଦୀ ଗର୍ଭକୁ ଖସିପଡ଼ିବାରୁ ୯ ଜଣ ସୈନ୍ୟଙ୍କ ମୃତ୍ୟୁ ଘଟିଛି। ଲେହଠାରୁ ୧୫୦ କିଲୋମିଟର ଦୂର କିୟାରିଠାରେ ଶନିବାର ଅପରାହ୍ନ ୪ଟାରୁ ୫ଟା ମଧ୍ୟରେ ଏହି ଦୁର୍ଘଟଣା ଘଟିଛି। କନ୍‌ଭଏରେ ୫ଟି ଗାଡ଼ି ଥିବାବେଳେ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ରେ ୧୦ ଜଣ ଯବାନ ଥିଲେ। ଜଣେ ଜୁନିୟର କମିଶନ୍ଡ ଅଫିସର (ଜେସିଓ) ଏବଂ ୮ ଯବାନ ପ୍ରାଣ ହରାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି।

### 'ସୋସିଆଲ ମିଡିଆ ବ୍ୟବହାରକାରୀ ପରିଣାମ ପ୍ରତି ସତର୍କ ହୁଅନ୍ତୁ'

ନୂଆଦିଲ୍ଲୀ,୧୯।୮: ସୋସିଆଲ ମିଡିଆ ବ୍ୟବହାରକାରୀମାନେ ଏହାର ପ୍ରଭାବ ପ୍ରତି ଅଧିକ ସତର୍କ ରହିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏଥିସହ ଅଭିନେତା ତଥା ତାମିଲନାଡୁର ପୂର୍ବତନ ବିଧାୟକ ଏସ୍.ଭି. ଶେଖରଙ୍କ ଏକ ପିଟିଶନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ଶେଖର ୨୦୧୮ରେ କେତେଜଣ ମହିଳା ଖବରଦାତାଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଥିବା ଫେସ୍‌ବୁକ୍ ପୋଷ୍ଟକୁ ଶେୟାର କରି ମାମଲାର ସମ୍ମୁଖୀନ ହୋଇଛନ୍ତି। ଜୁଲାଇ ୧୪ରେ ମାଡ୍ରାସ ହାଇକୋର୍ଟ ଶେଖରଙ୍କ ଆବେଦନକୁ ଖାରଜ କରିଦେବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ବେଳେ ଜଷ୍ଟିସ ବି.ଆର୍. ଗଭାଇ ଏବଂ ପି.କେ. ମିଶ୍ରାଙ୍କ ଖଣ୍ଡପୀଠ କହିଛନ୍ତି, ଯଦି ଜଣେ ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି, ତେବେ ତାଙ୍କୁ ଏହାର ପ୍ରଭାବ ଏବଂ ପରିଣାମ ପ୍ରତି ଅଧିକ ସତର୍କ ହେବାକୁ ପଡ଼ିବ।

### ଉଦୟପୁର-ଖଜୁରାହୋ ଏକ୍ସପ୍ରେସ୍‌ରେ ନିଆଁ



ନୂଆଦିଲ୍ଲୀ,୧୯।୮: ଉଦୟପୁର-ଖଜୁରାହୋ ଏକ୍ସପ୍ରେସ୍‌ର ଇଞ୍ଜିନରେ ଶନିବାର ନିଆଁ ଲାଗିଯାଇଥିଲା। ମଧ୍ୟପ୍ରଦେଶର ଗ୍ୱାଲିଅର ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଇଞ୍ଜିନରୁ ଧୂଆଁ ବାହାରୁଥିବାର ଜଣାପଡ଼ିବା ପରେ ଟ୍ରେନ୍‌ଟିକୁ ସିତୋଲି ଷ୍ଟେଶନରେ ଅଟକାଯାଇଥିଲା। ଟ୍ରେନଟି ଗ୍ୱାଲିଅର ଷ୍ଟେଶନ ଛାଡିବାର କିଛି ସମୟ ପରେ ଏହି ଦୁର୍ଘଟଣା ଘଟିଥିଲା। ତେବେ ଉକ୍ତ ଘଟଣାରେ କେହି ମୃତାହତ ହୋଇନାହାନ୍ତି ବୋଲି ଝାନ୍ସୀ ଲୋକ ସମ୍ପର୍କ ଅଧିକାରୀ କହିଛନ୍ତି। ଘଟଣା ପରେ ରେଳସୁରକ୍ଷା ଅଧିକାରୀମାନେ ପହଞ୍ଚିଥିଲେ। ରେଳ ଅଧିକାରୀଙ୍କ ସୂଚନାନୁସାରେ ୧୯୬୬୬ ଉଦୟପୁର-ଖଜୁରାହୋ ଇଣ୍ଟରସିଟି ଏକ୍ସପ୍ରେସ୍ ସିତୋଲି ଷ୍ଟେଶନ ନିକଟ ଦେଇ ଯାଉଥିବାବେଳେ ଏହାର ଇଞ୍ଜିନରୁ ଧୂଆଁ ବାହାରୁଥିବାର ଦେଖାଯାଇଥିଲା। ତେଣୁ ଟ୍ରେନଟିକୁ ସେଠାରେ ଅଟକାଯାଇଥିଲା। ଧୂଆଁ ବନ୍ଦ ହେବା ସହ ଅନ୍ୟ ଏକ ଇଞ୍ଜିନ ଲାଗିବା ପରେ ଟ୍ରେନଟି ତାର ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା କରିଥିଲା। ତେବେ ଏହି ତଦନ୍ତ କରାଯିବ ବୋଲି ଉତ୍ତର ମଧ୍ୟ ରେଳପଥର ମୁଖ୍ୟ ଲୋକସମ୍ପର୍କ ଅଧିକାରୀ ହିମାଂଶୁ ଶେଖର ଉପାଧ୍ୟାୟ କହିଛନ୍ତି।

# ତାଇୱାନ୍‌କୁ ଘେରିଲା ଚାଇନା

## ଦ୍ୱୀପରାଷ୍ଟ୍ର ଚାରିପଟେ ପିଏଲ୍‌ଏର ଯୁଦ୍ଧାଭ୍ୟାସ



ୱିଲିୟମ ଲାଇ

ବେଜିଂ, ୧୯।୮

ତାଇୱାନ୍ ଉପରାଷ୍ଟ୍ରପତି ୱିଲିୟମ ଲାଇଙ୍କ ପାରାଗୁଏ ଗସ୍ତ ବେଳେ ଆମେରିକାରେ ଅବସ୍ଥାନ କରିବା ଚାଇନା କର୍ତ୍ତୃପକ୍ଷଙ୍କୁ କ୍ଷୁବ୍ଧ କରିଥିଲା। ଏହାର କଡ଼ା ଚେତାବନୀ ସ୍ୱରୂପ ଚାଇନା ସୈନ୍ୟବାହିନୀ ଶନିବାର ତାଇୱାନ ଚାରିପଟେ ଯୁଦ୍ଧାଭ୍ୟାସ ଆରମ୍ଭ କରିଛି। ତାଇୱାନ୍ ଉପରାଷ୍ଟ୍ରପତି ଆମେରିକା ଯିବାକୁ ବିଚ୍ଛିନ୍ନତାବାଦୀ ଏବଂ ବିଦେଶୀ ଶକ୍ତି ମଧ୍ୟରେ ଗୁପ୍ତ ସନ୍ଧି ବୋଲି ଚାଇନା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି।

ଦକ୍ଷିଣ ଆମେରିକୀୟ ଦେଶ ପାରାଗୁଏ ସହ ତାଇୱାନର କୂଟନୈତିକ ସମ୍ପର୍କକୁ ପୁନଃ ସ୍ଥାପନ କରିବା ଲାଗି ତାଇୱାନ ଉପରାଷ୍ଟ୍ରପତି ସେଠାକୁ ଗସ୍ତରେ ଯାଇଥିଲେ। ଯିବା ବାଟରେ ସେ ଆମେରିକାର ସାନ୍ ଫ୍ରାନ୍ସିସ୍କୋ ଏବଂ ନ୍ୟୁୟର୍କ ସହରରେ ଅଟକିଥିଲେ। ଚାଇନାର କମ୍ୟୁନିଷ୍ଟ ଶାସକଙ୍କ କହିବା ଅନୁଯାୟୀ ଗଣତାନ୍ତ୍ରିକ ତାଇୱାନ ଏହାର ଅଂଶବିଶେଷ। ତେଣୁ ବିଦେଶୀ ସମ୍ପର୍କ ସ୍ଥାପନ କରିବା ଅଧିକାର ଏହାର ନାହିଁ। ଅନ୍ୟପକ୍ଷରେ ଯୁଦ୍ଧଜାହାଜ ଏବଂ ବିମାନ ମଧ୍ୟରେ ସମନ୍ୱୟ ବଢ଼ାଇବା ସହ ଆକାଶ ଓ ସାମୁଦ୍ରିକ ମାର୍ଗରେ ନିୟନ୍ତ୍ରଣ ସାମର୍ଥ୍ୟ ବଢ଼ାଇବା ପାଇଁ ଯୁଦ୍ଧାଭ୍ୟାସ କରାଯାଉଥିବା ଚାଇନା ଇଷ୍ଟର୍ନ ଥିଏଟର କମାଣ୍ଡ ମୁଖପାତ୍ର ଶି ୟି କହିଛନ୍ତି। ଏହା ସୈନ୍ୟବାହିନୀର ବାସ୍ତବ ଲଢୁଆ ସାମର୍ଥ୍ୟର ପରୀକ୍ଷା ବୋଲି ସେ ମତ ଦେଇଛନ୍ତି। ତେବେ ଉତ୍ତେଜନା ସୃଷ୍ଟି ପାଇଁ ଉଦ୍ୟମ କରୁଥିବା ତାଇୱାନ ସପକ୍ଷବାଦୀ ସ୍ୱାଧୀନ ଶକ୍ତି ଓ ବିଦେଶୀ ଶକ୍ତିଙ୍କୁ ଏହା ଏକ ଚେତାବନୀ ବୋଲି ସେ କହିଛନ୍ତି। ଅନ୍‌ଲାଇନରେ ପୋଷ୍ଟ ହୋଇଥିବା ଯୁଦ୍ଧାଭ୍ୟାସ ଫଟୋରୁ ସୈନ୍ୟମାନେ ଦୌଡୁଥିବା ସହ ଲଢୁଆ ବିମାନ ଓ କ୍ଷେପଣାସ୍ତ୍ର ଲୋଡ୍ ହୋଇଥିବା ବୋଟ୍ ଦେଖିବାକୁ ମିଳିଛି। ସେମାନେ ତାଇୱାନ୍‌କୁ ଚାରିପଟୁ ଘେରି ରହି ଏକସଙ୍ଗେ ଯୁଦ୍ଧାଭ୍ୟାସ ଚଳାଇଛନ୍ତି।



ତାଇୱାନ ନିକଟରେ ଚାଇନା ସୈନ୍ୟମାନେ ସମରାଭ୍ୟାସ ଚଳାଇଛନ୍ତି।

ଅନ୍ୟପକ୍ଷରେ ଚାଇନାର ଏଭଳି ପଦକ୍ଷେପକୁ ତାଇୱାନ୍ ଦୃଢ଼ ନିନ୍ଦା କରିଛି। ବେଜିଂର ଏହା ଅବାସ୍ତବ ଏବଂ ଉତ୍ତେଜନା ସୃଷ୍ଟିକାରୀ ପଦକ୍ଷେପ ବୋଲି ତାଇୱାନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏହାର ଜବାବରେ ଉପଯୁକ୍ତ ବଳ ମୁତୟନ କରିବା ସହ ସ୍ୱାଧୀନତା ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ପଦକ୍ଷେପ ନେବ ବୋଲି ତାଇୱାନ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଚାଇନା ସୈନ୍ୟବାହିନୀର ଆକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଆମ ସୈନ୍ୟ ପ୍ରସ୍ତୁତ। ଜାତୀୟ ନିରାପତ୍ତାର ସୁରକ୍ଷା ପାଇଁ ସେମାନେ ସମର୍ଥ, ପ୍ରତିବଦ୍ଧ ଏବଂ ଆତ୍ମବିଶ୍ୱାସୀ ବୋଲି ତାଇୱାନ ଦୃଢ଼ୋକ୍ତି କରିଛି। ପୂର୍ବରୁ ମଧ୍ୟ ଚାଇନା ଯୁଦ୍ଧାଭ୍ୟାସ କରିଥିଲା। ଏହା ଚାଇନା ସେନାର ଯୁଦ୍ଧଖୋର ମନୋଭାବର ପ୍ରତିଫଳନ। ଗୃହଯୁଦ୍ଧ ପରେ ୧୯୪୯ରେ ଚାଇନାରୁ ତାଇୱାନ୍ ଅଲଗା ହୋଇଯାଇଥିଲା। ଶାସକ କମ୍ୟୁନିଷ୍ଟ ପାର୍ଟିର ନିୟନ୍ତ୍ରଣ କେବଳ ମୁଖ୍ୟ ଭୂଖଣ୍ଡରେ ସୀମିତ ରହିଥିଲା। ଏହି ଗଣତାନ୍ତ୍ରିକ ଦ୍ୱୀପ ଦେଶ କଦାପି ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନାର ଅଂଶବିଶେଷ ହୋଇ ରହିନାହିଁ। ତେବେ ତାଇୱାନକୁ ବେଜିଂ ଏକ ବିଖଣ୍ଡିତ ପ୍ରଦେଶ ଭାବେ ଦେଖିବା ସହ ଏହାକୁ ଅକ୍ତିଆର କରିବା ପାଇଁ ଆବଶ୍ୟକ ହେଲେ ବଳ ପ୍ରୟୋଗ କରିବ ବୋଲି କହିଛି।

## ଇମ୍ରାନ୍‌ଙ୍କୁ ଜେଲରେ ବିଷ ଦିଆଯାଇପାରେ

### ସ୍ତ୍ରୀ ବୁଶ୍ରାଙ୍କ ଆଶଙ୍କା



ଲାହୋର, ୧୯।୮

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଜୀବନ ପ୍ରତି ବିପଦ ରହିଛି। ଆଟୋକ୍ ଜେଲରେ ତାଙ୍କୁ ବିଷ ଦିଆଯାଇପାରେ ବୋଲି ସ୍ତ୍ରୀ ବୁଶ୍ରା ବିବି ଆଶଙ୍କା ବ୍ୟକ୍ତ କରିଛନ୍ତି। ଇମ୍ରାନ୍‌ଙ୍କୁ ଉନ୍ନତ କାରାଗାର ସୁବିଧା ଯୋଗାଇଦେବାକୁ ସେ ପଞ୍ଜାବ ପ୍ରଦେଶ ଗୃହ ସଚିବଙ୍କୁ ପତ୍ର ଲେଖିଛନ୍ତି। ଆଟୋକ ଜେଲରୁ ତାଙ୍କୁ ରାୱଲପିଣ୍ଡିର ଆଡିଆଲା ଜେଲକୁ ସ୍ଥାନାନ୍ତର କରିବାକୁ ବିଶ୍ରା ନିବେଦନ କରିଛନ୍ତି। କିଛିଦିନ ପୂର୍ବରୁ ବିଶ୍ରା ଜେଲରେ ଇମ୍ରାନଙ୍କୁ ଭେଟିଥିଲେ। ତାଙ୍କୁ ତୃତୀୟ ଶ୍ରେଣୀ ଜେଲ୍ ସୁବିଧା ଦିଆଯାଉଥିବାରୁ ବିଶ୍ରା ଦୁଃଖପ୍ରକାଶ କରିଥିଲେ। ତୋଷାଖାନା ଦୁର୍ନୀତି ମାମଲାରେ ଅଗଷ୍ଟ ୫ରେ ଇସ୍‌ଲାମାବାଦର ଏକ ଅଦାଲତ ୭୦ ବର୍ଷୀୟ ଇମ୍ରାନ୍‌ଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ଶୁଣାଇବା ପରେ ତାଙ୍କୁ ଲାହୋର ଘରୁ ଗିରଫ କରାଯାଇ ଜେଲ ପଠାଇଦିଆଯାଇଥିଲା।

# ପାକିସ୍ତାନ ସାଧାରଣ ନିର୍ବାଚନ ବିଳମ୍ବ ହେବ

### ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣ ପାଇଁ ଇସିପିର ନିଷ୍ପତ୍ତି

ଇସ୍‌ଲାମାବାଦ, ୧୯।୮

ପାକିସ୍ତାନ ନ୍ୟାଶନାଲ ଆସେମ୍ବ୍ଲି ଭଙ୍ଗ ହେବାର ୯୦ ଦିନ ମଧ୍ୟରେ ସାଧାରଣ ନିର୍ବାଚନ କରାଇବାର ନିୟମ ରହିଥିଲାବେଳେ ଏହା ବିଳମ୍ବିତ ହେବ। କାରଣ ପାକିସ୍ତାନ ଇଲେକ୍ସନ କମିଶନ (ଇସିପି) ନିର୍ବାଚନମଣ୍ଡଳୀଗୁଡ଼ିକର ସୀମା ପୁନଃ ନିର୍ଦ୍ଧାରଣ ଲାଗି ନିଷ୍ପତ୍ତି ନେଇଛନ୍ତି। ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ କରା ନ ଗଲେ ପାର୍ଲାମେଣ୍ଟରେ ଭୋଟରମାନଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ମିଳିବ ନାହିଁ ବୋଲି ଇସିପି ପକ୍ଷରୁ କୁହାଯାଇଛି। ଗତ ୯ ତାରିଖରେ ନ୍ୟାଶନାଲ ଆସେମ୍ବ୍ଲି ଭଙ୍ଗ ହୋଇଥିଲା। ତେଣୁ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ନଭେମ୍ବର ୯ ସୁଦ୍ଧା ସାଧାରଣ ନିର୍ବାଚନ କରାଯିବା କଥା। ସେହିପରି ସୀମା ନିର୍ଦ୍ଧାରଣ ମଧ୍ୟ ନିର୍ବାଚନ କମିଶନଙ୍କ ଆଉ ଏକ ଦାୟିତ୍ୱ। ଦେଶବ୍ୟାପୀ ଜନଗଣନା ଫଳାଫଳ ପରେ ସୀମା ପୁନଃନିର୍ଦ୍ଧାରଣ କରାଯାଇଥାଏ। ସପ୍ତମ ଜନଗଣନା ଗତ ମାର୍ଚ୍ଚ ଓ ଏପ୍ରିଲରେ ହୋଇଥିବାବେଳେ ପୂର୍ବ ସରକାର ଯିବାର ଦିନକୁକ ପୂର୍ବରୁ ଏହାର ଫଳାଫଳକୁ ଅନୁମୋଦନ କରିଥିଲେ। ନିର୍ବାଚନ କମିଶନ ଏକସଙ୍ଗେ ଦୁଇଟି ସାମ୍ବିଧାନିକ ଦାୟିତ୍ୱ ତୁଲାଇ ପାରିବେ ନାହିଁ। ଗୋଟିଏ ପାଇଁ ଅନ୍ୟଟିର ଉଲ୍ଲଂଘନ କରିବାକୁ ପଡ଼ିବ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି।



ଉତ୍ତରାଖଣ୍ଡର ଜୋଶୀମଠ ଅନ୍ତର୍ଗତ ଯୋଗୀଧରାଠାରେ ଭୂସ୍ଖଳନ ଯୋଗୁ ଜାତୀୟ ରାଜପଥ ଅବରୋଧ ହୋଇଛି।

# ମୁସେୱାଲା ହତ୍ୟା ଯୋଜନା ଯୁପିରୁ ହୋଇଥିଲା

### ପାକିସ୍ତାନରୁ ଆସିଥିଲା ଅସ୍ତ୍ର



ସିଦ୍ଧୁ ମୁସେୱାଲା

ଲକ୍ଷ୍ନୌ,୧୯।୮

ପଞ୍ଜାବୀ ଗାୟକ ତଥା ରାପର ସିଦ୍ଧୁ ମୁସେୱାଲାଙ୍କୁ ଗତବର୍ଷ ମେ'ରେ ଗୁଳିକରି ହତ୍ୟା କରାଯାଇଥିଲା। ଉତ୍ତରପ୍ରଦେଶରୁ ହତ୍ୟା ଯୋଜନା ହୋଇଥିଲା ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ହତ୍ୟାକାଣ୍ଡରେ ସମ୍ପୃକ୍ତ ବିଷ୍ଣୋଇ ଗ୍ୟାଙ୍ଗ୍‌ର ଅନେକ ସଦସ୍ୟ ଅଯୋଧ୍ୟା ଏବଂ ଲକ୍ଷ୍ନୌରେ ଅବାଧରେ ବୁଲୁଥିବା ତଦନ୍ତର ନୂଆ ଫଟୋରୁ ଜଣାପଡ଼ିଛି। ପ୍ରକୃତରେ ଏକ ବଡ଼ ଦୁର୍ନୀତିରେ ସମ୍ପୃକ୍ତ ଉତ୍ତରପ୍ରଦେଶର ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ଟାର୍ଗେଟ କରିବା ଲାଗି ବିଷ୍ଣୋଇ ଗ୍ୟାଙ୍ଗ୍‌କୁ ଦାୟିତ୍ୱ ଦିଆଯାଇଥିଲା। ଉକ୍ତ ଯୋଜନାରେ ସେମାନେ ବିଫଳ ହେବା ପରେ ଲୋକପ୍ରିୟ ଗାୟକଙ୍କୁ ହତ୍ୟା କରିଥିଲେ ବୋଲି ଉକ୍ତ ସୂତ୍ରରୁ କୁହାଯାଇଛି। ମୁସେୱାଲାଙ୍କ ହତ୍ୟା ପୂର୍ବରୁ ନିଆଯାଇଥିବା ଫଟୋ ନିକଟରେ ପ୍ରକାଶ ପାଇଛି। ସେଥିରେ ବିଷ୍ଣୋଇ ଗ୍ୟାଙ୍ଗର ଶାର୍ପ ଶୁଟର ସଚିନ ବିଷ୍ଣୋଇ, କପିଳ ପଣ୍ଡିତ ଥିବା ଦେଖିବାକୁ ମିଳିଛି। ସଚିନଙ୍କୁ ଚଳିତ ମାସ ଆରମ୍ଭରେ ଆଜରବୈଜାନରୁ ପ୍ରତ୍ୟର୍ପଣରେ ଅଣାଯିବା ପରେ ପୋଲିସ ୧୦ ଦିନିଆ ରିମାଣ୍ଡରେ ନେଇଛି। ହତ୍ୟାକାଣ୍ଡରେ ବିଦେଶୀ ଅସ୍ତ୍ର ବ୍ୟବହାର କରାଯାଇଥିଲା। ଏଥିପାଇଁ ଅତ୍ୟାଧୁନିକ ପିସ୍ତଲ ସ୍ୱତନ୍ତ୍ର ଭାବେ ପାକିସ୍ତାନରୁ ଆମଦାନୀ ହୋଇଥିଲା। ମୁସେୱାଲାଙ୍କ ହତ୍ୟାରେ ବ୍ୟବହୃତ ଅସ୍ତ୍ରରେ ୧୦୦ ରାଉଣ୍ଡରୁ ଉର୍ଦ୍ଧ୍ୱ ଗୁଳି କରାଯାଇଥିଲା।

## ରତନ ଟାଟାଙ୍କୁ 'ଉଦ୍ୟୋଗ ରତ୍ନ' ସମ୍ମାନ

ମୁମ୍ବାଇ,୧୯।୮

ଶିଳ୍ପୋଦ୍ୟୋଗୀ ତଥା ଟାଟା ସନ୍ସର ଅଧ୍ୟକ୍ଷ ରତନ ଟାଟାଙ୍କୁ ମହାରାଷ୍ଟ୍ର ସରକାର ଶନିବାର ପ୍ରଥମ 'ଉଦ୍ୟୋଗ ରତ୍ନ' ସମ୍ମାନ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍, ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ପ୍ରମୁଖ ୮୫ ବର୍ଷୀୟ ରତନଙ୍କୁ ଦକ୍ଷିଣ ମୁମ୍ବାଇର କୋଲାବାଠାରେ ଥିବା ତାଙ୍କ ବାସଭବନରେ ପହଞ୍ଚି ଏହି ସମ୍ମାନ ପ୍ରଦାନ କରିଥିଲେ। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ଶିନ୍ଦେ କହିଛନ୍ତି, ରତନଙ୍କୁ 'ଉଦ୍ୟୋଗ ରତ୍ନ' ଦିଆଯିବା ପରେ



ବର୍ତ୍ତମାନ ଏହି ପୁରସ୍କାରର ମାନ ବଢ଼ିଯାଇଛି। ଦେଶର ବିଭିନ୍ନ ଶିଳ୍ପ କ୍ଷେତ୍ର ପାଇଁ ଟାଟା ଗ୍ରୁପ୍‌ର ଯେଉଁ ଅବଦାନ ରହିଛି ତାହା ଅତୁଳନୀୟ ବୋଲି ସେ କହିଛନ୍ତି।

# ଗୁଜରାଟ ହାଇକୋର୍ଟଙ୍କ ନିଷ୍ପତ୍ତିରେ ସୁପ୍ରିମକୋର୍ଟ ଅସନ୍ତୁଷ୍ଟ

### ବଳାତ୍କାର ପୀଡ଼ିତାଙ୍କ ଗର୍ଭପାତ ଆବେଦନ ସ୍ଥଗିତ

ନୂଆଦିଲ୍ଲୀ, ୧୯।୮(ପି.ଟି.)

୨୬ ସପ୍ତାହର ଗର୍ଭ ନଷ୍ଟ କରିବା ପାଇଁ ଜଣେ ବଳାତ୍କାର ପୀଡ଼ିତାଙ୍କ ନିବେଦନ ଉପରେ ଗୁଜରାଟ ହାଇକୋର୍ଟ ନିଷ୍ପତ୍ତି ନେବାରେ ବିଳମ୍ବ କରୁଥିବାରୁ ସୁପ୍ରିମକୋର୍ଟ ଶନିବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମାମଲା ପକାଇ ରଖିବା ଦ୍ୱାରା ମୂଲ୍ୟମାନ ସମୟ ନଷ୍ଟ ହେଲା ବୋଲି ଜଷ୍ଟିସ ବି.ଭି. ନାଗରତ୍ନା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି। ମାମଲାର ଗୁରୁତ୍ୱ ଦୃଷ୍ଟିରୁ ଖଣ୍ଡପୀଠ ଶନିବାର ଏହାର ସ୍ୱତନ୍ତ୍ର ଶୁଣାଣି କରିଥିଲେ। ପରବର୍ତ୍ତୀ ଶୁଣାଣି ସୋମବାରକୁ ଧାର୍ଯ୍ୟ କରାଯାଇଛି। ମହିଳାଙ୍କ ଆବେଦନ ଉପରେ ଖଣ୍ଡପୀଠ ଗୁଜରାଟ ସରକାର



ଓ ଅନ୍ୟମାନଙ୍କୁ ଜବାବ ମାଗିଛନ୍ତି। ଶୁଣାଣି ବେଳେ ପୀଡ଼ିତାଙ୍କ ଓକିଲ କହିଥିଲେ, ଗର୍ଭପାତ ପାଇଁ ସେ ଅଗଷ୍ଟ ୭ରେ ଗୁଜରାଟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୮ ତାରିଖରେ ଏହାର ଶୁଣାଣି ବେଳେ କୋର୍ଟ ଗର୍ଭାବସ୍ଥାର ସ୍ଥିତି ଏବଂ ଆବେଦନକାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ନିଶ୍ଚିତ ହେବା ଲାଗି ଏକ ଡାକ୍ତରୀ ବୋର୍ଡ ଗଠନ ଲାଗି ନିର୍ଦ୍ଦେଶ ଦେଇଥିଲେ। ୧୦ ତାରିଖରେ ମେଡିକାଲ କଲେଜ ରିପୋର୍ଟ ଉପସ୍ଥାପନ କରିଥିଲା। ତେବେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଇ ହାଇକୋର୍ଟ ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୩କୁ ଧାର୍ଯ୍ୟ କରିଥିଲେ। ଅଥଚ ଅଗଷ୍ଟ ୧୭ରେ ପିଟିଶନକୁ ଖାରଜ କରାଯାଇଥିବା ମାମଲା ଷ୍ଟାଟସ୍‌ରୁ ଜଣାପଡ଼ିଛି ବୋଲି ପୀଡ଼ିତାଙ୍କ ଓକିଲ କହିଛନ୍ତି। ତେବେ ଖାରଜ ହେବାର କାରଣ ସମ୍ପର୍କରେ ହାଇକୋର୍ଟ ୱେବ୍‌ସାଇଟ୍‌ରେ କିଛି ଉଲ୍ଲେଖ ନାହିଁ।

# ୱାଶିଂଟନକୁ ବ୍ୟାପିଲା ବନାଗ୍ନି

### ବହୁ ଘର ଜଳିଗଲାଣି, ହଜାର ହଜାର ଲୋକ ବିସ୍ଥାପିତ

ସ୍ପୋକାନେ, ୧୯।୮

ଦ୍ରୁତ ବେଗରେ ବ୍ୟାପୁଥିବା ଜଙ୍ଗଲ ନିଆଁରେ ୱାଶିଂଟନ ରାଜ୍ୟର ବହୁ ଘର ଜଳିଗଲାଣି। ଗ୍ରାମାଞ୍ଚଳରୁ ହଜାର ହଜାର ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଆମେରିକାରେ ଏହା ସବୁଠୁ ବଡ଼ ବନାଗ୍ନି ବୋଲି କୁହାଯାଉଛି। ତଥାକଥିତ ଗ୍ରେ ଫାୟାର ୱାଶିଂଟନ ପୂର୍ବ ଭାଗରେ ଥିବା ସ୍ପୋକାନେରେ ପହଞ୍ଚିବା ପରେ ୧୨ ବର୍ଗ କିଲୋମିଟର ଅଞ୍ଚଳ ଜଳିଗଲାଣି। ପବନର ଘଣ୍ଟାପ୍ରତି ବେଗ ୫୬



କିଲୋମିଟର ଥିବାରୁ ନିଆଁ ଦ୍ରୁତ ଗତିରେ ବ୍ୟାପୁଥିବା ୱାଶିଂଟନ ଷ୍ଟେଟ୍ ଡିପାର୍ଟମେଣ୍ଟ ପକ୍ଷରୁ କୁହାଯାଇଛି। ମେଡିକାଲ ଲେକ୍ ଅଞ୍ଚଳର କେତେକ ଘର ଜଳିଯିବା ପରେ ସେଠାରେ ରହୁଥିବା ୪,୮୦୦ ଲୋକଙ୍କୁ ତୁରନ୍ତ ଘର ଛାଡ଼ି ଚାଲିଯିବା ପାଇଁ କୁହାଯାଇଛି। ଉଦ୍ଧାର କାର୍ଯ୍ୟରେ ସହାୟତା ଲାଗି ସେନାକୁ ଡକାଯାଇଛି।

# କେରଳରେ ଆଫ୍ରିକୀୟ ସ୍ୱାଇନ୍ ଫ୍ଲୁ

 କନ୍ନୁର,୧୯।୮

କେରଳର ଉତ୍ତର ଅଞ୍ଚଳରେ ଥିବା କାନିଚର ଗାଁରେ ଆଫ୍ରିକୀୟ ସ୍ୱାଇନ୍ ଫ୍ଲୁ ବ୍ୟାପିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳରେ ଘୁଷୁରି ମାରିବା ଅଭିଯାନ ଚଳାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମଲୟମପାଡ଼ିରେ ଥିବା ଏକ ଘୁଷୁରି ଫାର୍ମରୁ ଏହି ଫ୍ଲୁ ବ୍ୟାପୁଥିବା ନେଇ ଜିଲା ପଶୁ ଚିକିତ୍ସା ଅଧିକାରୀ ଶୁକ୍ରବାର ନିର୍ଦ୍ଧାରଣ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଜିଲା ଅଧିକାରୀମାନେ ମଲୟମପାଡ଼ି ଘୁଷୁରି ଫାର୍ମଠାରୁ ୧୦ କି.ମି. ଅଞ୍ଚଳରେ ଘୁଷୁରି ମରା ଅଭିଯାନ ଚଳାଇବାକୁ



ନିର୍ଦ୍ଦେଶ ଦେଇଛନ୍ତି। ରୋଗ ଚିହ୍ନଟ ହୋଇଥିବା ଘୁଷୁରି ଫାର୍ମଠାରୁ ୧ କି.ମି. ପର୍ଯ୍ୟନ୍ତ ଅଞ୍ଚଳକୁ ସଂକ୍ରମିତ ଅଞ୍ଚଳଭାବେ ଘୋଷଣା କରାଯାଇଥିବାବେଳେ ୧୦ କି.ମି ବ୍ୟାସାର୍ଦ୍ଧ ଅଞ୍ଚଳକୁ ରୋଗ ନିରୀକ୍ଷଣ କ୍ଷେତ୍ର ବୋଲି ଘୋଷଣା କରାଯାଇଛି। ସେହିପରି ଏହି ଅଞ୍ଚଳରେ ଘୁଷୁରି ମାଂସ ବିକ୍ରି ଏବଂ ଘୁଷୁରି ପରିବହନ ଉପରେ ୩ ମାସ ଲାଗି ନିଷେଧାଦେଶ ଜାରି କରାଯାଇଛି। ଗତ ଦୁଇ ମାସ ମଧ୍ୟରେ ସଂକ୍ରମିତ

### ସମୂହ ଘୁଷୁରି ମରା ଅଭିଯାନ ପାଇଁ ନିର୍ଦ୍ଦେଶ

ଫାର୍ମରୁ ଘୁଷୁରିଗୁଡ଼ିକୁ ଅନ୍ୟ କେଉଁ ଫାର୍ମକୁ ନିଆଯାଇଛି ସେନେଇ ରିପୋର୍ଟ ଦେବାକୁ ଜିଲାପାଳ ସ୍ଥାନୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ପଞ୍ଚାୟତ ଅଞ୍ଚଳରେ ଏହି ଫ୍ଲୁର ନୂଆ ସଂକ୍ରମିତ ମାମଲା ଜଣାପଡ଼େ ତେବେ ତୁରନ୍ତ ଜିଲା ବିପର୍ଯ୍ୟୟ ଅଧିକାରୀଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ ଏହି ସଂକ୍ରମଣ ଯେପରି ଅନ୍ୟ ଅଞ୍ଚଳକୁ ନ ବ୍ୟାପେ ସେଥିପ୍ରତି ଦୃଷ୍ଟିଦେବାକୁ ସ୍ଥାନୀୟ ପଶୁ ଚିକିତ୍ସା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ୧୦ମ ଶ୍ରେଣୀ ଛାତ୍ରଙ୍କ ଆକସ୍ମିକ ମୃତ୍ୟୁ

ରାଜଗାଙ୍ଗପୁର, ୧୯।୮ (ଅଶୋକ ପାଣି)


ଏମ୍.ଡି ମହଡିସ ନୌସାଦ

ରାଜଗାଙ୍ଗପୁର ଲିପଲୋଇସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶନିବାର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ୱାର୍ଡ ନଂ. ୨ ରବାନି ଛକ ନିକଟରେ ରହୁଥିବା ଏମ୍ ଡି ନୌସାଦ ଅଲ୍ଲୀଙ୍କ ପୁଅ ଏମ୍. ଡି ମହଡିସ ନୌସାଦ(୧୫)। ସେ ୧୦ମ ଶ୍ରେଣୀର ଛାତ୍ର। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ (ସନ୍ଧ୍ୟା ୭ଟା) ଥାନାରେ ପରିବାର ଲୋକେ କୌଣସି ମାମଲା ରୁଜୁ କରି ନାହାନ୍ତି।

ସୂଚନାଯୋଗ୍ୟ, ଶନିବାର ସକାଳ ୮ଟାରେ ଛାତ୍ରୀଛାତ୍ରମାନେ ଯୋଗ କରିବାକୁ ପଡ଼ିଆରେ ଏକାଠି ହୋଇଥିଲେ। ହଠାତ୍ ମହଡିସ ତଳେ ପଡ଼ିଯାଇଥିଲେ। ଅଧ୍ୟକ୍ଷ ଦୀନବନ୍ଧୁ ସେନାପତି, ଉପାଧ୍ୟକ୍ଷ ରଘୁନାଥ ସାମନ୍ତରା ଛାତ୍ରଙ୍କୁ ପ୍ରଥମେ ରାଜଗାଙ୍ଗପୁର ଶାନ୍ତି ସେବା ସଦନ ଚିକିତ୍ସାଳୟକୁ ନେଇଥିଲେ। ଏନେଇ ସ୍କୁଲ କର୍ତ୍ତୃପକ୍ଷ ଛାତ୍ରଙ୍କ ଅଭିଭାବକଙ୍କୁ ଖବର ଦେଇଥିଲେ। ସେମାନେ ପହଞ୍ଚିବା ପରେ ମହଡିସଙ୍କୁ ରାଉରକେଲା ଜୟପ୍ରକାଶ ମେଡିକାଲକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ ଯେ, ମୃତ ଛାତ୍ର ଜଣକ ମେଧାବୀ ଥିଲେ ଏବଂ ସେ ସଂପୂର୍ଣ୍ଣ ସୁସ୍ଥ ଥିଲେ। ପୋଲିସର ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡ଼ିବ।

# ଜିଓ ଚୁକ୍ତିଭିତ୍ତିକ କ୍ଷେତ୍ର କର୍ମଚାରୀଙ୍କ ବିକ୍ଷୋଭ




ଭୁବନେଶ୍ୱର, ୧୯।୮ (ଅନୁରାଧା ମହାରଣା)

ଦେଶର ପ୍ରମୁଖ ମୋବାଇଲ୍ ଓ ଇଣ୍ଟରନେଟ୍ ସେବା ପ୍ରଦାନକାରୀ କମ୍ପାନୀ ଜିଓରେ ଏବେ କର୍ମଚାରୀ ଅଶାନ୍ତି ଦେଖାଦେଇଛି। ସ୍ଥାୟୀ ମାନ୍ୟତା ପ୍ରଦାନ ଦାବିରେ ଚୁକ୍ତିଭିତ୍ତିକ କ୍ଷେତ୍ର କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବା ସହ ଶନିବାର ଭୁବନେଶ୍ୱର ଗାନ୍ଧୀମାର୍ଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆନ୍ଦୋଳନରତ କର୍ମଚାରୀଙ୍କ ଅଭିଯୋଗ ହେଲା, ଦକ୍ଷ କର୍ମଚାରୀଙ୍କ ପାଇଁ ଜିଓ ଏବେ ଏକ ବୃହତ୍ କମ୍ପାନୀରେ ପରିଣତ ହୋଇଛି। ହେଲେ କମ୍ପାନୀ କର୍ତ୍ତୃପକ୍ଷ କର୍ମଚାରୀଙ୍କୁ ଅଣଦେଖା କରି ଚାଲିଛନ୍ତି। ବର୍ତ୍ତମାନ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଦରଦାମ ଆକାଶଛୁଆଁ ହେଉଥିବାବେଳେ କମ୍ପାନୀ କର୍ମଚାରୀଙ୍କୁ ସ୍ୱଳ୍ପ ବେତନରେ କାମ କରାଉଛନ୍ତି। ଏପରିକି ଠିକ ସମୟରେ ଦରମା ନ ଦେବା, ଦରମା ବୃଦ୍ଧି ହେଲେ ବି ମାସ ପରେ ମାସ ଦରମା ନ ଦେବା, କାମ କରୁଥିବା ସମୟରେ ଦୁର୍ଘଟଣାର ଶିକାର ହେଲେ କ୍ଷତି ପୂରଣ ନ ଦେବା ବା ବୀମାଭୁକ୍ତ ନ କରିବା, ଅନେକ ସମୟରେ ୨୪ ଘଣ୍ଟା କାମ କରିବା ପାଇଁ ବାଧ କରିବା, ସପ୍ତାହରେ ଗୋଟିଏ ଦିନ ଛୁଟି ବ୍ୟବସ୍ଥା ନ କରିବା, ଅଧିକ କାମ କଲେ ଓଭର ଟାଇମ ଭତ୍ତାର ବ୍ୟବସ୍ଥା ନ କରିବା, ବାର୍ଷିକ ବେତନ ବୃଦ୍ଧି କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ରାଜ୍ୟର ସମସ୍ତ ଜିଲାରେ କାର୍ଯ୍ୟରତ ଜିଓ ଚୁକ୍ତିଭିତ୍ତିକ କ୍ଷେତ୍ର କର୍ମଚାରୀମାନେ ଉପଦେଷ୍ଟା ଡ. ପୂର୍ଣ୍ଣ ଚନ୍ଦ୍ର ବେହେରା, ଅଶୋକ କୁମାର ସାହୁ ଏବଂ ନିରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ଏକ ପ୍ରତିନିଧି ଦଳ ଫର୍ଚ୍ୟୁନ ଟାୱାରସ୍ଥିତ ଜିଓର ଓଡ଼ିଶା ମୁଖ୍ୟ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଥିଲେ। ତୁରନ୍ତ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ଚେତାବନୀ ଦିଆଯାଇଛି।

# ଶୀର୍ଷ ମାଓବାଦୀ ନେତା ରାଜୁଙ୍କ ମୃତ୍ୟୁ

ମାଲକାନଗିରି, ୧୯।୮ (ଦୁର୍ଯ୍ୟୋଧନ ପାତ୍ର)


ମୃତ ରାମଚନ୍ଦ୍ର

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବସ୍ତର ଜିଲାରେ ରହି ମାଓବାଦୀ ସଂଗଠନର ନେତୃତ୍ୱ ନେଇଥିବା ଶୀର୍ଷ ମାଓବାଦୀ ନେତା ରାମଚନ୍ଦ୍ର ରେଡ୍ଡୀ ଓରଫ ରାଜୁଙ୍କ ମୃତ୍ୟୁକୁ ନେଇ ମାଓବାଦୀ ସଂଗଠନରେ ଶୋକର ଛାୟା ଖେଳିଯାଇଛି। ଗତ କିଛିମାସ ଧରି ସେ ରୋଗରେ ଆକ୍ରାନ୍ତ ହୋଇ ମାଓବାଦୀ ମେଡିକାଲ କ୍ୟାମ୍ପରେ ଚିକିତ୍ସିତ ହେଉଥିଲେ। ତାଙ୍କୁ ଅଧିକ ଚିକିତ୍ସା ପାଇଁ ଡାକ୍ତରଖାନା ନେବା ସଂଗଠନ ପକ୍ଷରୁ ସମ୍ଭବ ହୋଇ ନ ଥିଲା। କାରଣ ରାଜୁଙ୍କ ନାମରେ ରାଜ୍ୟ ସରକାର ୧ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ଯେକୌଣସି ମୁହୂର୍ତ୍ତରେ ପୋଲିସ ଦ୍ୱାରା ସେ ଗିରଫ ହେବାର ଆଶଙ୍କା ଥିଲା। ତେବେ ଗତ ଦୁଇଦିନ ଧରି ତାଙ୍କ ଅବସ୍ଥା ଗୁରୁତର ହେବାରୁ ଔଷଧ ଆଣିବା କିମ୍ବା ଅନ୍ୟ କୌଣସି ଅଧିକ ଚିକିତ୍ସା ପାଇଁ ପ୍ରବଳ ବର୍ଷା ବାଧକ ସାଜିଥିଲା। ଫଳରେ ବସ୍ତରର ଏକ ଜଙ୍ଗଲ ମଧ୍ୟରେ ତାଙ୍କୁ ରଖାଯାଇଥିଲା। ସେଠାରେ ଶନିବାର ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଖବରରୁ ଜଣାପଡ଼ିଛି। ପରେ ଶତାଧିକ ମହିଳା ପୁରୁଷ ମାଓବାଦୀ ଜଙ୍ଗଲରେ ଥିବା ରାଜୁଙ୍କ ମୃତଦେହ ନିକଟରେ ଭାବବିହ୍ୱଳ ହୋଇ କାନ୍ଦୁଥିବା ଏକ ଭିଡିଓରୁ ଜଣାପଡ଼ିଛି। ତେବେ ରାଜୁଙ୍କ ମୃତ୍ୟୁ ପରେ ମାଓବାଦୀ ସଂଗଠନକୁ ଏକ ବଡ଼ ଝଟକା ଲାଗିଛି।

# ବାରଣ୍ଡାରେ ରୋଗୀ ସେବା

**ପିଆର୍ଏମ୍ ମେଡିକାଲରେ ନିଆଁ ଘଟଣା**

**୩ ଦିନ ମଧ୍ୟରେ ପରିସ୍ଥିତି ସ୍ୱାଭାବିକ କରିବାକୁ ନିର୍ଦ୍ଦେଶ**

ବାରିପଦା, ୧୯।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)


ବାରଣ୍ଡାରେ ଶୋଇ ଚିକିତ୍ସିତ ହେଉଥିବା ରୋଗୀ ଓ ସମ୍ପର୍କୀୟ।

ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ (ପିଆର୍ଏମ୍) ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରସୂତି ଓ ଶିଶୁ ବିଭାଗରେ ଅଗ୍ନିକାଣ୍ଡ ପରେ ରୋଗୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶନିବାର ଡାକ୍ତରଖାନା ବାରଣ୍ଡାରେ ରୋଗୀଙ୍କୁ ଚିକିତ୍ସା କରାଯାଉଥିବା ଦେଖିବାକୁ ମିଳିଛି। ପରିସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି। ଅପରେଶନ ଥିଏଟର ଓ ୱାର୍ଡକୁ ବିଶୋଧନ ପୂର୍ବକ ସଫା କରାଯାଉଛି। ଯୁଦ୍ଧକାଳୀନ ଭିତ୍ତିରେ ଅପରେଶନ ଥିଏଟରକୁ ପୁନଃ କାର୍ଯ୍ୟକ୍ଷମ ସହ ୩ ଦିନ ମଧ୍ୟରେ ପରିସ୍ଥିତି ସ୍ୱାଭାବିକ କରି ଅସ୍ତ୍ରୋପଚାର ଆରମ୍ଭ କରିବାକୁ ଜିଲାପାଳ ବିନୀତ ଭରଦ୍ୱାଜ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ସିଡିଏମ୍ଓ ଡା. ଜ୍ଞାନେନ୍ଦ୍ର ମହାନ୍ତି କହିଛନ୍ତି, ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କର୍ମଚାରୀଙ୍କ ସହ ଆଲୋଚନା କରାଯାଉଛି। ଜରୁରିକାଳୀନ ସେବା ପାଇଁ ଅର୍ଥୋପେଡିକ ଅପରେଶନ ଥିଏଟରକୁ ବ୍ୟବହାର କରାଯାଉଥିବା ବେଳେ ପ୍ରସୂତିଙ୍କ ନିମନ୍ତେ ଏକ ଲେବରରୁମ୍ ବ୍ୟବସ୍ଥା କରାଯାଇଛି। ଖୁବ୍‌ଶୀଘ୍ର ଅପରେଶନ ଥିଏଟର ମରାମତି କାର୍ଯ୍ୟ କରାଯାଇ ପରିସ୍ଥିତିକୁ ସ୍ୱାଭାବିକ କରାଯିବ।

ଶର୍ଟସର୍କିଟ ଯୋଗୁ ଶହେ ଶଯ୍ୟା ବିଶିଷ୍ଟ ଡାକ୍ତରଖାନାର ୭ ମହଲା କୋଠାର ତୃତୀୟ ମହଲାରେ ଥିବା ଅପରେଶନ ଥିଏଟରରୁ ନିଆଁ ଲାଗିଥିଲା। ଏଥିରେ ପାଖାପାଖି କୋଟିଏ ଟଙ୍କାର ଆସବାବପତ୍ର, ମେଶିନ ଓ ଯନ୍ତ୍ରାଂଶ ପୋଡ଼ି ଛାରଖାର ହୋଇଯାଇଛି। ୨ଶହରୁ ଊର୍ଦ୍ଧ୍ୱ ଶିଶୁ ଓ ସର୍ଜରି ପ୍ରସୂତି ରୋଗୀ ଚିକିତ୍ସାଧୀନ ଥିବା ବେଳେ ନିଆଁ ଓ ଧୂଆଁ ଯୋଗୁ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ମେଡିକାଲ କର୍ମଚାରୀ ଉପସ୍ଥିତ ବୁଦ୍ଧି ଘଟାଇ ରୋଗୀମାନଙ୍କୁ ସୁରକ୍ଷିତ ସ୍ଥାନରେ ପହଞ୍ଚାଇବାରୁ ବଡ଼ ବିପଦ ଟଳିଯାଇଥିଲା। ଏଭଳି ସ୍ଥିତିରେ ୭ ମହଲା କୋଠାରେ ଥିବା ସମସ୍ତ ରୋଗୀକୁ ସ୍ଥାନାନ୍ତର କରାଯାଇଥିଲା। ଶିଶୁ ଓ ପ୍ରସୂତିଙ୍କୁ ଡାକ୍ତରଖାନା ବାରଣ୍ଡାରେ ଚିକିତ୍ସା କରାଯାଉଛି। ଗୁରୁତର ରୋଗୀମାନେ ଉପଯୁକ୍ତ ସେବାରୁ ବଞ୍ଚିତ ରହୁଥିବା ବେଳେ ରୋଗୀଙ୍କ ସମ୍ପର୍କୀୟ ଓ କର୍ମଚାରୀମାନେ ଚଳପ୍ରଚଳ କରିବାରେ ଅସୁବିଧା ପରିଲକ୍ଷିତ ହୋଇଛି। ପରିସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ବିଭାଗ ପକ୍ଷରୁ ୨୪ଘଣ୍ଟିଆ କାର୍ଯ୍ୟକ୍ରମ ଜାରି ରହିଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ପ୍ରତି ମହଲାକୁ ଯାଞ୍ଚ କରାଯାଉଥିବା ବେଳେ ଅପରେଶନ ଥିଏଟରକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରୟାସ ଜାରି ରହିଛି। ତେବେ ମୁଖ୍ୟାଳୟକୁ ଆସୁଥିବା ଜିଲା ତଥା ପଡ଼ୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ଲୋକମାନେ ଏଭଳି ଦୁର୍ଘଟଣା ଯୋଗୁ ଭୟଭୀତ ହୋଇପଡ଼ିଛନ୍ତି। ଆବଶ୍ୟକ ଶଯ୍ୟାଠାରୁ ବହୁଗୁଣାରେ ରୋଗୀ ଚିକିତ୍ସିତ ହେଉଥିବାରୁ ଡାକ୍ତର ଓ କର୍ମଚାରୀମାନେ ଠିକ୍ ଭାବେ ସେବା ଯୋଗାଇପାରୁନାହାନ୍ତି। ଖାଲି ପଡ଼ିଥିବା ଡାକ୍ତର ଓ କର୍ମଚାରୀ ପଦବୀ ପୂରଣ କରିବା ପାଇଁ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଦାବି କରିଛନ୍ତି।

# ୧୨ ଶିକ୍ଷୟିତ୍ରୀ ଶିକ୍ଷକ ଚାକିରିରୁ ବହିଷ୍କୃତ

**ମହଙ୍ଗା ପଡ଼ିଲା ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିବା**

**ଥାନାରେ ଦିଆଯିବ ଏତଲା: ଜିଲା ଶିକ୍ଷାଧିକାରୀ**

ରାୟଗଡ଼ା, ୧୯।୮ (ଆଶିଷ ରଞ୍ଜନ ପଣ୍ଡା)

ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିବା ମହଙ୍ଗା ପଡ଼ିଛି। ରାୟଗଡ଼ା ଜିଲା ଶିକ୍ଷା ବିଭାଗ ପକ୍ଷରୁ ୧୨ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶନିବାର ଚାକିରିରୁ ବହିଷ୍କୃତ କରାଯାଇଥିବା ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ସୂଚନା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣ ଜାଲ୍ ବି.ଏଡ୍. ସାର୍ଟିଫିକେଟ ଦେଇଥିବା ବେଳେ ଜଣେ ସି.ଟି., ଦୁଇ ଜଣ ଯୁକ୍ତ୨ ଓ ଜଣେ ଯୁକ୍ତ୩ ସାର୍ଟିଫିକେଟ ଦେଇ ଚାକିରି କରିଥିବା ତଦନ୍ତରୁ ଜଣାପଡ଼ିଛି। ଜାଲ୍ ବି.ଏଡ୍. ସାର୍ଟିଫିକେଟ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ହେଲେ ଚନ୍ଦ୍ରପୁର ବ୍ଲକର ଗଣେଶ ଚନ୍ଦ୍ର ବିଷୋୟୀ, ପାର୍ଥେନ୍ଦୁ ବାରିକ, କାଶୀପୁର ବ୍ଲକର ଲୋକନାଥ ମହାପାତ୍ର ଏବଂ ମୁନିଗୁଡା ବ୍ଲକର ସୁମିତ୍ରା ଡାକୁଆ, ଶ୍ରୀକାନ୍ତ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ଶବର, କୋଲନରା ବ୍ଲକର ହରେଶ କୁମାର ପଣ୍ଡୁ। ଜାଲ୍ ସି.ଟି. ସାର୍ଟିଫିକେଟ ଦେଇ କାଶୀପୁର ବ୍ଲକରେ ନିଯୁକ୍ତି ପାଇଥିବା ପଞ୍ଚାବ ମାଝିଙ୍କୁ ମଧ୍ୟ ଚାକିରିରୁ ବହିଷ୍କାର କରାଯାଇଛି। ଅନ୍ୟ ଜଣେ ରାଜ୍ୟ ବାହାର ବିଶ୍ୱବିଦ୍ୟାଳୟର ଜାଲ୍ ସାର୍ଟିଫିକେଟ ଦେଇ ଶିକ୍ଷା ସହାୟକ ଚାକିରି କରୁଥିବା ଜଣାପଡ଼ିଛି। କେବଳ ରାଜ୍ୟ ବାହାର ସାର୍ଟିଫିକେଟ ନୁହେଁ, ଓଡ଼ିଶା ବିଏସ୍ଇ ଏବଂ ସିଏଚ୍ଏସ୍ଇ ସାର୍ଟିଫିକେଟ ମଧ୍ୟ ଜାଲ୍ ବୋଲି ରିପୋର୍ଟ ହସ୍ତଗତ ହୋଇଛି। ସେହିପରି ରାୟଗଡ଼ା ବ୍ଲକର ଚନ୍ଦନ କୁମାର ବେହେରା ଜାଲ୍ ଯୁକ୍ତ ୩ ସାର୍ଟିଫିକେଟ ଦାଖଲ କରିଥିବା ବେଳେ କାଶୀପୁର ବ୍ଲକର ଶମ୍ଭୁ କହଁର ଓ ରଘୁନାଥ ବିଡିକା ଜାଲ୍ ଯୁକ୍ତ ୨ ସାର୍ଟିଫିକେଟ ଦାଖଲକରି ଚାକିରି ପାଇଥିଲେ। ଭୁବନେଶ୍ୱରସ୍ଥିତ ରାଜ୍ୟ ସରକାରଙ୍କ ସିଏଚ୍ଏସ୍ଇ ବୋର୍ଡ ପ୍ରଦତ୍ତ ଭଳି ଜାଲ୍ ସାର୍ଟିଫିକେଟ ଦେଇଥିବା ତଦନ୍ତରୁ ଜଣାପଡ଼ିଥିଲା। ଉପରୋକ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ପରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜିଲା ଶିକ୍ଷାଧିକାରୀ ତଥା ଶିକ୍ଷା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବରିହା କହିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କ ନାମରେ ମାମଲା ରୁଜୁ କରିବା ପାଇଁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଜଣାଇ ଦିଆଯିବ ବୋଲି ସେ କହିଛନ୍ତି। ଜିଲାରେ ପୂର୍ବରୁ କେତେଜଣ ଶିକ୍ଷୟିତ୍ରୀ ଶିକ୍ଷକ ଜାଲ୍ ସାର୍ଟିଫିକେଟ୍ ଦେଇ ଚାକିରିରୁ ବହିଷ୍କୃତ ହୋଇଥିବା ବେଳେ ଏବେ ଆଉ ୧୨ଜଣ ଧରା ପଡ଼ିଛନ୍ତି। ତେଣୁ ଏହି ଯାଞ୍ଚକୁ କଡ଼ାକଡ଼ି କରାଗଲେ ଆହୁରି ଅନେକ ଶିକ୍ଷୟିତ୍ରୀ ଶିକ୍ଷକ ଧରାପଡ଼ିବେ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ତେବେ ଜାଲ୍ ସାର୍ଟିଫିକେଟ ଦେଇ ଦୀର୍ଘ ବର୍ଷ ଧରି ଚାକିରି କରି ରାଜକୋଷ ଖାଲି କରିଥିବା ଏହି ନକଲି ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କଠାରୁ ରାଜ୍ୟ ସରକାର କେଉଁ ଆଧାରରେ ଟଙ୍କା ଫେରସ୍ତ ନେବେ ତାହା ଦେଖିବାକୁ ବାକିରହିଲା।

# ଆନ୍ଦୋଳନରୁ ଓହରିବେନି ଅଧ୍ୟାପିକା ଅଧ୍ୟାପକ

**ସରକାରୀ ଅନୁଦାନ ଦାବି**

ଭୁବନେଶ୍ୱର, ୧୯।୮ (ଅନୁରାଧା ମହାରଣା)

ଓଡ଼ିଶାର ସମସ୍ତ ବେସରକାରୀ ଅନୁଦାନ ଏବଂ ଅଣଅନୁଦାନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ତଥା ସଂସ୍କୃତ ଶିକ୍ଷାନୁଷ୍ଠାନଗୁଡ଼ିକର ପରିଚାଳନା କମିଟି ଦ୍ୱାରା ୨୦୦୮ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ପ୍ରାୟ ୧ ମାସ ଧରି ଗାନ୍ଧୀମାର୍ଗରେ ଅହୋରାତ୍ର ଧାରଣା ବସିଛନ୍ତି। ସରକାରୀ ଅନୁଦାନ ପ୍ରଦାନ ଏକମାତ୍ର ଦାବି ରହିଛି। ତେବେ ଶନିବାର ମହାସମାବେଶ କରାଯାଇ ସରକାରୀ ଅଣଦେଖାର ତୀବ୍ର ପ୍ରତିବାଦ କରାଯାଇଛି। ଏହାସତ୍ତ୍ୱେ ସରକାରୀସ୍ତରରୁ କୌଣସି ଆଲୋଚନା କିମ୍ବା ପଦକ୍ଷେପ ନିଆଯାଇ ନ ଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସରକାର ବାରମ୍ବାର ଦେଇ ଆସୁଥିବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହେଉଛି ବୋଲି ଆନ୍ଦୋଳନକାରୀ କହିଛନ୍ତି। ବାରମ୍ବାର ମନ୍ତ୍ରୀସ୍ତରୀୟ କମିଟି ବସିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ସଂଘ ଜୁଲାଇ ୧୮ରୁ ଗାନ୍ଧୀମାର୍ଗରେ ଏହି ଆନ୍ଦୋଳନ ଜାରି ରଖିଛି। ସରକାରୀ ଅନୁଦାନ ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ସଭାପତି ଡ. ଦେବବିଜୟ ମିଶ୍ର ସୂଚନା ଦେଇଛନ୍ତି।

# ୮ ଗୋରୁ ମୃତ, ୨ ଷଣ୍ଢ ଗୁରୁତର


ଆହତ ଗୋରୁଙ୍କୁ ଚିକିତ୍ସା କରାଯାଉଛି।

**ଗୋରୁପଲ ଉପରେ ଚଢ଼ିଗଲା ଟ୍ରକ୍**

ଯୋଡ଼ା, ୧୯।୮ (ମାନସ ମହାନ୍ତି)

କେନ୍ଦୁଝର ଜିଲା ୫୨୦ ନମ୍ବର ଜାତୀୟ ରାଜପଥର ଯୋଡ଼ା କାରଣସାହି ପେଟ୍ରୋଲ ପମ୍ପ ନିକଟରେ ରାସ୍ତାରେ ଶୋଇଥିବା ଗୋରୁପଲଙ୍କ ଉପରେ ଟ୍ରକ୍ ଚଢ଼ିଯିବାରୁ ଘଟଣାସ୍ଥଳରେ ୮ ଗୋରୁଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଷଣ୍ଢ ଗୁରୁତର ହୋଇଥିବା ଜଣାପଡ଼ିଛି। ମୃତ ଗୋରୁପଲରେ ୬ ଗାଈ ଓ ୨ ବାଛୁରୀ ରହିଛନ୍ତି। ଶନିବାର ଭୋର ସମୟରେ ଯୋଡ଼ାରୁ କେନ୍ଦୁଝର ଅଭିମୁଖେ ଯାଉଥିବା ଅଜଣା ଟ୍ରକ୍ ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଛି। ଯୋଡ଼ାର ନନ୍ଦୀ ଗୋସେବା ସଂଗଠନର କର୍ମକର୍ତ୍ତା ପହଞ୍ଚି ଗୁରୁତର ଷଣ୍ଢର ଚିକିତ୍ସା ଆରମ୍ଭ କରିଛନ୍ତି। ଯୋଡ଼ା ପୋଲିସ ମୃତ ଗୋରୁଙ୍କୁ ରାସ୍ତା ଉପରୁ ଉଠାଇବା ପାଇଁ ଉଦ୍ୟମ ଚଳାଇଛି।

ସୂଚନାଯୋଗ୍ୟ, ଦୁର୍ଘଟଣା ଘଟିଥିବା ସ୍ଥାନଟି ଜାତୀୟ ରାଜପଥରେ ହୋଇଥିଲେ ହେଁ ଏହାର ଦୋହରୀକରଣ ହୋଇନାହିଁ। ଏଣୁ ରାସ୍ତାଟି ସଙ୍କୁଚିତ ଥିବା ବେଳେ ଟ୍ରକ୍ ଚାଳକଙ୍କ ବେପରୁଆ ଚାଳନା ଯୋଗୁ ଦୁର୍ଘଟଣା ବୃଦ୍ଧି ପାଉଛି। ରଣାଶାଳ ଛକଠାରୁ କଳାପାହାଡ଼ ଛକ ପର୍ଯ୍ୟନ୍ତ ପ୍ରାୟ ଦେଢ଼ କି.ମି. ସଙ୍କୁଚିତ ରାସ୍ତାରେ ଦୁର୍ଘଟଣା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ବଡବିଲ ଆର୍‌ଟିଓଙ୍କ ଦ୍ୱାରା ଗତି ନିୟନ୍ତ୍ରକ ଗାଡ଼ି ନିୟୋଜିତ ହେଉଥିଲେ ହେଁ ଭଦ୍ରାସାହିରୁ ରଣାଶାଳ ଛକ ମଧ୍ୟରେ ଠିଆ କରାଯାଇ ଟ୍ରକ୍‌ଗୁଡ଼ିକର ଯାଞ୍ଚ ଆଳରେ ଜୋର୍ ଜବରଦସ୍ତ ଚାନ୍ଦା ଆଦାୟ କରାଯାଉଥିବା ଟ୍ରେଲର ଡ୍ରାଇଭର ସୁଖବୀର ଯାଦବ, ଧର୍ମେନ୍ଦ୍ର ଯାଦବ, ମହମ୍ମଦ ଇକବାଲ, ଗୁରୁଚରଣ ମୁଣ୍ଡା ପ୍ରମୁଖ ଅଭିଯୋଗ କରିଛନ୍ତି।


## DISTRICT CHILD PROTECTION UNIT, COLLECTORATE,BARGARH

Notice No.499 Date.18.08.2023

**NOMINATION FOR "NATIONAL AWARDS FOR BRAVERY FOR CHILDREN -2024**

**No.g-72:**Applications are invited for Pradhan Mantri Rasthriya Bal Puraskar (PMRBP) 2024 from meritorious children under different categories to felicitate them in recognition of their talent. Any child, who is an Indian Citizen and residing in India and not exceeding 18 years (as on the last date of receipt application/nomination) may apply for the award. The award are for visible achievements in the field of Sports, Social service, Science & Technology, Environment, Arts & Culture and Innovation which deserve recognition at the national level.

The applications for PMRBP are only to be sent through the online portal https://awards.gov.in. The child himself/herself can fill the form and submit or anyone on behalf of child can submit through online. The last date of receipt of online is 31.08.2023.Interested child or on behalf of child may apply through online for said award on or before last date.

**Sd./- Collector, Bargarh**
OIPR-33040/11/0003/2324

## OFFICE OF THE NOTIFIED AREA COUNCIL,BANPUR

Phone No.06756-253091, Email id:ulbnac.banpur@gmail.com
No.1795/ Dt.17.08.2023

**NOTICE INVITING TENDER (NIT)**

**No.C-1095:**BANPUR NAC invites online tender from experienced competent and eligible bidders in two envelope system for Conducting Drone Survey, Hydrographic Survey for "Rejuvenation of Water bodies" under Jurisdiction of Banpur NAC".

The details may be accessed and the NIT/Application forms can be downloaded from the website www.khordha.nic.in/ www.banpurnac.in.

The completed application as per the instructions in the NIT document, should reach the following address by Speed Post/ Registered Post/ Courier latest by 5 PM on 28.08.2023. BANPUR NAC reserves the sole right to accept or reject any or all proposals without assigning any reason thereof.

**Sd./- Executive Officer, Banpur NAC**
OIPR-13177/11/0012/2324

## OFFICE OF THE MUNICIPAL COUNCIL, BARBIL

No.C-1096:

**"e"-Procurement Notice**

**BID REFERENCE MUNICIPALITY (BBLM-5/2023-24)**
**TENDER CALL NOTICE NO.2924 DATE. 17.08.2023**

1. Name of the work:-**Civil construction works as mentioned in website**.
2. No. of work:- **3 (Three)**
3. Bid value:- **Rs.34,30,100/-to Rs.50,00,000/-**
4. Period of completion:-**60-90 days**
5. Period of availability of tenders online:- **From 10.00 A.M. of 21.08.2023 to 5.00 P.M. of 04.09.2023**
6. Last Date & time of bidding online:- **5.00 P.M. of 04.09.2023**
7. Date & time of opening of Technical Bid:-**11.00 A.M. of 05.09.2023**.
8. Name and address of the officer inviting bid:- **EXECUTIVE OFFICER, BARBIL MUNICIPALITY. Further details can be seen from the procurement portal:- www.tendersorissa.gov.in.**

OIPR-13108/11/0014/2324
**Sd.- Executive Officer Barbil Municipality**

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR

**1st Corrigendum Notice**

No. 1712 Dated: 18.08.2023

No. O-675: The 1st Corrigendum to the Bid Identification No. **BLGR-Online-14/2023-24,** the revised date and time are as follows:

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Bolangir | BLGR-Online - 14/2023-24 | 22.08.2023 at 11.00 A.M. | 29.08.2023 upto 5.00 P.M. | 28.08.2023 upto 5.00 P.M. | 31.08.2023 at 11.00 A.M. | Will be intimated separately |

**N.B.:** All other terms and conditions remain unchanged.
OIPR-25118/11/0023/2324 **Sd./- Chief Construction Engineer, R.W. Circle, Bolangir**

## CITY HEALTH SOCIETY, BHUBANESWAR
## National Health Mission, Odisha
**Dept. of Health & Family Welfare, Govt. Of Odisha**

**Walk-In-Interview**

**Adv No. 69/NUHM/2023, CPMU/BBSR** **Date: 16.08.2023**

No. E-338:- Walk in interview will be conducted as scheduled below for filling up the followings post under National Health Mission, City Health Society, Bhubaneswar for empanelment of contractual full time Medical Officer and Specialists at UPHCs/UCHCs & UHWCs under NUHM with monthly remuneration/daily incentive as noted against each.

| S. No | Name of the post | Remuneration/Daily session wise honorarium | Venue | Walk-In-Interview |
|---|---|---|---|---|
| 01 | Medical Officer at UPHCs /UHWCs | Base - Rs.64,324/-per month + P.I. @ 25% on base | Urban Primary Health Centre Unit-IX Conference Hall, Bhubaneswar | Date: 22.08.2023 Registration 10.30 to 11.30 AM Interview 11.30 AM onwards |
| 02 | Paediatric Specialist | Base - Rs.80,405/-per month + P.I. @ 25% on base | | |
| 03 | Medicine Specialist | Base - Rs. 80,405/-per month + P.I. @ 25% on base | | |
| 04 | O&G Specialist | Base - Rs. 80,405/-per month + P.I. @ 25% on base | | |

The above posts are purely temporary and co-terminus with the scheme. Interested candidates can log on to **www.bmc.gov.in** for details of vacancy, eligibility criteria, age, application form etc. Candidates fulfilling the eligibility criteria may appear for registration and walk-in interview on the date as mentioned above. Registration timing will be from 10.30 A.M to 11.00A.M only on Walk-in-Interview date. No application will be received after scheduled timing of registration. The authority reserves the right to cancel any or all application without assigning any reason thereof.

**Note:** Candidates who are already working in Health Department either on regular or on contractual basis, have to submit No Objection Certificate from concerned employer at the time of interview. Submission of application form without NOC which they will not be eligible for the post applied for.

OIPR-10207/11/0004/2324 **Sd./- ADU-PHO, Bhubaneswar**

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER ROURKELA IRRIGATION DIVISION, ROURKELA

email id:seridrkl@gmail.com

**e-PROCUREMENT NOTICE**

**BID IDENTIFICATION NO.SERID-RKL-04/2023-24, Dt.17.08.2023**

**No.A-453:**Bid documents consisting of work, Estimate cost, Cost of tender paper, EMD, Time of completion, Class of Contractor, the set of terms & conditions of contract and other necessary documents can be seen in e-procurement portal www.tenderorissa.gov.in complete online process only.

| | | | |
|---|---|---|---|
| 1. | Nature of Work | : | Civil Work & Electrical Work |
| 2. | Total Number of Works | : | 2 (Two) Nos. |
| 3. | Bid Identification No. | : | SERID-RKL-04/2023-24 (Online) |
| 4. | Estimated Cost | : | Rs.7.45 Lakhs to 8.56 Lakhs |
| 5. | Class of Contractor | : | Referred to DTCN |
| 6. | Cost of Tender Paper | : | Referred to DTCN |
| 7. | Earnest Money Deposit | : | Referred to DTCN |
| 8. | Period of Completion | : | Referred to DTCN |
| 9. | Date & Time of Availability of Bid documents in the portal | : | From dt.21.08.2023 at 10.00 AM to dt.31.08.2023 upto 5.00 PM |
| 10. | Last Date/Time for receipt of bids in the portal | : | Dt.31.08.2023 at 5.00 PM |
| 11. | Date and Time of Opening of Bids | : | Dt.01.09.2023 at 11.30 hours |
| 12. | Last date & time of seeking of clarification | : | Dt.28.08.2023 |
| 13. | Date of Lottery (in case of situation arise) | : | Dt.05.09.2023 at 11.30 hours |
| 14. | Place of Opening | : | Office of the Superintending Engineer, Rourkela Irrigation Division, Rourkela |
| 15. | Name and Address of the Officer Inviting Bid | : | Superintending Engineer, Rourkela Irrigation Division, Rourkela |

The bidders have to participate in ONLINE bidding only. As Goods & Service Tax (GST) has come into force with effective from 01.07.2017.Further details can be seen from the Govt. website **www.tendersorissa.gov.in.**

**Sd./- Superintending Engineer Rourkela Irrigation Division, Rourkela**
OIPR-32018/11/0006/2324

## GOVERNMENT OF ODISHA
## ODIA LANGUAGE, LITERATURE & CULTURE DEPARTMENT

**ADVERTISEMENT**

No. RR-27: Applications are invited from the eligible candidates with complete Bio-Data along with self attested photocopies of all Marksheets and Certificates relating to age and educational qualifications for empanelment of Guest Faculties in S.V. Govt. School of Art & Crafts, Jeypore, Koraput functioning under the Odia Language, Literature and Culture Department during the academic session 2023-24 in the subject mentioned below.

1. Instructor, Graphic Art (01)
2. Instructor, Oil Painting (01)
3. Craft Teacher (01)

**Qualification:** Bachelor's Degree in Fine Arts / Graphic Arts and Traditional Art & Crafts in the concerned subjects from any recognised Govt. Art College.

**Honorarium:** The Guest Faculties shall be paid honorarium @ Rs. 400/- per period subject to maximum ceiling of Rs.16,000/-per mensem.

**Terms and Conditions:** The engagement of the Guest Faculties is purely temporary and may be terminated at any time without giving any notice or assigning any reason thereof. Selection of the candidates by the Selection Committee is final and binding. The engagement will not confirm any right for regular appointment in future.

The date and time of interview will be notified in the Notice Board of S.V. Govt. School of Art & Crafts, Jeypore, Koraput and communicated to the candidates in their Mobile Nos./E-mail Ids. Accordingly, the applicants will have to attend the interview virtually in the office of the Instructor, S.V. Govt. School of Art & Crafts, Jeypore with their Original Certificates, Mark Sheets and latest Character Certificate from any Gazetted Officer. No T.A./ D.A. will be paid for attending the interview.

Applications in the following proforma complete in all respect should reach the Office of the Instructor, S.V. Govt. School of Art & Crafts, Jeypore, Dist. Koraput, PIN-764001 **on or before 31.08.2023 by Speed Post/ Registered Post** only. The applicants will have to superscribe **"Application for the post of Instructor, Graphic Arts/ Oil Painting/ Crafts Teacher"** on the top of the envelope. It is to be noted that no application will be received after the last date of submission and the Institution will not be held responsible for any postal delay.

For further details, the candidates may contact the Instructor, S.V. Govt. School of Art & Crafts, Jeypore, Koraput on **Mobile No. 9078994830/ 9438221159**.

The undersigned reserves the right to cancel any or all applications without assigning any reason thereof.

OIPR-03029/11/0016/2324 **Director, OLL & Culture**

## ଏ ସପ୍ତାହର ପ୍ରଶ୍ନ

୧– ପୁଲି ବେଜ୍ ଅଭୟାରଣ୍ୟ............ରାଜ୍ୟରେ ଅବସ୍ଥିତ ?
୨– କିରାତାର୍ଜ୍ଜୁନୀୟ ପୁସ୍ତକର ଲେଖକ.......... ?
୩– ଝିଝିଆ ନୃତ୍ୟ ଶୈଳୀ ଉତ୍ପତ୍ତି........... ରାଜ୍ୟରେ ହୋଇଥିଲା ?
୪– ସ୍ୱାଧୀନ ଭାରତର ପ୍ରଥମ ଆଇନମନ୍ତ୍ରୀ ............ ?
୫– ୟୁଏନ୍ ଜେନେରାଲ୍ ଆସେମ୍ବ୍ଲିର ପ୍ରେସିଡେଣ୍ଟ ଭାବେ ଯୋଗ ଦେଇଥିବା ପ୍ରଥମ ଭାରତୀୟ ............ ?

## ଗତ ଥରର ଉତ୍ତର

୧ କଙ୍ଗୋ
୨ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ
୩ ଫୁଟ୍‌ବଲ୍
୪ ସ୍ୱିଜରଲାଣ୍ଡ
୫ ଇରାକୀ ଦିନାର

## ଉତ୍ତରଦାତା


କିଶୋର ପାଣି, ଭୁବନେଶ୍ୱର


ଦିବ୍ୟାଂଶୁ ସାହୁ, ନୟାଗଡ଼

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ବଡ଼ ଉତ୍ସବ

୧– ଥାଇପୁସମ୍ ........................ ମାଲେସିଆ
୨– ସୋଙ୍ଗ୍‌କ୍ରାନ୍ ଫେଷ୍ଟିଭାଲ୍ ........................ ଥାଇଲାଣ୍ଡ
୩– ହୋଲି ........................ ଭାରତ
୪– ଡିଆ ଡେ ଲସ୍ ମୁଏର୍ଟସ୍ ........................ ମେକ୍ସିକୋ
୫– ସେଣ୍ଟ ପ୍ୟାଟ୍ରିକ୍ସ ଡେ' ........................ ଆୟର୍ଲାଣ୍ଡ
୬– ମାଉଣ୍ଟ୍ରେଅକ୍ସ ଜାଜ୍ ଫେଷ୍ଟିଭାଲ୍........................ ସ୍ୱିଜରଲାଣ୍ଡ
୭– ମଣ୍ଟ୍ରିଏଲ୍ ଜାଜ୍ ଫେଷ୍ଟିଭାଲ୍........................ କାନାଡ଼ା
୮– ସମରଫେଷ୍ଟ ........................ ମିଲ୍‌ୱାଉକି, ଆମେରିକା
୯– ୱାଇ ପେଙ୍ଗ୍ ଫେଷ୍ଟିଭାଲ୍ ........................ ଥାଇଲାଣ୍ଡ
୧୦– ଲଏ କ୍ରାଥଙ୍ଗ୍ ........................ ଥାଇଲାଣ୍ଡ

## ୟୁଥ୍ ଆଲର୍ଟ

# ଏମିତି ଦୂରକରନ୍ତୁ ଷ୍ଟ୍ରେଚ୍‌ମାର୍କ



**ଅନେକ ଯୁବତୀଯୁବକ ମୋଟା ହୋଇଗଲେ ସେମାନଙ୍କ ଶରୀରର କେତେକ ସ୍ଥାନରେ ଷ୍ଟ୍ରେଚ୍‌ମାର୍କ ଦେଖାଯାଏ, ଯାହାକି ଫ୍ୟାଶନେବଲ୍ ଡ୍ରେସ୍ ପିନ୍ଧିବା ବେଳେ ଖରାପ ଦେଖାଯାଏ; ଯେଉଁଥିପାଇଁ ସେମାନେ ବ୍ୟସ୍ତ ହୋଇପଡ଼ନ୍ତି। ଯଦିଓ ଏହାକୁ କମ୍ କରିବା ଲାଗି ଅଧିକ ସମୟ ଲାଗିଥାଏ, ତଥାପି କେତୋଟି ଉପାୟ ଆପଣାଇ ଷ୍ଟ୍ରେଚ୍‌ମାର୍କ ଶୀଘ୍ର ଦୂର କରିପାରିବେ...**

◀◀ ଆଜିର ପରିବର୍ତ୍ତିତ ଲାଇଫ୍ ଷ୍ଟାଇଲ୍ ଯୋଗୁ ମଧ୍ୟ ଫ୍ୟାଟ୍‌ନେସ୍ ବଢ଼ିବା କାରଣରୁ ଅନେକଙ୍କଠାରେ ଷ୍ଟ୍ରେଚ୍‌ମାର୍କ ଦେଖାଯାଉଛି। ତା'ଛଡ଼ା କମ୍ ପାଣି ପିଇବା ଦ୍ୱାରା ଶରୀରର ଜଳୀୟାଂଶ କମିଲେ ବି ଏହି ସମସ୍ୟା ଦେଖାଦିଏ। ତେଣୁ ଆବଶ୍ୟକ ପରିମାଣରେ ପାଣି ପିଇବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ସୁଷମ ଖାଦ୍ୟ ଖାଇବା ସହ ଦିନକୁ ଅତି କମ୍‌ରେ ୩–୪ ଲିଟର ପାଣି ପିଅନ୍ତୁ।

◀◀ ଡାକ୍ତରଙ୍କ ପରାମର୍ଶକ୍ରମେ କୌଣସି ଏକ ଭଲ ସ୍ପେଶିଆଲାଇଜ୍‌ଡ କ୍ରିମ୍, ଷ୍ଟ୍ରେଚ୍‌ମାର୍କ ରିକଭରି ସିରମ୍, ବଡି ଫର୍ମିଙ୍ଗ୍ ଜେଲ୍ ଆଦି ସକାଳେ ଏବଂ ସନ୍ଧ୍ୟାରେ ଲଗାନ୍ତୁ ଉପକୃତ ହେବେ। ଏସବୁ କେମିକାଲ୍ ଫ୍ରି ହୋଇଥିଲେ ଭଲ।

◀◀ ଉଷୁମ ପାଣିରେ ଗାଧୋଇବା ପରେ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନରେ ଧୀରେ ଧୀରେ ପ୍ରାୟ ୨ ମିନିଟ୍ ପର୍ଯ୍ୟନ୍ତ ଅଏଲ୍ ମସାଜ୍ କରିବା ଦ୍ୱାରା ତାହା ନରମ ହେବା ସହ ମାର୍କ ଦୂର ହେବାରେ ସାହାଯ୍ୟ କରିଥାଏ। ଏଥିପାଇଁ ବାୟୋ ଅଏଲ୍ କିମ୍ବା ନଡ଼ିଆ ତେଲ ସବୁଠୁ ଭଲ। ଆପଣ ଚାହିଁଲେ ଏଥିପାଇଁ ଅନ୍ୟ ମସାଜ୍ ଅଏଲ୍ ମଧ୍ୟ ବ୍ୟବହାର କରିପାରିବେ।

◀◀ ଏକ କଟନ୍ ସାହାଯ୍ୟରେ ଲେମ୍ବୁ ରସ ନେଇ ଷ୍ଟ୍ରେଚ୍‌ମାର୍କ ଥିବା ସ୍ଥାନରେ ଲଗାଇ ଦଶ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ନଖଉଷୁମ ପାଣିରେ ଗାଧୋଇ ପଡ଼ନ୍ତୁ। ଫଳରେ ଲେମ୍ବୁରେ ଥିବା ପ୍ରାକୃତିକ ଏସିଡ୍ ଷ୍ଟ୍ରେଚ୍‌ମାର୍କ ଦୂର କରିବାରେ ସାହାଯ୍ୟ କରିଥାଏ।

◀◀ ଶୀଘ୍ର ସ୍କିନ୍ ରିପେୟାର୍ କରିବାରେ ଏକ୍ସରସାଇଜ୍ ବେଶ୍ ସାହାଯ୍ୟ କରିଥାଏ। ଯାହା ଫୁଲିଯାଇଥିବା ଏବଂ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନକୁ ଧୀରେ ଧୀରେ ରିପେୟାର୍ କରି ପୂର୍ବ ଭଳି ସୁନ୍ଦର କରିଥାଏ।



# ଆତ୍ମପରିଚୟ

**କାର୍ଯ୍ୟଦକ୍ଷତା, ଉତ୍ତମ ବ୍ୟବହାର ବ୍ୟକ୍ତିତ୍ୱ ଉପରେ ସକାରାତ୍ମକ ପ୍ରଭାବ ପକାଏ। ଏହି ଗୁଣ ଘରେ, ଶିକ୍ଷାନୁଷ୍ଠାନରେ, କାର୍ଯ୍ୟକ୍ଷେତ୍ରରେ ହେଉ ଅବା ସମାଜରେ ଏକ ଉତ୍ତମ ମଣିଷର ପରିଚୟ ସୃଷ୍ଟି କରେ। ତେଣୁ ଆତ୍ମପରିଚୟ ସୃଷ୍ଟି କରିବା ଲାଗି କେତେକ ବଦଗୁଣ ତ୍ୟାଗ କରିବା ସହ କେତେକ ଦିଗ ପ୍ରତି ବିଶେଷ ଧ୍ୟାନ ଦେବା ନିହାତି ଆବଶ୍ୟକ...**



ମାର୍ଜିତ ବ୍ୟବହାର ଓ ଉତ୍ତମ କାର୍ଯ୍ୟକଳାପ ମଣିଷକୁ ଅନ୍ୟମାନଙ୍କର ହୃଦୟ ଜିଣି ସଭିଙ୍କ ପ୍ରିୟପାତ୍ର କରାଇବାରେ ସାହାଯ୍ୟ କରିଥାଏ। ହେଲେ ବେଳେବେଳେ ଅଜାଣତରେ କରୁଥିବା କେତେକ ଭୁଲ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ଆତ୍ମପରିଚୟ ସୃଷ୍ଟି ପାଇଁ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ଜାଣିରଖନ୍ତୁ ସେ ସମ୍ପର୍କରେ ...

**ବାକ୍ ସଂଯମ ରକ୍ଷା ସହ ମିଷ୍ଟଭାଷୀ ହୁଅନ୍ତୁ:** ଅଧିକାଂଶ ଯୁବତୀଯୁବକ ଏକାଠି ହେବାମାତ୍ରେ ଗପସପରେ ମସ୍‌ଗୁଲ ହୋଇଯାଆନ୍ତି। ପାଠପଢ଼ା, ଜବ୍‌ଠୁ ଆରମ୍ଭ କରି ଅନ୍ୟମାନଙ୍କ ସମ୍ପର୍କରେ ମଧ୍ୟ ସେମାନଙ୍କ ମଧ୍ୟରେ ଚାଲେ ଆଲୋଚନା। ହେଲେ ବେଳେବେଳେ ସାଧାରଣ କଥାରେ ଜଣେ ଜଣେ ହଠାତ୍ ରାଗି ଯାଇ ଯୁକ୍ତିକରିବା, ବାକ୍‌ସଂଯମ ହରାଇ ଅନ୍ୟକୁ ମାନସିକ ସ୍ତରରେ ଆଘାତ ପହଞ୍ଚାଇବାକୁ ବି ପଛାନ୍ତି ନାହିଁ। ଏହାଦ୍ୱାରା ଅନ୍ୟମାନଙ୍କ ଦୃଷ୍ଟିରେ ନିଜ ପ୍ରତି କିପରି ନକାରାତ୍ମକ ଭାବନା ସୃଷ୍ଟି ହେଉଛି ସେ ଦିଗରେ ସେମାନେ ଯତ୍ନଶୀଳ ନ ଥା'ନ୍ତି। ତେଣୁ ରାଗିବା, ରାଗରେ ଏଭଳି କିଛି କଥା କହିବା ଯାହାକି ଅନ୍ୟକୁ କଷ୍ଟ ଦେବ କିମ୍ବା ନିଜର ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣିବ ଏବଂ ଆକ୍ରୋଶମୂଳକ ଆଚରଣଠାରୁ ନିଜକୁ ନିବୃତ୍ତ ରଖନ୍ତୁ ଏବଂ ମିଷ୍ଟଭାଷୀ ହୁଅନ୍ତୁ।

**ଦକ୍ଷତାର ପରିଚୟ ଦିଅନ୍ତୁ:** କର୍ମତତ୍ପର ଏବଂ ଦକ୍ଷତାସମ୍ପନ୍ନ ମଣିଷକୁ ସମସ୍ତେ ଭଲପାଆନ୍ତି। ତେଣୁ ପାଠପଢ଼ା ହେଉ ଅବା ଜବ୍ କ୍ଷେତ୍ରରେ ଅଳସୁଆ ନ ହୋଇ ନିଜର ବେଷ୍ଟ ଦେବାକୁ ଚେଷ୍ଟା କରନ୍ତୁ। ଏହା ସମସ୍ତଙ୍କ ନଜରରେ ଆପଣଙ୍କ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସାହାଯ୍ୟ କରିବ।

**ଆତ୍ମପ୍ରଶଂସାଠୁ ଦୂରେଇ ରୁହନ୍ତୁ:** ମଣିଷର ବ୍ୟକ୍ତିତ୍ୱ ଭଲ ହୋଇଥିଲେ ଆପେଆପେ ସମସ୍ତଙ୍କ ମୁଖରୁ ପ୍ରଶଂସା ବାହାରେ। ହେଲେ ଏମିତି ଅନେକ ଅଛନ୍ତି, ଯେଉଁମାନେ ନିଜର ପ୍ରଶଂସା ନିଜ ମୁହଁରେ ଗାଇ ବୁଲନ୍ତି। ଏମିତିକି ଆତ୍ମପ୍ରଶଂସାରେ ବିଭୋର ହୋଇ ସେମାନେ ଅନ୍ୟକୁ କିଛି କହିବାର ସୁଯୋଗ ମଧ୍ୟ ଦିଅନ୍ତି ନାହିଁ। ହେଲେ ବାରମ୍ବାର ଆତ୍ମପ୍ରଶଂସା କରିବା ଦ୍ୱାରା ପରିହାସର ପାତ୍ର ହେବାକୁ ପଡ଼ିପାରେ, ଏକଥା ଅନେକେ ଭୁଲିଯାଆନ୍ତି। ତେଣୁ କଥାରେ ନୁହେଁ, ବରଂ ନିଜ କାମକୁ ଏଭଳି କରନ୍ତୁ; ଯେପରି ତାହାହିଁ ଆପଣଙ୍କ ବ୍ୟକ୍ତିତ୍ୱର ପରିଚୟ ପାଲଟିବ।

**ସଚ୍ଚୋଟ ହୁଅନ୍ତୁ:** ନିଜର ଦୁର୍ବଳତାକୁ ଚିହ୍ନିବା ଏବଂ ଏହାକୁ ଘୋଡ଼ାଇବା ଲାଗି ମିଥ୍ୟାର ସାହାଯ୍ୟ ନେବା ଦ୍ୱାରା ଧୀରେ ଧୀରେ ଏହା ଅଭ୍ୟାସରେ ପରିଣତ ହୋଇଯାଏ। ଆଉ ଏହା ଯେ କେତେବେଳେ ଅନ୍ୟମାନଙ୍କ ଆଗରେ ଆପଣଙ୍କ ପର୍ସନାଲିଟିକୁ ଖରାପ କରିଦିଏ ତାହା ଜଣାପଡ଼େନି। ତେଣୁ ସବୁବେଳେ ନିଜ କାମ ଏବଂ କଥାକୁ ନେଇ ସଚ୍ଚୋଟ ହୁଅନ୍ତୁ, ଦେଖିବେ ଏହା ଆପଣଙ୍କ ଉତ୍ତମ ବ୍ୟକ୍ତିତ୍ୱର ପରିଚୟ ପାଲଟିବ।





**ଠିକ୍ ନୁହେଁ ଅନ୍ୟର ଚର୍ଚ୍ଚା :** ଅନ୍ୟର ଦୋଷ ତ୍ରୁଟି ଖୋଜି ବୁଲିବା, ପଛରେ ତାଚ୍ଛଲ୍ୟ କରିବା ଏବଂ କିଏ କ'ଣ କରୁଛି ସେ ସମ୍ପର୍କରେ ଆଲୋଚନା କରିବା ଦ୍ୱାରା ନିଜ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆସିଥାଏ ଏକଥା ଅନେକେ ଭୁଲିଯାଆନ୍ତି। ସେହିପରି କାହାର ଭଲ କାର୍ଯ୍ୟରେ ପ୍ରଶଂସା କରିବା ବଦଳରେ ଏଣୁତେଣୁ କହିବା କିମ୍ବା ସହି ନ ପାରି ନିନ୍ଦା କରିବା, ନିଜର କୌଣସି ଦୋଷତ୍ରୁଟିକୁ ଅନ୍ୟ ମୁଣ୍ଡରେ ଲଦିଦେବା ଭଳି ମାନସିକତା ମଧ୍ୟ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣିପାରେ। ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ନିବୃତ୍ତ ରଖିବା ଆବଶ୍ୟକ।

**ୟୁନିକ ହେବା ଭଲ:** ଅନ୍ୟମାନଙ୍କଠାରୁ କିଛି ଅଲଗା କରିବାକୁ ଚେଷ୍ଟା କରନ୍ତୁ। ନିଜ ଭିତରେ ଲୁଚି ରହିଥିବା ପ୍ରତିଭାକୁ ପରିପ୍ରକାଶ କରନ୍ତୁ। ଏହା ଧୀରେ ଧୀରେ ଆଦୃତ ହେବା ଦ୍ୱାରା ଆପଣଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିବ। ହେଲେ ମନେରଖନ୍ତୁ ୟୁନିକ ହେବା ଆଳରେ ଏଭଳି କୌଣସି କାର୍ଯ୍ୟ କରନ୍ତୁ ନାହିଁ, ଯାହା ଆପଣଙ୍କୁ ପରିହାସର ପାତ୍ର କରାଇବ ଅବା ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣିବ।





## ୟୁଥ୍ କ୍ଲବ୍

# ଲକ୍ଷ୍ୟ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଜାମୁଝାଡ଼ି ପଞ୍ଚାୟତ ଅଧୀନ ଗୌଡ଼ପଡ଼ା ଅଞ୍ଚଳରେ ୧୯୯୨ ମସିହାରେ ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ଗଠନ ହୋଇଥିଲା 'ନେତାଜୀ ଯୁଥ୍ କ୍ଲବ'। ବିଭିନ୍ନ ଜନହିତକର କାର୍ଯ୍ୟ ଲକ୍ଷ୍ୟ ନେଇ ମାତ୍ର କେତେଜଣ ଯୁବକଙ୍କୁ ନେଇ ଆରମ୍ଭ ହୋଇଥିବା ଏହି କ୍ଲବ୍‌ର ବର୍ତ୍ତମାନ ସଦସ୍ୟ ସଂଖ୍ୟା ୭୦। ବର୍ଷ ତମାମ ଗ୍ରାମାଞ୍ଚଳର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟ କରି ସେମାନେ ସ୍ଥାନୀୟ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ପ୍ରତିବର୍ଷ ଜାନୁୟାରୀ ୨୩ରେ କ୍ଲବର ବାର୍ଷିକ ଉତ୍ସବ ପାଳନ କରାଯାଇଥାଏ, ଯେଉଁଥିରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ସ୍ଥାନୀୟ ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥାଏ। ଏହାବ୍ୟତୀତ କ୍ଲବର ସଭ୍ୟମାନଙ୍କ ଦ୍ୱାରା ରକ୍ତଦାନ ଶିବିର, ବୃକ୍ଷରୋପଣ, ଅଗ୍ନିକାଣ୍ଡ ବିପନ୍ନମାନଙ୍କୁ ସହାୟତା, ଗରିବ ପରିବାରର କନ୍ୟାମାନଙ୍କ ବିବାହ ଇତ୍ୟାଦି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥାଏ। କରୋନା ସମୟରେ କ୍ଲବ୍ ପକ୍ଷରୁ ଅସହାୟ ବ୍ୟକ୍ତିମାନଙ୍କୁ ଖାଦ୍ୟ ବଣ୍ଟନ, ରହିବା ପାଇଁ ସହାୟତା ଇତ୍ୟାଦି ସୁବିଧା ଯୋଗାଇ ଦିଆଯାଇଥିଲା ।

ପ୍ରତିବର୍ଷ ଗୌଡ଼ପଡ଼ା ଲକ୍ଷ୍ମୀପୂଜା ମଣ୍ଡପରେ ଯୁବକମାନଙ୍କ ସହଯୋଗରେ ଲକ୍ଷ୍ମୀପୂଜା ଉତ୍ସବ ୫ରୁ ୭ଦିନ ବ୍ୟାପୀ ଆୟୋଜନ କରାଯାଇଥାଏ। ଗ୍ରାମାଞ୍ଚଳର କୁନିକୁନି ପିଲାମାନଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥାଏ। ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। କ୍ଲବର ସଭାପତି ଦିଲୀପ କୁମାର ମହାକୁଡ଼ କୁହନ୍ତି, ଗତ ୩୧ ବର୍ଷ ପୂର୍ବେ ଏହି ଯୁଥ୍ କ୍ଲବ ଗଠିତ ହୋଇଥିଲା । ନିୟମ ଅନୁସାରେ ସମଗ୍ର ପଞ୍ଚାୟତର ବିକାଶ ପାଇଁ ପ୍ରତ୍ୟେକ ୱାର୍ଡରୁ ଯୁବକମାନେ ଏଥିରେ ଯୋଗ ଦେଇଥାଆନ୍ତି। ପୂର୍ବରୁ ବଡ଼ ଭାଇମାନେ ଦାୟିତ୍ୱ ନେଉଥିଲେ । ପର୍ଯ୍ୟାୟକ୍ରମେ ବର୍ତ୍ତମାନ ଆମେ ଏହାର ଦାୟିତ୍ୱ ସମସ୍ତଙ୍କ ସହଯୋଗରେ ତୁଲାଉଛୁ। ସେହିପରି ସମ୍ପାଦକ ଉମେଶ ଚନ୍ଦ୍ର ପରିଡ଼ା କୁହନ୍ତି, ଏହି କ୍ଲବରେ ଥିବା ମୋଟ ୭୦ଜଣ ସଭ୍ୟଙ୍କ ମଧ୍ୟରୁ ସକ୍ରିୟ ସଭ୍ୟ ରୂପେ ଦେବେନ୍ଦ୍ର ଜେନା, ସନ୍ତୋଷ ସେଠୀ, ଅଭୟ ବିଶ୍ୱାଳ, ହିମାଂଶୁ ପଢ଼ିହାରୀ, ଅଜୟ ବେହେରା, ସୁମିତ ପରିଡ଼ା, ରମାକାନ୍ତ ଦଳାଇ, ତପନ ସାହୁ, ଅକ୍ଷୟ ବିଶ୍ୱାଳ, ଉଜ୍ଜ୍ୱଳ ବାରିକ ପ୍ରମୁଖଙ୍କ ସମେତ ୪୦ଜଣ ଅଛନ୍ତି। ବାହାରେ ରହୁଥିବା ଯୁବକମାନେ ଆର୍ଥିକ ସହଯୋଗ ଦେଇଥାଆନ୍ତି। ତେବେ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ଆମମାନଙ୍କର ପ୍ରାଥମିକ ଲକ୍ଷ୍ୟ ବୋଲି ସଦସ୍ୟମାନେ ପ୍ରକାଶ କାରିଛନ୍ତି।

– ସନ୍ତୋଷ କୁମାର ନାୟକ


'ନେତାଜୀ ଯୁଥ୍ କ୍ଲବ'ର ସଦସ୍ୟମାନେ।

# କର୍ଣ୍ଣାଟକ ଖେଳାଳିଙ୍କ ୪ ଜାତୀୟ ରେକର୍ଡ



ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ଚତୁର୍ଥ ଦିବସରେ ଏକ ଇଭେଣ୍ଟରେ ଭାଗନେଇଥିବା ଜଣେ ପ୍ରତିଯୋଗୀ।

## କଳିଙ୍ଗରେ ଜୁନିୟର ସନ୍ତରଣ

ଭୁବନେଶ୍ୱର,୧୯।୮ (ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମର ନବନିର୍ମିତ ଇନ୍‌ଡୋର ଆକ୍ୱାଟିକ୍ ସେଣ୍ଟରରେ ବୁଧବାର ୩୯ତମ ସବ୍‌ଜୁନିୟର ଓ ୪୯ତମ ଜୁନିୟର ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ଚତୁର୍ଥ ଦିବସରେ କର୍ଣ୍ଣାଟକର ଆଧିପତ୍ୟ ଜାରି। କର୍ଣ୍ଣାଟକର ୪ ଜଣ ଖେଳାଳି ଜାତୀୟ ରେକର୍ଡ ନିଜ ନାମରେ କରିଛନ୍ତି। କର୍ଣ୍ଣାଟକର ବିଦିଥ୍ ଏସ୍ ଶଙ୍କର ପୂର୍ବରୁ ନିଜ ନାମରେ ଥିବା ଜାତୀୟ ରେକର୍ଡ ଭାଙ୍ଗିଛନ୍ତି। ଶନିବାର ବିଦିଥ୍ ୧:୦୪.୨୬ ସେକେଣ୍ଡର ସମୟ ନେଇଥିବା ବେଳେ ୧:୦୫.୦୪ ତାଙ୍କର ପୂର୍ବ ଶ୍ରେଷ୍ଠ ପ୍ରଦର୍ଶନ ରହିଥିଲା। ଝାଡ଼ଖଣ୍ଡର ରାଣା ପ୍ରତାପ ଚମତ୍କାର ପ୍ରଦର୍ଶନ କରିଥିଲେ ମଧ୍ୟ ଅଳ୍ପକେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ।

୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ତାମିଲନାଡୁର ଏମ୍ ଏସ୍ ନୀତିଶ ୧:୦୮.୮୦ ସେକେଣ୍ଡର ଟାଇମିଂ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ମହାରାଷ୍ଟ୍ରର ଅର୍ଜିତ ସମୀର ମୋର୍ଭେକାର ୧:୧୧.୪୩ ସେକେଣ୍ଡର ଟାଇମିଂ ସହ ରୌପ୍ୟ ଓ ଗୁଜରାଟର ଆରହାନ ହର୍ଷ ୧:୧୧.୪୫ ସେକେଣ୍ଡର ଟାଇମିଂ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୨୦୦ ମିଟର ବଟର ଫ୍ଲାଏ ଇଭେଣ୍ଟରେ କର୍ଣ୍ଣାଟକର ଅକ୍ଷଜ ଠାକୁରିଆ ୨:୧୩.୮୨ ସେକେଣ୍ଡର ଟାଇମିଂ ସହିତ ସ୍ୱର୍ଣ୍ଣ, ଆନ୍ଧ୍ରପ୍ରଦେଶର ଯକ୍ଷ ସାଇ ମୋଙ୍ଗାମ ୨:୧୬.୦୭ ସେକେଣ୍ଡ ସହ ରୌପ୍ୟ ଓ କର୍ଣ୍ଣାଟକର ହରି କାର୍ତ୍ତିକ ଭେଲୁ ୨:୧୭.୫୧ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୧୦୦ ମିଟର ବାଳକ ବଟର ଫ୍ଲାଏ ଇଭେଣ୍ଟରେ ତାମିଲନାଡୁର ଅବଦୁଲ୍ ହଫିଜ୍ ୧:୦୮.୯୮ର ଟାଇମିଂ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଉତ୍ତର ପ୍ରଦେଶର ଅଜିତ୍ ଯାଦବ ୧:୧୦.୭୧ ସେକେଣ୍ଡର ଟାଇମିଂ ସହ ରୌପ୍ୟ ଓ କର୍ଣ୍ଣାଟକର ବେଦାନ୍ତ ଆନନ୍ଦ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

୧୦୦ ମିଟର ବାଳିକା ବଟର ଫ୍ଲାଏ ଇଭେଣ୍ଟରେ ତେଲଙ୍ଗାନାର ଭ୍ରିତି ଅଗ୍ରୱାଲ ୨:୨୩.୫୫ ସେକେଣ୍ଡର ଟାମିଂ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। କର୍ଣ୍ଣାଟକର ହାଶିକା ରାମଚନ୍ଦ୍ର ୨:୨୩.୬୪ ସେକେଣ୍ଡର ଟାଇମିଂ ସହ ଅଳ୍ପକେ ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଥିଲେ। ମହାରାଷ୍ଟ୍ରର ଧ୍ରିତି ଯୋଗେଶ ୨:୨୮.୦୪ ସେକେଣ୍ଡର ଟାଇମିଂ ସହିତ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

୨୦୦ ମିଟର ବାଳିକା ବଟର ଫ୍ଲାଏ ଇଭେଣ୍ଟରେ କର୍ଣ୍ଣାଟକର ତନିଶି ଗୁପ୍ତା ଓ ଧୀନିଧି ଦେଶିଙ୍ଗୁ ଜାତୀୟ ରେକର୍ଡ ଭାଙ୍ଗିଥିଲେ। ୨୦୧୯ରୁ ଅପେକ୍ଷା ଫର୍ନାଣ୍ଡେସ୍‌ଙ୍କ ୨:୨୩.୬୭ ସେକେଣ୍ଡର ଜାତୀୟ ରେକର୍ଡ ଭାଙ୍ଗିଥିଲେ ଉଭୟ ଖେଳାଳି। ତନିଶି ୨:୨୧.୪୫ର ଟାଇମିଂ ସହ ସ୍ୱର୍ଣ୍ଣ ଓ ଧୀନିଧି ୨:୨୨.୧୮ ସେକେଣ୍ଡର ଟାଇମିଂ ସହ ରୌପ୍ୟ ପଦକ ହାସଲ କରିଥିଲେ। ମହାରାଷ୍ଟ୍ରର ସଚିନ୍ ଆମ୍ବେକ୍ଟା ୨:୩୧.୯୫ ସେକେଣ୍ଡର ସମୟ ସହ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

ବାଳକ ୫୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ କର୍ଣ୍ଣାଟକର ଇଶାନ ମେହେରା ୨୪.୬୮ ସେକେଣ୍ଡର ଟାଇମିଂ ସହିତ ନିଜ ନାମରେ ଥିବା ଜାତୀୟ ରେକର୍ଡ ଭାଙ୍ଗିଥିଲେ। ଏହା ପୂର୍ବରୁ ୨୪.୭୧ ସେକେଣ୍ଡର ରେକର୍ଡ ତାଙ୍କ ନାମରେ ରହିଥିଲା। ତାମିଲନାଡୁର ନିତିସାଇ ହରିନାଥ ୨୫.୬୦ ସେକେଣ୍ଡ ସହିତ ରୌପ୍ୟ ଓ ଆସାମର ନିବିର ହଜାରିକର ୨୫.୮୯ ସେକେଣ୍ଡର ଟାଇମିଂ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

# ତୃଣମୂଳ ସ୍ତରରୁ ସୃଷ୍ଟିହେବେ ସ୍ପ୍ରିଣ୍ଟର



କୃତୀ ପ୍ରତିଯୋଗୀଙ୍କ ସହିତ ଏସ୍‌ଏସ୍‌ଆଇଏ ମୁଖ୍ୟ ଡ. ସାର୍ଥକ ପଟ୍ଟନାୟକ ଓ ଅନ୍ୟମାନେ। (ଫଟୋ: ବିକାଶ ନାୟକ)

## ଓଡ଼ିଶାରେ ଲଞ୍ଚ ହେଲା ଏସ୍‌ଏସ୍‌ଆଇଏ

ଭୁବନେଶ୍ୱର,୧୯।୮ (ସରୋଜ ଜେନା)

ଭୁବନେଶ୍ୱରରେ ଶନିବାର ଲଞ୍ଚ ହୋଇଛି ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ ଏକାଡେମୀ ଅଫ୍ ସ୍ପ୍ରିଣ୍ଟର୍ସ(ଏସ୍‌ଏସ୍‌ଆଇଏ)। ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ(ଏସ୍‌ଏସ୍‌ଆଇ) ପକ୍ଷରୁ ସ୍ଥାପନ କରାଯାଇଥିବା ଏହି ସଙ୍ଗଠନ ତୃଣମୂଳ ସ୍ତରରୁ ସ୍ପ୍ରିଣ୍ଟରମାନଙ୍କୁ ଚୟନ କରି ସେମାନଙ୍କ ଦକ୍ଷତା ବିକାଶ ଦିଗରେ କାର୍ଯ୍ୟ କରିବ। ଆର୍ଥ୍ରୋସ୍କୋପିକ୍ ସର୍ଜନ ତଥା ସ୍ପୋର୍ଟ୍ସ ସାଇନ୍ସ ବିଶେଷଜ୍ଞ ଡ. ସାର୍ଥକ ପଟ୍ଟନାୟକ ଓ ସୌମ୍ୟ ପଟ୍ଟନାୟକଙ୍କ ଦ୍ୱାରା ଏହି ସଂସ୍ଥା ପ୍ରତିଷ୍ଠିତ। ରାଜ୍ୟବ୍ୟାପୀ ବିଭିନ୍ନ ଅଞ୍ଚଳରୁ ପ୍ରତିଭା ଚିହ୍ନଟ କରାଯିବା ସହିତ ସେମାନଙ୍କ ଦକ୍ଷତା ବିକାଶ ଏହି ସଙ୍ଗଠନର ପ୍ରାଥମିକ ଲକ୍ଷ୍ୟ ରହିଥିବା ପ୍ରକାଶ କରିଛନ୍ତି ସାର୍ଥକ ପଟ୍ଟନାୟକ। ପ୍ରାଥମିକ ଭାବରେ ଦକ୍ଷତା ବିକାଶ ପାଇଁ ଏକ ପ୍ରତିଯୋଗିତାର ଆୟୋଜନ କରିଥିଲା ଏସ୍‌ଏସ୍‌ଆଇ। ଅଗଷ୍ଟ ୧୨ରୁ ୧୫ ମଧ୍ୟରେ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳର ୭ ସ୍କୁଲର ୨୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ବୟସ ବର୍ଗ(୧୦, ୧୧ ଓ ୧୨ ବର୍ଷରୁ କମ୍)ରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ମାଧ୍ୟମରେ ୧୮ ଜଣ କୃତୀ ପ୍ରତିଯୋଗୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଏମାନଙ୍କୁ ଏସ୍‌ଏସ୍‌ଆଇ ପକ୍ଷରୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହା ସହିତ ବିଭିନ୍ନ ବସ୍ତି ଅଞ୍ଚଳର ଛାତ୍ରୀଛାତ୍ରମାନଙ୍କୁ ମାଗଣାରେ ପ୍ରଶିକ୍ଷଣ ଦିଆଯିବ। ଏହି ପ୍ରତିଯୋଗିତାରେ ହାଙ୍ଗଝୌରେ ହେବାକୁ ଥିବା ଏସିଆନ୍ ଗେମ୍ସ ୨୦୨୩ରେ ଭାଗନେବାକୁ ଥିବା ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇ ଏକ ହ୍ୱାଇଟ ବୋର୍ଡରେ ସ୍ୱାକ୍ଷର ଅଭିଯାନ କରାଯାଇଥିଲା।

ଯୁବ ପ୍ରତିଭାମାନଙ୍କୁ କିଭଳି ଆହତ ସମସ୍ୟାରୁ ଦୂରରେ ରଖାଯିବ ଏବଂ ସ୍ପୋର୍ଟ୍ସ ସାଇନ୍ସ ମାଧ୍ୟମରେ କିଭଳି ସେମାନଙ୍କ ପ୍ରଦର୍ଶନକୁ ଆହୁରି ବିକଶିତ କରାଯାଇପାରିବ ତାହା ଏକାଡେମିର ଲକ୍ଷ୍ୟ ବୋଲି କହିଥିଲେ ସାର୍ଥକ। କେବଳ ଖେଳାଳି ନୁହନ୍ତି ବରଂ କୋଚ୍ ଏବଂ ଫିଜିଓମାନଙ୍କୁ ମଧ୍ୟ ଏଠାରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ବର୍ତ୍ତମାନ ସୁଦ୍ଧା ସମଗ୍ର ଦେଶରେ ଏସ୍‌ଏସ୍‌ଆଇର ଦୁଇଟି ୟୁନିଟ୍ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଆଗାମୀ ଦିନରେ ଦେଶ ତଥା ବିଦେଶରେ ଏହାର ନୂତନ ଶାଖା ଖୋଲାଯିବ। ଓଡ଼ିଶାରେ କ୍ରୀଡା ପ୍ରତିଭାର ଅଭାବ ନ ଥିବା ବେଳେ ଦୃଢ ଭିତ୍ତିଭୂମି ମଧ୍ୟ ଉପଲବ୍ଧ ରହିଛି। ଆଗାମୀ ଦିନରେ ସ୍ପ୍ରିଣ୍ଟରେ ଓଡ଼ିଶାକୁ ଏକ ସ୍ପୋର୍ଟିଂ ହବ୍ ଭାବରେ ଗଢିତୋଳିବା ଏସ୍‌ଏସ୍‌ଆଇଏର ଲକ୍ଷ୍ୟ ବୋଲି ସେ କହିଛନ୍ତି। ଏହା ସହିତ ଡୋପିଂ ମାମଲା ଉପରେ ମଧ୍ୟ ପ୍ରତିକ୍ରିୟା ରଖିଥିଲେ ସାର୍ଥକ। କୌଣସି ବି ଆଥ୍‌ଲେଟ ଉପଯୁକ୍ତ ଡାକ୍ତରଙ୍କ ବିନା ପରାମର୍ଶରେ ଔଷଧ ସେବନ କରିବା ଅନୁଚିତ। କ୍ରୀଡା ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ କ୍ରମେ ହିଁ ଆଥ୍‌ଲେଟମାନେ ଔଷଧ ସେବନ କରିବା ଉଚିତ ବୋଲି ସେ କହିଥିଲେ।

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

## ଦ୍ୱିତୀୟ ଟି୨୦

ଡବ୍ଲିନ୍,୧୯।୮ (ପି.ଟି.)

ଆୟର୍ଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ରବିବାର ଖେଳାଯିବ। ଏହି ମ୍ୟାଚ୍‌କୁ ଜିତିବା ସହିତ ଭାରତ ସିରିଜ ଜିତିବାକୁ ପ୍ରୟାସ କରିବ। ପ୍ରଥମ ମ୍ୟାଚରେ ଭାରତୀୟ ବୋଲର ପ୍ରଭାବୀ ବୋଲିଂ କରିଥିବା ବେଳେ ବର୍ଷା କାରଣରୁ ବ୍ୟାଟରମାନଙ୍କୁ ସୁଯୋଗ ମିଳି ନ ଥିଲା। ତେବେ ଦ୍ୱିତୀୟ ଟି୨୦ରେ ଯୁବ ଭାରତୀୟ ବ୍ୟାଟର ନିଜର ଦକ୍ଷତା ଦେଖାଇବାକୁ ପ୍ରୟାସ କରିବେ। ୧୩ ମାସ ପରେ ଷ୍ଟ୍ରେସ୍ ଫ୍ରାକ୍ଚରରୁ ପ୍ରତ୍ୟାବର୍ତ୍ତନ କରିଥିବା ଯଶପ୍ରୀତ୍ ବୁମ୍‌ରା ଚମତ୍କାର ବୋଲିଂ କରି ଆରମ୍ଭରୁ ଦୁଇ ଉଇକେଟ ନେଇଥିଲେ। ଚିରାଚରିତ ଭାବରେ ନିଜ ପେସ୍‌ରେ ବୋଲିଂ କରିବା ସହିତ ଏକ ଇନ୍‌ସୁଇଙ୍ଗ ୟର୍କର ଜରିଆରେ ବୋଲ୍ଡ କରିଥିଲେ। କେବଳ ବୁମ୍‌ରା ନୁହନ୍ତି, ଆଉ ଜଣେ ପଦାର୍ପଣକାରୀ ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ ଚମତ୍କାର ବୋଲିଂ କରି ଦୁଇଟି ଉଇକେଟ ନେଇଥିଲେ। ଲେଗ୍ ସ୍ପିନର ରବି ବିଷ୍ଣୋଇ ମଧ୍ୟ ଦୁଇଟି ସଫଳତା ହାସଲ କରିଥିଲେ। ଆୟର୍ଲାଣ୍ଡ ୭ ଉଇକେଟ ହରାଇ ୧୩୯ ରନ୍ ସ୍କୋର କରିଥିବା ବେଳେ ଭାରତ ୨ ଉଇକେଟ ହରାଇ ୪୭ ରନ୍ କରିଥିଲା। ଡର୍କୱର୍ଥ ଲୁଇସ୍ ନିୟମ ଅନୁସାରେ ଭାରତ ଏହି ମ୍ୟାଚ୍‌କୁ ୨ ରନ୍‌ରେ ବିଜୟୀ ହୋଇଥିଲେ ମଧ୍ୟ ଭାରତର ମିଡିଲ୍ ଅର୍ଡର ବ୍ୟାଟିଂ ସୁଯୋଗ ପାଇ ନ ଥିଲା।

ଦୀର୍ଘ ଦିନ ପରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଶିବମ ଦୁବେ ଏକ ଭଲ ଇନିଂସ ଲକ୍ଷ୍ୟରେ ରହିଥିବା ବେଳେ ଋତୁରାଜ ଗାଏକ୍ୱାଡ ଓ ରିଙ୍କୁ ସିଂ ମଧ୍ୟ ସମାନ ଆଶା ରଖିବେ। ଅନ୍ୟ ପକ୍ଷରେ ଯଶସ୍ୱୀ ଜୟସ୍ୱାଲ ଏକ ଭଲ ଆରମ୍ଭ ପାଇଥିଲେ ମଧ୍ୟ ଏହାକୁ ବଡ ସ୍କୋରରେ ରୂପାନ୍ତରିତ କରିବାରେ ବିଫଳ ହୋଇଥିଲେ। ୱେଷ୍ଟଇଣ୍ଡିଜ୍ ସିରିଜରେ ଟପ୍ ସ୍କୋରର ରହିଥିବା ତିଳକ ବର୍ମା ଖାତା ଖୋଲିବାରେ ବିଫଳ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ଭଲ ସ୍କୋରର ଆଶା ରଖିବେ। ଅନ୍ୟପକ୍ଷରେ ସଞ୍ଜୁ ସାମସନଙ୍କ ପାଇଁ ଏହା କର ଅବା ମର ସିରିଜ ରହିଥିବା ବେଳେ ଦ୍ୱିତୀୟ ଟି୨୦ରୁ ସେ ମଧ୍ୟ ଫାଇଦା ଉଠାଇବାକୁ ପ୍ରୟାସ କରିବେ। ଅନ୍ୟପକ୍ଷରେ ବୋଲିଂ ଅଲରାଉଣ୍ଡର ୱାଶିଂଟନ୍ ସୁନ୍ଦର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନ ପୂରଣ କରିବାକୁ ପ୍ରୟାସ କରିବେ। ଭାରତୀୟ ବୋଲରର ପ୍ରଥମ ଟି୨୦ରେ ଚମତ୍କାର ବୋଲିଂ କରିଥିବା ବେଳେ ଅଧିନାୟକ ଯଶପ୍ରୀତ୍ ବୁମ୍‌ରା ପ୍ଲେୟର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ଦ୍ୱିତୀୟ ଟି୨୦ରେ ଭାରତ ଟସ୍ ଜିତିଲେ ବୋଲିଂ ନିଷ୍ପତ୍ତି ନେବ ବୋଲି ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ରବି ବିଷ୍ଣୋଇ। ଅନ୍ୟପକ୍ଷରେ ଘରୋଇ ଆୟର୍ଲାଣ୍ଡ ଦୃଢ ଭାବରେ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରୟାସ କରିବ। ପ୍ରଥମ ମ୍ୟାଚରେ ଆୟର୍ଲାଣ୍ଡର ଟପ୍ ଅର୍ଡର ବିଫଳ ହୋଇଥିବା ବେଳେ ବରିଷ୍ଠ ଖେଳାଳିଙ୍କୁ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପଡିବ। ପଲ୍ ଷ୍ଟର୍ଲିଂ, ଆଣ୍ଡ୍ରୁ ବାଲବିରିନ୍, ଜୋଶୁଆ ଲିଟିଲ, କ୍ରେଗ୍ ୟଙ୍ଗ ଓ ଜର୍ଜ ଡକରେଲ୍‌ଙ୍କ ପରି ଖେଳାଳିଙ୍କୁ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପଡିବ। ଆଗାମୀ ଏସିଆ କପ୍ ତଥା ଦିନିକିଆ ବିଶ୍ୱକପ୍ ପାଇଁ ଏହା ଭାରତୀୟ ଦଳର ପ୍ରସ୍ତୁତି ସିରିଜ ହୋଇଥିବା ବେଳେ ସମସ୍ତଙ୍କ ନଜର ଏହା ଉପରେ ରହିବ।

**ମ୍ୟାଚ୍ ସ୍ଥାନ: ଦ ଭିଲେଜ୍, ଡବ୍ଲିନ୍**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮**

# ସର୍ଦ୍ଦାରଙ୍କ ନେତୃତ୍ୱରେ ୪୦ ଜଣିଆ ଟିମ୍

## ପୁରୁଷ ସବ୍‌ଜୁନିୟର ହକି କ୍ୟାମ୍ପ

ନୂଆଦିଲ୍ଲୀ,୧୯।୮ (ପି.ଟି.)

ହକି ଇଣ୍ଡିଆ ପକ୍ଷରୁ ସବ୍‌ଜୁନିୟର ପୁରୁଷ ଦଳର କ୍ୟାମ୍ପ ପାଇଁ ୪୦ ଜଣିଆ କୋର୍ ଗ୍ରୁପ୍ ଘୋଷଣା କରାଯାଇଛି। ରାଉରକେଲାର ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଏହି କ୍ୟାମ୍ପ ଅନୁଷ୍ଠିତ ହେବ। ପୂର୍ବତନ ଭାରତୀୟ ଖେଳାଳି ସର୍ଦ୍ଦାର ସିଂଙ୍କୁ ଏହି ଦଳର କୋଚ୍ ଭାବରେ ନିଯୁକ୍ତ କରାଯାଇଛି। ଯୁବ ପ୍ରତିଭାମାନଙ୍କୁ ଅନ୍ତର୍ଜାତୀୟ ଅଭିଜ୍ଞତା ପ୍ରଦାନ କରିବା ପାଇଁ ହକି ଇଣ୍ଡିଆ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି କ୍ୟାମ୍ପ ପରେ ୟୁରୋପ ଗସ୍ତରେ ଯାଇ ଭାରତୀୟ ଦଳ ମ୍ୟାଚ୍ ଖେଳିବ।

# ବିଶ୍ୱକପ୍ ମାସ୍କଟ ଲଞ୍ଚ

ନୂଆଦିଲ୍ଲୀ,୧୯।୮ (ପି.ଟି.)

ଭାରତରେ ହେବାକୁ ଥିବା ଦିନିକିଆ କ୍ରିକେଟ ବିଶ୍ୱକପ୍ ପାଇଁ ଶନିବାର ଗୁରୁଗ୍ରାମରେ ଆଇସିସି ପକ୍ଷରୁ ମାସ୍କଟ ଲଞ୍ଚ କରାଯାଇଛି। ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜୟୀ ଭାରତୀୟ ପୁରୁଷ ଓ ମହିଳା ଦଳର ଅଧିନାୟକ ଯଶ ଧୂଲ ଓ ଶେଫାଳି ବର୍ମା ମାସ୍କଟର ଉନ୍ମୋଚନ କରିଥିଲେ। ଲିଙ୍ଗଗତ ସମାନତା ପାଇଁ ଚଳିତ ବର୍ଷ ଦୁଇଟି ମାସ୍କଟ ରଖାଯାଇଛି। ପୁରୁଷ ମାସ୍କଟଟି ଟର୍ବୋ ପାୱାର ବ୍ୟାଟ ସହ ବ୍ୟାଟିଂ କରୁଥିବା ବେଳେ ମହିଳା ମାସ୍କଟକୁ ବୋଲିଂର ପ୍ରତୀକ ଭାବରେ ରଖାଯାଇଛି।




# ଫିଫା ମହିଳା ବିଶ୍ୱକପ୍ | ସୁଇଡେନ୍‌କୁ ବ୍ରୋଞ୍ଜ ପଦକ



ଗୋଲ୍ ସ୍କୋର ପରେ ଖୁସି ମୁହୂର୍ତ୍ତରେ ସୁଇଡେନ ଖେଳାଳି।

ବ୍ରିସ୍‌ବେନ୍,୧୯।୮ (ପି.ଟି.)

ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ମହିଳା ଫୁଟବଲ ବିଶ୍ୱକପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛି ସୁଇଡେନ୍। ଶନିବାର ଖେଳା ଯାଇଥିବା ତୃତୀୟ ସ୍ଥାନ ମୁକାବିଲାରେ ଦଳ ଘରୋଇ ଅଷ୍ଟ୍ରେଲିଆକୁ ୨-୦ରେ ପରାସ୍ତ କରିଛି। ଦଳ ପକ୍ଷରୁ ଫ୍ରିଡୋଲିନା ରୋଲ୍ଫୋ(୩୦ ମିନିଟ) ଓ କୋସୋଭେରେ ଆସଲାନି(୬୨ ମିନିଟ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମହିଳା ବିଶ୍ୱକପ୍‌ରେ ସୁଇଡେନ୍‌ର ଏହା ଚତୁର୍ଥ ବ୍ରୋଞ୍ଜ ପଦକ। ପୂର୍ବରୁ ୧୯୯୧, ୨୦୧୧ ଓ ୨୦୧୯ରେ ଦଳ ତୃତୀୟ ସ୍ଥାନରେ ରହିଥିଲା। ସ୍ପେନ୍ ନିକଟରୁ ସେମିରେ ପରାଜିତ ହେବା ପରେ ସୁଇଡେନ୍ ଦୃଢ ଭାବରେ ପ୍ରତ୍ୟାବର୍ତ୍ତନ କରିଥିଲା। ଆକ୍ରମଣାତ୍ମକ ଫୁଟବଲ ଖେଳିବା ସହିତ ଦଳ ୫୪ ପ୍ରତିଶତ ସମୟ ବଲକୁ ନିୟନ୍ତ୍ରଣରେ ରଖିଥିଲା। ସ୍ପେନ୍ ପକ୍ଷରୁ ୧୮ଟି ଫାଉଲ ମରାଯାଇଥିବା ବେଳେ ଦଳକୁ ଦୁଇଟି ରେଡ୍‌କାର୍ଡ ମିଳିଥିଲା।

ପ୍ରଥମ ୨୫ ମିନିଟର ଖେଳରେ ଉଭୟ ଦଳର ପ୍ରଦର୍ଶନ ପ୍ରାୟତଃ ସମାନ ରହିଥିଲା। ତେବେ ୩୦ତମ ମିନିଟରେ ମିଳିଥିବା ପେନାଲ୍ଟି କିକ୍‌ରୁ ପ୍ରଥମ ଗୋଲ ଦେଇଥିଲା ସୁଇଡେନ। ଅଷ୍ଟ୍ରେଲିଆର ଡିଫେଣ୍ଡର କ୍ଲେୟାର ହଣ୍ଟ ସୁଇଡେନ୍‌ର ଷ୍ଟିନା ବ୍ଲାକ୍‌ଷ୍ଟେନିସଙ୍କୁ ଫାଉଲ୍ ମାରିଥିଲେ। ଭାର୍ ରେଫରାଲ ପରେ ରେଫରି ଏହାକୁ ପେନାଲ୍ଟି କିକ୍ ଦେଇଥିଲେ। ଫ୍ରିଡୋଲିନା ରୋଲ୍ଫୋ ପୋଷ୍ଟର ବାମପଟ କର୍ନରକୁ ଟାର୍ଗେଟ କରିବା ସହିତ ୧-୦ରେ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧରେ ୧-୦ରେ ଆଗୁଆ ରହିବା ପରେ ସୁଇଡେନ୍ ଦ୍ୱିତୀୟାର୍ଦ୍ଧରେ ଆକ୍ରମଣାତ୍ମକ ଖେଳିଥିଲା। ୬୨ ତମ ମିନିଟରେ ଷ୍ଟିନା ବ୍ଲାକ୍‌ଷ୍ଟେନିସଙ୍କ ଆସିଷ୍ଟରେ ସ୍କୋର କରିବାରେ ସମର୍ଥ ହୋଇଥିଲେ କୋସୋଭେରେ ଆସଲାନି। ୨୦ ଗଜ ଦୂରରୁ ଶଟ୍ ମାରିବା ସହିତ ଆସଲାନି ଅଷ୍ଟ୍ରେଲୀୟ ଗୋଲକିପରଙ୍କୁ ପରାସ୍ତ କରିଥିଲେ। ସୁଇଡେନ୍ ଗୋଲ୍ କିପର ଜେନିରା ମୁସୋଭିକ୍ ଗୋଟିଏ ବି ଗୋଲ ବରଣ କରି ନ ଥିବା ବେଳେ ଆଉ ଏକ କ୍ଲିନ୍ ସିଟ୍ ହାସଲ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ରବିବାର ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଥିବା ଇଂଲଣ୍ଡ ଓ ସ୍ପେନ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ